

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com



**SAI SADHANA SCIENCE HIGHER SECONDARY SCHOOL, UDALA**

A Fully +2 Science Residential College

Dibyasingpur, Udala,

Dist: Mayurbhanj




**2nd Admission is going on**

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା ,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman



ବାଲେଶ୍ୱର ■ ରବିବାର ୦୨ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 02 AUGUST 2020

Vol.No. 30 ■ No. 194 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ବ୍ରହ୍ମପୁରରେ ଆଉ ଦୁଇଟି କୋଭିଡ ହସ୍ପିଟାଲ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ଗହଳିକୁ ଯାଆନ୍ତୁ ନାହିଁ, କୋଭିଡ ନିୟମକୁ ହାଲ୍‌କା ଭାବରେ ନିଅନ୍ତୁ ନାହିଁ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୩୧।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ବ୍ରହ୍ମପୁରରେ ୧୫୦ ଲେଖାଏଁ ଶଯ୍ୟା ଥିବା ଦୁଇଟି କୋଭିଡ ହସ୍ପିଟାଲ ଉଦ୍‌ଘାଟନ କରିଛନ୍ତି। ବ୍ରହ୍ମପୁରର କନିଷି ଠାରେ ଥିବା ଅମିତ୍ ହସ୍‌ପିଟାଲରେ କଟକର ଅଶ୍ୱିନୀ ହସ୍‌ପିଟାଲ ପକ୍ଷରୁ ଏହି ୧୫୦ ଶଯ୍ୟାବିଶିଷ୍ଟ କୋଭିଡ ହସ୍‌ପିଟାଲ ସ୍ଥାପନ କରାଯାଇଥିବାବେଳେ ଏଥିରେ ୨୪ଟି ଆଇସିୟୁ ବେଡ୍ ରହିଛି। ସେହିପରି ଏମକେସିଜି ହସ୍‌ପିଟାଲର ଶିଶୁ ୱାର୍ଡରେ ନୂଆ କୋଭିଡ ହସ୍‌ପିଟାଲ ଆରମ୍ଭ କରାଯାଇଛି। ଏଥିରେ ମଧ୍ୟ ୧୫୦ଟି ଶଯ୍ୟା ରହିଛି ଏବଂ ୨୪ଟି ଆଇସିୟୁ ବେଡ୍ ଅଛି। ପୂର୍ବରୁ ବ୍ରହ୍ମପୁରର ଶିତଳାପଲ୍ଲୀଠାରେ ଟାଟା କୋଭିଡ ହସ୍ ପିଟାଲରେ ଚିକିତ୍ସା ଜାରି ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଗଞ୍ଜାମ ଜିଲ୍ଲାରେ ସଂକ୍ରମଣ ହାର କ୍ରମାଗତ ଭାବରେ କମୁଛି। ଗଞ୍ଜାମରେ ଆରୋଗ୍ୟ ହାର ଜାତୀୟ ହାର ଠାରୁ ଅଧିକ ରହିଛି ଏବଂ ଜିଲ୍ଲାର ୮୫ ପ୍ରତିଶତ ଗ୍ରାମାଂଚଳ ସବୁଜ ଅଂଚଳରେ ରହିଛି। କିନ୍ତୁ ଯେପର୍ଯ୍ୟନ୍ତ ଟୀକା ବା ନିର୍ଦ୍ଦିଷ୍ଟ ଚିକିତ୍ସା ପଦ୍ଧତି ନ ବାହାରିଛି ଏହି ମହାମାରୀ ବିରୁଦ୍ଧରେ ଫଳପ୍ରଦ ଲଢେଇର ଏକମାତ୍ର ଉପାୟ ହେଉଛି ମାସ୍କର ବ୍ୟବହାର, ସାମାଜିକ ଦୂରତ୍ୱ ଓ ସରକାରଙ୍କ କୋଭିଡ ନିୟମାବଳୀର ପାଳନ । ଜନସାଧାରଣ କୋଭିଡ ନିୟମାବଳୀକୁ ହାଲକା ଭାବରେ ନ ନେଇ ଏହାର ଗୁରୁତ୍ୱକୁ ଭଲ ଭାବରେ ବୁଝନ୍ତୁ। ନିଜର ଏବଂ ନିଜ ପରିବାରର ସୁରକ୍ଷା ଦୃଷ୍ଟିରୁ ସବୁ କୋଭିଡ ନିୟମକୁ କଡାକଡି ଭାବରେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଏହି ଅବସରରେ ନିବେଦନ କରିବା ସହ ଗହଳି ନ ଯିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅନଲକ୍ ପରେ ଦେଶର ହଟସ୍ପଟ ଅଂଚଳରୁ ବହୁ ଲୋକ ଘରକୁ ଫେରିଛନ୍ତି। ▶▶ପୃଷ୍ଠା ୭

## ୬ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧।୮ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅଧାରୁ ଅଧିକ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୧୭ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବିଶେଷ କରି ମାଲକାନଗିରି, ସୁନ୍ଦରଗଡ, ରାୟଗଡା,ଗଜପତି , କୋରାପୁଟ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସେହିପରି ବର୍ଷା ଓ ବଜ୍ରପାତ ଆଶଙ୍କା ଥିବା ମୟୁରଭଂଜ, ସୁନ୍ଦରଗଡ, ଅନୁଗୁଳ, କେନ୍ଦୁଝର, ଢେଙ୍କାନାଳ , କଟକ, ଦେବଗଡ, କନ୍ଧମାଳ, ଗଂଜାମ, ଗଜପତି, ରାୟଗଡା, ନୟାଗଡ, କଳାହାଣ୍ଡି, କୋରାପୁଟ, ନୂଆପଡା , ଖୋର୍ଦ୍ଧା ଓ ମାଲକାନଗିରି ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ।

## ଓଡିଶାରେ ରହିଛି କରୋନାର ୫ ପ୍ରକାର ଭୂତାଣୁ

ଭୁବନେଶ୍ୱର,୧।୮ (ନି.ପ୍ର): ଓଡିଶାରେ କରୋନାର ୫ ପ୍ରକାର ଭୁତାଣୁ ଚିହ୍ନଟ ହୋଇଛି। ରାଜ୍ୟରେ କରୋନାର ୧୯-ଏ, ୧୯ –ବି , ୨୦-ଏ, ୨୦-ବି ଓ ୨୦-ସି ଭୁତାଣୁ ରହିଛନ୍ତି। ଭୂତାଣୁର ପ୍ରକାର ଚିହ୍ନଟ ହେବା ପରେ ଭ୍ୟାକ୍ସିନ୍ ନିର୍ମାଣ ସୁବିଧା ହେବ । ଶନିବାର ଦିନ ଆରଏମଆରସି ଏବଂ ଆଇଏଲଏସ ପକ୍ଷରୁ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଅଜୟ ପରିଡା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡିଶାରେ ଜିନମ ସର୍ଭେରୁ କରୋନାର ଏହି ୫ ପ୍ରକାର ଭୂତାଣୁ ଠାବ ହୋଇଛି । ଦେଶର ୧୩ ରାଜ୍ୟରୁ ଓଡିଶାର ୧୮ଟି ଜିଲ୍ଲାକୁ ଆସିଥିବା ପ୍ରବାସୀଙ୍କୁ ଠାରୁ ୨୨୫ ନମୁନା ସଂଗ୍ରହ କରାଯାଇ ଜିନମ ଷ୍ଟଡି କରାଯାଇଥିଲା। ଆରଏମଆରସି ଓ ଆଇଏଲଏସ ଷ୍ଟଡିରୁ ଜଣାପଡିଛି ଚିହ୍ନଟ ହୋଇଥିବା ଭୂତାଣୁ ମଧ୍ୟରୁ ୨୦-ସି ଭୁତାଣୁ କେବଳ ▶▶ପୃଷ୍ଠା ୭

## ରାଜ୍ୟସଭା ସାଂସଦ ଅମର ସିଂଙ୍କ ପରଲୋକ



ଲକ୍ଷ୍ନୌ,୩୧।୭ (ନି.ପ୍ର): ଶନିବାର ଅପରାହ୍ନରେ ରାଜ୍ୟସଭା ସଦସ୍ୟ ତଥା ସମାଜବାଦୀ ଦଳର ପୂର୍ବତନ ନେତା ଅମର ସିଂଙ୍କର ୬୪ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଅମର ସିଂ ଦୀର୍ଘ ସମୟ ଧରି ଅସୁସ୍ଥ ଥିଲେ ଏବଂ ପ୍ରାୟ ୬ ମାସ ଧରି ସିଙ୍ଗାପୁରରେ ଚିକିତ୍ସିତ ହେଉଥିଲେ। ୨୦୧୩ ରେ ଅମର ସିଂଙ୍କର କିଡନୀ ସମସ୍ୟା ଦେଖାଦେଇଥିଲା । ଏହାପରେ କିଡନୀ ପ୍ରତ୍ୟାରୋପଣ ପରେ ସେ ସୁସ୍ଥ ହୋଇ ରାଜନୀତିକୁ ଫେରିଥିଲେ। ଅସୁସ୍ଥତା ସତ୍ତ୍ୱେ ସେ ସାମାଜିକ ଗଣମାଧ୍ୟମରେ ଖୁବ୍ ସକ୍ରିୟ ଥିଲେ। ଆଜି ମଧ୍ୟ ସେ ବାଳଗଙ୍ଗାଧର ତିଳକଙ୍କ ମୃତ୍ୟୁ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଟୁଇଟ୍ କରିବା ସହ ନିଜ ଅନୁଗାମୀମାନଙ୍କୁ ଇଦ୍ ଅଲ୍ ଆଧା ଉପଲକ୍ଷେ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଚିକିତ୍ସା ପାଇଁ ସିଙ୍ଗାପୁର ଯିବା ପରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଗୁଜବ ପ୍ରଚାର ହୋଇଥିଲା। ଏହାକୁ ଖଣ୍ଡନ କରି ଗତ ମାର୍ଚ୍ଚ ୨ ତାରିଖ ଦିନ ସେ ଏକ ଭିଡିଓ ପୋଷ୍ଟ କରିଥିଲେ। ଭିଡିଓ ସହ ଛୋଟ ବାର୍ତ୍ତାରେ ସେ ଲେଖିଥିଲେ: ‘ଟାଇଗର୍ ଜିନ୍ଦା ହେ ‘।

## ରାଜ୍ୟରେ ଆଉ ୧୦ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୮୭ ହେଲା



ଭୁବନେଶ୍ୱର,୧।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାର ପାଂଚ ଜଣ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ ତଥା ଗଜପତି ଓ ସୁନ୍ଦରଗଡ ଜିଲ୍ଲାରୁ ଜଣେ ଜଣେ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ୫୪ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ୪୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗଂଜାମ ଜିଲ୍ଲାର ଜଣେ ୬୩ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେହିପରି ଗଂଜାମ ଜିଲ୍ଲାର କରୋନା ସଂକ୍ରମିତ ହୋଇଥିବା ଜଣେ ୫୬ ବର୍ଷୀୟା ମହିଳାଙ୍କ ମଧ୍ୟ ମୃତ୍ୟୁ ଘଟିଛି । ସେ ମଧୁମେହ, ହାଇପର ଟେନସନ ଓ ଅନ୍ୟ ରୋଗରେ ପୀଡିତ ଥିବା ବିଭାଗ ପ କ୍ଷରୁ ସୂଚନା ଦିଆ ଯାଇଛି। ସେହିପରି ଗଂଜାମ ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ହାଇପର ଟେନସନରେ ପୀଡିତ ଥିଲେ ।ସେହିପରି ଭାବେ ସୁନ୍ଦରଗଡ ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ, ହାଇପର ଟେନସନ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଗଜପତି ଜିଲ୍ଲାର ୪୯ ବର୍ଷ ବୟସ୍କ ବ୍ୟକ୍ତିଙ୍କର କରୋନା କାରଣରୁ ମୃତ୍ୟୁ ଘଟିଛି । ସେ ମଧୁ ମେହ ଓ ହାଇପର ଟେନସନରେ ପୀଡିତ ଥିଲେ। ଖୋର୍ଦ୍ଧା ଜିଲ୍ଲାର ୪୦ ବର୍ଷ ବୟସ୍କ ଜଣେ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ଡାଇବେଟିସରେ ପୀଡିତ ଥିଲେ। ସେହିପରି ଭାବେ ଭୁବନେଶ୍ୱରର ଜଣେ ୬୨ ଓ ୭୨ ବର୍ଷ ବୟସ୍କ ପୁରୁଷଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଅମାନିଆଙ୍କୁ ସାବାଡ଼୍ କରିବାକୁ ହ୍ୱାଟସଆପ୍ ନମ୍ବର ଜାରି କଲେ ଡିସିପି

ଭୁବନେଶ୍ୱର,୧।୮ (ନି.ପ୍ର): କରୋନା ବିରୋଧୀ ଲଢ଼େଇ ପାଇଁ ସର୍ବସାଧାରଣଙ୍କ ଲାଗି ହ୍ୱାଟସଆପ୍ ନମ୍ବର ଜାରି କରିଛନ୍ତି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ। କେହି କୋଭିଡ୍ କଟକଣା ଉଲ୍ଲଂଘନ କରୁଥିଲେ ଜରସାଧାରଣ ହ୍ୱାଟ୍‌ସଆପ୍ ନମ୍ବର-୭୪୪୦୦୦୬୭୦୯ ଜରିଆରେ ଜଣାଇପାରିବେ। ଉଲ୍ଲଙ୍ଘନକାରୀଙ୍କ ▶▶ପୃଷ୍ଠା ୭

## ଦେଶରେ ୨୪ ଘଂଟାରେ ୫୭,୧୧୭ କରୋନା ରୋଗୀ

ନୂଆଦିଲ୍ଲୀ,୧।୮ (ନି.ପ୍ର): ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ୧୭ ଲକ୍ଷ ଛୁଇଁବାକୁ ଯାଉଛି। ଗତ ୨୪ ଘଂଟା ମଧ୍ୟରେ ରେକର୍ଡ ସଂଖ୍ୟକ ୫୭ ହଜାର ୧୧୭ ଟି ନୂଆ କରୋନା ମାମଲା ସାମ୍ନାକୁ ଆସିଛି। ଏହା ସହିତ କରୋନା ରୋଗୀଙ୍କ ସଂଖ୍ୟା ୧୬,୯୫,୯୮୮ କୁ ବୃଦ୍ଧି ପାଇଛି। ସେହିପରି ଗତ ୨୪ ଘଂଟା ମଧ୍ୟରେ କରୋନା ଯୋଗୁଁ ୭୬୪ ଜଣଙ୍କର ମୃତ୍ୟୁ ହୋଇଛି। ଦେଶରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩୬,୫୧୧ କୁ ବୃଦ୍ଧି ପାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ବର୍ତ୍ତମାନ ଦେଶରେ ୫,୬୫,୧୦୩ ସକ୍ରିୟ ରୋଗୀ ଅଛନ୍ତି। ଆଶ୍ୱସ୍ତିକର ଖବର ହେଉଛି ଦେଶରେ ଗତ ୨୪ ଘଂଟା ମଧ୍ୟରେ ୩୬,୫୬୮ ରୋଗୀ ସୁସ୍ଥ ହୋଇଯାଇଛନ୍ତି।

## ପୁଞ୍ଛରେ ପାକିସ୍ତାନର ଅସ୍ତ୍ର ବିରତି ଉଲ୍ଲଂଘନ: ଜଣେ ଭାରତୀୟ ଯବାନ୍ ସହିଦ



ପୁଞ୍ଛ,୧।୮ (ନି.ପ୍ର): ପୁଞ୍ଛ ଜିଲ୍ଲାର କସବା-କିରାନି ଏବଂ ବାଲାକୋଟ ସେକ୍ଟରରେ ଶୁକ୍ରବାର ବିଳମ୍ବିତ ରାତିରେ ପାକିସ୍ତାନ ଅସ୍ତ୍ର ବିରତି ଉଲ୍ଲଂଘନ କରି ପ୍ରବଳ ଗୁଳି ଚଳାଇଥିଲା। ଭାରତୀୟ ସୈନିକମାନେ ମଧ୍ୟ ଏହାର ଉପଯୁକ୍ତ ଜବାବ୍ ଦେଇଥିଲେ। ତେବେ ଏହି ସଂଘର୍ଷରେ ଭାରତୀୟ ଯବାନ୍ ରୋହନ କୁମାର ସହୀଦ ହୋଇଛନ୍ତି। ପୁଞ୍ଛ ଜିଲ୍ଲାର ବାଲୋକୋଟରେ ଥିବା ଲାଇନ ଅଫ୍ କଂଟ୍ରୋଲ ସହରାଂଚଳ ତଥା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ପାକିସ୍ତାନୀ ସେନା ଗୁଳି ଚଳାଇଥିଲା। ଏହାସହ ପାକିସ୍ତାନୀ ସେନାସେକ୍ଟରରେ ଅବସ୍ଥିତ ଭାରତୀୟ ପୋଷ୍ଟ ▶▶ପୃଷ୍ଠା ୭

## ପଂଜାବ ବିଷାକ୍ତ ମଦମୃତ୍ୟୁ ମାମଲା: ମୃତ୍ୟୁ ସଂଖ୍ୟା ୪୧ କୁ ବୃଦ୍ଧି



ଚଣ୍ଡିଗଡ଼,୧।୮ (ନି.ପ୍ର): ପଞ୍ଜାବର ସୀମାବର୍ତ୍ତୀ ଅମୃତସର, ତରନ ତାରନ ଏବଂ ଗୁରୁଦାସପୁରରେ ବିଷାକ୍ତ ମଦ ପିଇବା ଘଟଣାରେ ମୃତ୍ୟୁ ସଂଖ୍ୟା ୪୧ କୁ ବୃଦ୍ଧି ପାଇଛି। ଏହି ଘଟଣାରେ ରାତି ତମାମ୍ ଚଢାଉ ପରେ ଆଠ ଜଣଙ୍କୁ ଗିରଫ କରାଯାଇଥିବା ଥିବା ବେଳେ ବିଭିନ୍ନ ସ୍ଥାନରୁ ବିଷାକ୍ତ ଏବଂ କଂଚା ମଦ ଜବତ କରାଯାଇଛି। ପଞ୍ଜାବ, ଅମୃତସର, ତରନ ତାରନ ଏବଂ ଗୁରୁଦାସପୁର ଜିଲ୍ଲାରେ ବିଷାକ୍ତ ମଦ ପିଇ ମୃତ୍ୟୁ ପ୍ରକ୍ରିୟା ଗୁରୁବାର ରାତିରୁ ଆରମ୍ଭ ହୋଇଥିଲା। ଶନିବାର ସକାଳ ୭ ଟା ସୁଦ୍ଧା ମୃତ୍ୟୁସଂଖ୍ୟା ୪୧ ରେ ପହଂଚିଛି। ଶୁକ୍ରବାର ଦିନ ପଞ୍ଜାବର ମୁଖ୍ୟମନ୍ତ୍ରୀ କ୍ୟାପଟେନ ଅମରିନ୍ଦର ସିଂ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଛାନଭିନ୍ ପରେ ଜଣାପଡିଛି ଯେ ତରନ ତାରନ ଜିଲ୍ଲାର ଅନେକ ଗାଁରେ ଲୋକମାନେ କେବଳ ନିଜ ଘରେ ମଦ ତିଆରି କରୁନାହାଁନ୍ତି, ବରଂ ପୋଲିସ ସହିତ ମିଶି ଘରେ ବେଆଇନ ବାର ମଧ୍ୟ ଚଳାଉଛନ୍ତି। ସେପଟେ ଶୁକ୍ରବାର ରାତିରେ ପୋଲିସ ଅନେକ ସ୍ଥାନରେ ଚଢାଉ କରି ବହୁ ପରିମାଣର ବିଷାକ୍ତ ମଦ ଜବତ କରିଛି। ଏହି ସମୟରେ, ଶନିବାର ସକାଳ ପର୍ଯ୍ୟନ୍ତ ତାରନ ତରାନରେ ୨୦ ଜଣ, ଅମୃତସରରେ ୧୩ ଜଣ ଏବଂ ଗୁରୁଦାସପୁରରେ ୮ ଜଣଙ୍କର ମୃତ୍ୟୁ ଘଟିଛି। ▶▶ପୃଷ୍ଠା ୭

## ହରିଦାସପୁର-ପାରାଦୀପ ଟ୍ରାକରେ ଟ୍ରାଏଲ୍ ରନ୍‌ରେ ବାଧା ନ ଦେବାକୁ ଅନୁରୋଧ କଲା ରେଲୱେ



ଭୁବନେଶ୍ୱର,୧।୮ (ନି.ପ୍ର): ବହୁ ପ୍ରତିକ୍ଷିତ ହରିଦାସପୁର-ପାରାଦ୍ୱୀପ ରେଳପଥ ନିର୍ମାଣ କାର୍ଯ୍ୟ ଶେଷ ହେବା ଉପରେ। ପରୀକ୍ଷାମୂଳକ ମାଲବାହୀ ଟ୍ରେନ୍ ଚଳାଚଳ ୩୧ ଜୁଲାଇରୁ ଆରମ୍ଭ ହୋଇଥିଲା।ଏହି ରେଳପଥରେ ନିରାପଦ ଟ୍ରେନ୍ ଚଳାଚଳ କରିବାକୁ ହେଲେ ମାଲବାହୀ ଟ୍ରେନ୍‌ର ପରୀକ୍ଷାମୂଳକ ଚଳାଚଳ ବା ଟ୍ରାଏଲ୍ ରନ୍ ଏକାନ୍ତ ଆବଶ୍ୟକ। ଏଥିରେ ବାଧା ଦେଲେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆହୁରି ବିଳମ୍ବ ହେବ। ତେଣୁ ଜନସାଧାରଣ ଏଥିରେ ବାଧା ସୃଷ୍ଟି ନକରିବାକୁ ପୂର୍ବତଟ ରେଳପଥ ଜନସାଧାରଣଙ୍କୁ ଅନୁରୋଧ କରିଛି। ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ଯେ ▶▶ପୃଷ୍ଠା ୭

## ଲୋଡିଂ ବେଳେ କ୍ରେନ୍ ଓଲଟି ୧୦ ମୃତ

ବିଶାଖାପାଟନମ,୧।୮ (ନି.ପ୍ର): ଆନ୍ଧ୍ରପ୍ରଦେଶର ବିଶାଖାପାଟନମ ସ୍ଥିତ ହିନ୍ଦୁସ୍ତାନ ଜାହାଜ କାରଖାନାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଶନିବାର ହିନ୍ଦୁସ୍ତାନ ସିପୟାର୍ଡ ଲିମିଟେଡରେ ଏକ ଲୋଡିଂ ସମୟରେ ଏକ ଭାରୀ କ୍ରେନ୍ ଖସିପଡିବାରୁ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ୱାଇ .ଏସ୍ ଜଗନମୋହନ ରେଡ୍ଡୀ ବିଶାଖାପାଟନମର ଜିଲସ୍ୱାଳ ତଥା ସହରର ପୋଲିସ କମିଶନରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ କାରଖାନାର ସିପୟାର୍ଡରେ ଏକ ବିଶାଳ କ୍ରେନ୍ ଖସିପଡିବା ପରେ ଜୀବନ ବଂଚାଇବା ପାଇଁ ଦୌଡାଦୌଡି ଆରମ୍ଭ ହୋଇଯାଇଥିଲା। ଭଙ୍ଗା କ୍ରେନ୍ ତଳେ ଫସି ରହିଥିବା କିଛି ଲୋକଙ୍କୁ ଉଦ୍ଧାର କରାଯାଇଥିଲା।

# ଛିଡା ହୋଇଥିବା ଟ୍ରକକୁ ଧକ୍କା ଦେଇ ଟ୍ରକ ଚାଳକ ମୃତ

ନୂଆପଡା,୦୧।୮ (ନି.ପ୍ର): ଖଡିଆଳ-ନୂଆପଡା ୩୫୩ ନଂ ଜାତୀୟ ରାଜପଥର ଲକ୍ଷ୍ମୀପୁର ଗ୍ରାମ ନିକଟରେ ଏକ ଛିଡା ହୋଇଥିବା ଟ୍ରକକୁ ଅନ୍ୟ ଏକ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ଟ୍ରକ ଚାଳକଙ୍କର ମୃତ୍ୟୁ ହୋଇଯାଇଛି । ସୂଚନାମତେ ଶୁକ୍ରବାର ଭୋର ୩.୩୦ ମିନିଟ ସମୟରେ ଲୁହାରଡ ବୋଝେଇ ଏକ ଟ୍ରକ ନୂଆପଡାରୁ ଖଡିଆଳ ପଟକୁ ଆସୁଥିବା ବେଳେ ପୂର୍ବରୁ ଲକ୍ଷ୍ମୀପୁର ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇ ରହିଥିବା ଅନ୍ୟ ଏକ ଟ୍ରକକୁ ପଛପଟରୁ ଧକ୍କା ଦେଇଥିଲା । ଯାହା ଫଳରେ ଟ୍ରକ ଚାଳକ ବାସୁଦେବ ମାଝୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ମୃତ ଟ୍ରକ ଚାଳକଙ୍କ ଘର ଗଞ୍ଜାମ ଜିଲାର ଭଞ୍ଜନଗର ଅଂଚଳର ପଇତାଗାଁ ବୋଲି ଜଣାପଡିଛି । ସେହି ଟ୍ରକର ହେଲପର ଗୁରୁତର ଆହତ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ହେଲପରଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ତାଙ୍କର ପରିଚୟ ଜଣାପଡିନାହିଁ । ଖଡିଆଳ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଟ୍ରକ ଚାଳକଙ୍କ ମୃତ ଦେହକୁ କ୍ରେନ ସାହାର୍ଯ୍ୟରେ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ଚାକିରୀ ଅବଧି ବଢାଇବା ପାଇଁ ଡାଟାଏଣ୍ଟ୍ରି ଅପରେଟରଙ୍କ ଦାବି

କେନ୍ଦ୍ରାପଡା,୦୧।୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଭିନ୍ନ ବ୍ଲକରେ ଡାଟାଏଣ୍ଟ୍ରି ପଦବୀରେ ଅସ୍ଥାୟୀ ଭାବେ ନିଯୁକ୍ତି ଥିବା କର୍ମଚାରୀ ମାନଙ୍କର ଚାକିରୀ ଅବଧି ଶେଷ ହୋଇ ଯାଇଛି । ଏହି ଡାଟାଏଣ୍ଟ୍ରି ଅପରେଟର ମାନେ ଡି.ଡବ୍ଲ୍ୟୁ.ଏସ.ଏମ ଅଧିନରେ କାର୍ଯ୍ୟରତ ଥିଲେ । ତେବେ ସେମାନଙ୍କର ଚାକିରୀ ଅବଧି ଶେଷ ହୋଇଥିବାରୁ ପୁନଃ ନିଯୁକ୍ତି ନିମନ୍ତେ ଡି.ଡବ୍ଲ୍ୟୁ.ଏସ.ଏମ ର ଚେୟାରମ୍ୟାନ୍ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ରୁନି ସାମନ୍ତରାୟ, କ୍ଷଣପ୍ରଭା ଜେନା, ମାନସ ରଞ୍ଜନ ଜେନା, ରତିକାନ୍ତ ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି ।

# ହୋମିଓପ୍ୟାଥିକ ଡ଼ାକ୍ତରଙ୍କୁ କନିଷ୍ଠ ପ୍ରଥମ ଶ୍ରେଣୀ ଡ଼ାକ୍ତର ମାନ୍ୟତା ଓ ଅବସର ସୀମା ୬୫କୁ ବୃଦ୍ଧି କରାଇବାକୁ ଦାବି

ବାରିପଦା,୦୧।୮ (ନି.ପ୍ର): ହୋମିଓପ୍ୟାଥିକ ସରକାରୀ ସେବାସଙ୍ଘ ପକ୍ଷରୁ ହୋମିଓପ୍ୟାଥିକ ଡ଼ାକ୍ତରମାନଙ୍କ ମୂଳ ପଦବୀକୁ ବର୍ଦ୍ଧିତ କରାଯାଇ କନିଷ୍ଠ ପ୍ରଥମ ଶ୍ରେଣୀ ଡ଼ାକ୍ତରର ମାନ୍ୟତା ପ୍ରଦାନ କରାଯିବା ସହ ଚାକିରୀ କ୍ଷେତ୍ରରେ ଅବସର ଗ୍ରହଣ ସମୟ ସୀମାକୁ ୬୦ ବର୍ଷରୁ ୬୫ ବର୍ଷକୁ ବୃଦ୍ଧି କରାଯିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ସଙ୍ଘ କାର୍ଯ୍ୟାଳୟର ପତ୍ରସଂଖ୍ୟା ୪୭/୨୦୨୦ରେ ଦାବି କରାଯାଇଛି । ହୋମିଓପ୍ୟାଥିକ ଡ଼ାକ୍ତରମାନଙ୍କର ଏହି ଦୁଇ ମୁଖ୍ୟ ଦାବି ସରକାର ପୂରଣ କରାଇବା କ୍ଷେତ୍ରରେ ବିହିତ ପଦକ୍ଷେପ ଗ୍ରହଣ କଲେ ଏହା ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଡ଼ାକ୍ତରମାନଙ୍କର ମନୋବଳକୁ ଦୃଢ଼ କରାଇବ ବୋଲି ସଂଘର ସଭାପତି ଡ଼ା. ଗୋପାଳ ଚନ୍ଦ୍ର ବେହେରା ଗଣମାଧ୍ୟମକୁ ଜାରି କରିଥିବା ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି । ସେହିପରି ସରକାରୀ ହୋମିଓପ୍ୟାଥିକ ଚିକିତ୍ସକ ସଙ୍ଘର ବିଭିନ୍ନ ଦାବିର ଆଶୁ ସମାଧାନ ନିମନ୍ତେ ୨୦୧୮ ଅଗଷ୍ଟ ୨୮ରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ୨୦୧୮ ଅଗଷ୍ଟ ୩ରେ ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଦୁଇ ଦୁଇ ଥର ବୈଠକ ବସିଥିଲା । ସଂଘର ମୁଖ୍ୟ ଦୁଇଟି ଦାବି ପୂରଣ ଉପରେ ଆୟୁଷ ନିର୍ଦ୍ଦେଶକଙ୍କ ପରାମର୍ଶ ଓ ମତାମତ ଲୋଡ଼ାଯାଇଥିଲା ଏବଂ ଆୟୁଷ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୨୮/୦୯.୦୧.୨୦୧୯ ଓ ପତ୍ର ସଂଖ୍ୟା ୭୩୧୯/୦୭.୦୮.୨୦୧୯ ଅନୁସାରେ କାର୍ଯ୍ୟରତ ହୋମିଓପ୍ୟାଥିକ ଓ ଆୟୁର୍ବେଦିକ୍ ଡ଼ାକ୍ତରମାନଙ୍କୁ କନିଷ୍ଠ ପ୍ରଥମ ଶ୍ରେଣୀ ମାନ୍ୟତା ଓ ଅବସରକାଳୀନ ବୟସ ସୀମାକୁ ୬୨ ବର୍ଷକୁ ବୃଦ୍ଧି କରାଇବା ନିମନ୍ତେ ସରକାରଙ୍କୁ ପତ୍ରରେ ଜଣାଇଥିଲେ । କିନ୍ତୁ ସରକାରଙ୍କ ପକ୍ଷରୁ ଅଦ୍ୟାବଧି ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ପାରିଲା ନାହିଁ । ଅଧିକନ୍ତୁ ଏମବିବିଏସ ଡ଼ାକ୍ତରମାନଙ୍କ ଅବସର ବୟସକୁ ୬୨ରୁ ୬୫କୁ ବୃଦ୍ଧି କରାଇବା ସାଙ୍ଗକୁ ଡ଼ିଏସିପି(ଡ଼ାଇରେକ୍ଟ ଏସିଓର୍ଡ୍ କ୍ୟାରିଅର ପ୍ରୋଗ୍ରେସନ)କୁ ଲାଗୁ କରାଇଛନ୍ତି । ବର୍ତ୍ତମାନ କୋଭିଡ଼-୧୯ ମହାମାରୀ ସମୟରେ ସରକାର କୋଭିଡ଼ କେୟାର ଓ କୋଭିଡ଼ ଚିକିତ୍ସାଳୟଗୁଡ଼ିକରେ ହୋମିଓପ୍ୟାଥିକ ଓ ଆୟୁର୍ବେଦିକ ଡ଼ାକ୍ତରମାନଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ଡ଼ାକ୍ତରମାନେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ନିଷ୍ଠାପର ଭାବେ କରୋନା ସଂକ୍ରମିତ ବ୍ୟକ୍ତିମାନଙ୍କର ସେବା କରିଆସୁଛନ୍ତି । ଏଥି ସହିତ ଗଞ୍ଜାମ ଜିଲ୍ଲାକୁ ୧୦୦ ହୋମିଓପ୍ୟାଥିକ ଓ ଆୟୁର୍ବେଦିକ ଡ଼ାକ୍ତରଙ୍କୁ କୋଭିଡ଼-୧୯ ମୁକାବିଲା ନିମନ୍ତେ ନିଯୁକ୍ତି ଦେଇଛନ୍ତି । ହୋମିଓପ୍ୟାଥିକ ଡ଼ାକ୍ତରମାନେ ନିଷ୍ଠାର ସହିତ ସେବା ଯୋଗାଇ ଦେଇ ଆସୁଥିବା ସମୟରେ ସରକାର ସେମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ବୈମାତୃକ ମନୋଭାବ ପୋଷଣ କାର୍ଯ୍ୟରତ ଡ଼ାକ୍ତରମାନଙ୍କୁ ଆଘାତ ପହଁଞ୍ଚାଇଛି ବୋଲି ସଭାପତି ଡ଼ା.ବେହେରା ପ୍ରକାଶ କରିଛନ୍ତି ।

# ଚାଲାଣ ବେଳେ ୪ କ୍ୱିଣ୍ଟାଲ ୮୧ କିଗ୍ରା ଗଞ୍ଜେଇ ସମେତ ଟ୍ରକ ଜବତ : ୨ଗିରଫ

### ଜିଲ୍ଲାରେ ଚାଲିଛି କଣ୍ଟନମେଣ୍ଟ ଓ ସଟଡାଉନ, କଟକ ଆଠଗଡକୁ ଚାଲାଣ ହେଉଛି ଗଞ୍ଜେଇ

କନ୍ଧମାଳ,୦୧।୮ (ନି.ପ୍ର): କନ୍ଧମାଳ ଜିଲାର ଫିରିଙ୍ଗିଆ ଥାନା ପୋଲିସ ସେହି ଅଂଚଳରେ ଥିବା ବାଲକିଡାଡି ନିକଟରେ ଗୋଟିଏ ଟ୍ରକରୁ ୪୮୧ କିଗ୍ରା ଗଞ୍ଜେଇ ଫିରିଙ୍ଗିଆ ଅଂଚଳରୁ କଟକ ଜିଲା ଆଠଗଡକୁ ଚାଲାଣ ହେଉଥିବା ପୋଲିସ ସୂତ୍ରରୁ ଜଣାପଡିଛି । ଏହି ଗଞ୍ଜାଇର ଆନୁମାନିକ ମୁଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଫୁଲବାଣୀ ଏସଡିପିଓ ମହେନ୍ଦ୍ର ମୁର୍ମୁ କହଛନ୍ତି । ଏହି ଗଞ୍ଜେଇ ଚାଲାଣ ହେବାକୁ ଥିବା ନେଇ ପୂର୍ବ ସୁଚନା ପାଇବାପରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରାଓ୍ୱାଲଙ୍କ ନିର୍ଦ୍ଦେଶରେ ଏବଂ ଫୁଲବାଣୀ ଏସଡିପିଓଙ୍କ ତତ୍ୱାବଧାନରେ ଫିରିଙ୍ଗିଆ ଥାନା ଅଧିକାରୀଙ୍କ ପରିଚାଳନାରେ ଏସଆଇ ଦସରଥ ହେମ୍ବ୍ରମ ସଦଳବଳେ ବାଲକିଡାଡି ଠାରେ ପହଂଚି ଗୁରୁବାର ସଂନ୍ଧ୍ୟା ୬.୩୦ ମିନିଟ ସମୟରେ ଗାଡି ମୋଟର ତନଖି କରିବା ବେଳେ ଓଆର-୨୩-ଡି-୯୮୯୨ ନମ୍ବର ଥିବା ଗୋଟିଏ ଟାଟା-୨୫୧୬ ମଡେଲ ଟ୍ରକ ସେଠାରେ ପହଂଚିଥିଲା । ପୋଲିସ ସେହି ଗାଡିକୁ ତଲାସି ନେବାପରେ ସେଥିରୁ ୧୦ଟି ଜରି ବସ୍ତାରେ ଗଞ୍ଜେଇ ବାହାରିଥିଲା । ପୋଲିସ ଗାଡିରେ ଥିବା ଗଞ୍ଜାମ ଜିଲା ଗୋଷାଣିନୁଆଗାଁ ଥାନା ଅନ୍ତର୍ଗତ ଖଜୁରିଆ ପୋସ୍ତଫୁଲତା ଗ୍ରାମର ପ୍ରକାଶ ପ୍ରଧାନ(୫୨) ଏବଂ ନୟାଗଡଜିଲା ଓଡଗାଁଥାନା ଅଂଚଳର ରଙ୍ଗନାପାଟଣା ଗ୍ରାମର ବ୍ରଜକିଶୋର ଡାକୁଆ(୨୪)ଙ୍କୁ ଗିରଫ କରିଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରିବାପରେ ସେଥିରେ ୪୮୧ କିଗ୍ରା ଗଞ୍ଜେଇ ଥିବା ଜଣାପଡିଥିଲା ଯାହାର ଆନୁମାନିକ ମୁଲ୍ୟ ୧୫ ଲକ୍ଷ ଟଙ୍କା ବୋଲି ଆଜି ଫୁଲବାଣୀ ଏସଡିପିଓ ମହେନ୍ଦ୍ର ମୁର୍ମୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଏହି ସଂକ୍ରାନ୍ତରେ ଫିରିଙ୍ଗିଆ ଥାନା ପୋଲିସ ଏକ ମାମଲା ୬୫/୨୦୨୦ ରୁଜୁ କରିବା ସହିତ ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବା ଜଣପଡିଛି । ତେବେ ଜିଲାରେ ତଥା ଜିଲା ବାହାରେ ମଧ୍ୟ କରୋନା ସଂକ୍ରମଣ ପାଇଁ କରାଯାଇଥିବା ଏତେ କଟକଣା ସତ୍ୱେ ଏହି ଚାଲାଣକାରୀ ମାନେ କିପରି ଜିଲାରେ ପହଂଚିବା ସହିତ ଫିରିଙ୍ଗିଆ ଅଂଚଳରୁ ଗଞ୍ଜେଇ ସଂଗ୍ରହ କରି ଚାଲାଣ କରିବାରେ ସକ୍ଷମ ହେଉଛନ୍ତି ତାହା ବର୍ତମାନ ଚର୍ଚ୍ଚାର ବିଷୟ ।

## ପୋଖରୀରୁ ମୃତଦେହ ଉଦ୍ଧାର

ଭଦ୍ରକ, ୦୧/୮ (ହି.ସ.) - ୧୬ନଂ ଜାତୀୟ ରାଜପଥ ବହୁଦରଡା ଛକ ନିକଟରେ ଏକ ପୋଖରୀରୁ ଭାସୁଥିବା ଅବସ୍ଥାରେ ମୃତ ଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ବହୁଦରଡା ଗ୍ରାମର କମଳାକାନ୍ତ ନାୟକ । କମଳାକାନ୍ତ ଗତକାଲି ଠାରୁ ନିଖୋଜ ଥିଲେ, ପରିବାର ଲୋକ ବହୁ ଖୋଜାଖୋଜି କଲାପରେ ପାଇନଥିଲେ । କିନ୍ତୁ ଭଦ୍ରକ ଗ୍ରାମାଂଚଳ ଥାନା ଅନ୍ତର୍ଗତ ବହୁଦରଡା ଛକ ନିକଟରେ ଥିବା ଏକ ପୋଖରୀରେ ଯୁବକଙ୍କ ମୃତ ଶରୀର ଭାସୁଥିବାର କିଛି ଗ୍ରାମବାସୀ ଦେଖିବାକୁ ପାଇଥିଲେ । ପରେ ଏହି ଘଟଣାକୁ ଦେଖିବା ପାଇଁ ଲୋକଙ୍କ ରୁଣ୍ଡ ହୋଇଥିଲା । ଏ ସଂପର୍କରେ ଗ୍ରାମବାସୀମାନେ ପୁଲିସ୍‌କୁ ଖବର ଦେବା ପରେ ଗ୍ରାମା ଳ ପୁଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

# ରାଜ୍ୟ ସଂଗ୍ରହାଳୟଠାରେ ପ୍ରତିଷ୍ଠା ହେଲା ନୌ-ବାଣିଜ୍ୟ ଗ୍ୟାଲେରୀ

ଭୁବନେଶ୍ୱର,୦୧।୮ (ନି.ପ୍ର): ରାଜ୍ୟ ସଂଗ୍ରହାଳୟ ଠାରେ ନୌ-ବାଣିଜ୍ୟ ଐତିହ୍ୟ ଗ୍ୟାଲେରୀର ଉନ୍ମୋଚିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷଠାରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍‌ଲାଇନ୍ ରେ ଏହାର ଭର୍ଚୁଆଲ ଉନ୍ମୋଚନ କରିଥିଲେ । ଉନ୍ମୋଚନ ଅବସରରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଏହି ଗ୍ୟାଲେରୀ ଆଗାମୀ ପିଢ଼ି ପାଇଁ ବହୁ ଉପାଦେୟ ହେବା ସହ ଏ କ୍ଷେତ୍ରରେ କାର୍ଯ୍ୟରତ ଗବେଷକ, ଜିଜ୍ଞାସୁ ଓ ଇତିହାସପ୍ରେମୀମାନଙ୍କୁ ଏହା ବହୁ ମୂଲ୍ୟବାନ ତଥ୍ୟ ଯୋଗାଇ ପାରିବ ବୋଲି କହିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓଡ଼ିଆମାନେ ନୌବାଣିଜ୍ୟରେ କିପରି ନିପୁଣ ଥିଲେ ସେ ଉପରେ ଆଲୋପାତ କରିଥିଲେ । ସେମାନେ ଦରିଆପାରି ଦେଶମାନଙ୍କରେ ବାଣିଜ୍ୟ କରି କେବଳ ଧନ ଅର୍ଜନ କରୁ ନଥିଲେ ବରଂ ସେଠାରେ ସେମାନେ ସାଂସ୍କୃତିକ ଔପନିବେଶ ପ୍ରତିଷ୍ଠା କରି ପାରିଥିଲେ । ଏବେ ବି ଜାଭା, ସୁମାତ୍ରା, ବାଲି, ଇଣ୍ଡୋନେସିଆରେ ହିନ୍ଦୁ କିମ୍ବଦନ୍ତୀ, ଐତିହ୍ୟ ଦେଖିବାକୁ ମିଳେ ବୋଲି ସେ କହିଥିଲେ । ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ନାୟକ ଆମ ଇତିହାସର ପ୍ରକୃତ ମୂଲ୍ୟାଙ୍କନ କରିବାରେ କିଛିଟା ତ୍ରୁଟି ରହିଛି । ନଚେତ ଓଡ଼ିଆମାନେ ହିଁ ବୋଧହୁଏ ସର୍ବପ୍ରଥମ ଉପନିବେଶ ପ୍ରତିଷ୍ଠା କରିଥିଲେ ବୋଲି ଅନୁମାନ କରାଯାଏ ବୋଲି ଉଲ୍ଲେଖ କରିଥିଲେ । ଏହି ଭର୍ଚୁଆଲ ବୈଠକରେ ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନର ସଚିବ ଡ. ସୁନୀଲ କୁମାର ପଟ୍ଟନାୟକ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଏହି ଗ୍ୟାଲେରୀ ସଂପର୍କରେ ବିବରଣୀ ଉପସ୍ଥାପନ କରିଥିଲେ । ଏଠାରେ ପ୍ରଦର୍ଶିତ ହୋଇଥିବା ସାମଗ୍ରୀଗୁଡ଼ିକ ଭାରତର ତଥା ଓଡ଼ିଶାର ବିଭିନ୍ନ ଅଂଚଳରୁ ସଂଗୃହୀତ କରାଯାଇଛି । ପ୍ରନିତାତ୍ତ୍ୱିକ ପ୍ରମାଣଗୁଡ଼ିକ ବିଶେଷ ଭାବରେ ପ୍ରଦର୍ଶିତ କରାଯାଇଛି । ସାମଗ୍ରିକ ଭାବେ ଏହା ଏକ ନୂତନ ପ୍ରୟାସ ଯେଉଁଠାରେ କି ଓଡ଼ିଶାର ପ୍ରାଚୀନ ବୈଭବର ଏକ ଦୃଷ୍ଟାନ୍ତ ଏହି ଗ୍ୟାଲେରୀରେ ପ୍ରଦର୍ଶିତ ହୋଇଛି । ଏହି ନୌବାଣିଜ୍ୟ ଐତିହ୍ୟ ଗ୍ୟାଲେରୀ ଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି । ପରେ ପ୍ରତିଷ୍ଠାନ ତରଫରୁ ପ୍ରଣିତ ଇଂରାଜୀ ପୁସ୍ତିକା 'ଦି ଇଂଟିମେଟ୍ ଏନ୍‌କାଉଂଟର୍ସ, ଅର୍ଲି ଓଡ଼ିଶା ଆଣ୍ଡ ସାଉଥଇଷ୍ଟ ଏସିୟା'ର ଏବଂ ବିଶ୍ୱ ମହାମାରୀ କରୋନାରେ ପ୍ରପୀଡ଼ିତ ମାନଜାତିର ପରିବର୍ତିତ ଜୀବନଚର୍ଯ୍ୟା, ମାନସିକ ସ୍ଥିତି, ଆତଙ୍କ ଓ ଆଶୀର୍ବାଦର ଏକ ସୁନ୍ଦର ଉପସ୍ଥାପନାକୁ ନେଇ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀଙ୍କ ଦ୍ୱାରା ଲିଖିତ ଓ 'ସୃଜନ' ପ୍ରକାଶିତ କ୍ଷୁଦ୍ର ପୁସ୍ତିକା 'ଲକ୍ ଡାଉନ୍' ଉନ୍ମୋଚିତ ହୋଇଥିଲା ।

## ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,୦୧।୮ (ନି.ପ୍ର): କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏ.ବି.ଇ.ଓ) ତଥା ବି.ଆର.ସି.ସି ଭାବେ କର୍ତବ୍ୟରତ ଥିବା ଭାଗିରଥୀ ନନ୍ଦଙ୍କୁ ଶୁକ୍ରବାର ଅପରାହ୍ନରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏନେଇ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ଦିପ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ସେକ ମନସୁର ଅଲ୍ଲୀ, ରାଜେନ୍ଦ୍ର ପ୍ରସାଦ ରାଉତ, ଅଶୋକ ଦାସଙ୍କ ସମେତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ରାଜ୍ୟରେ କୋଭିଡ୍ ଟେଷ୍ଟିଂ ଦକ୍ଷତା ବଢାଇବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

### ଖୁବ୍ ଶୀଘ୍ର ଖୋଲିବ ଆଉ ୬ ପରୀକ୍ଷାଗାର

ଭୁବନେଶ୍ୱର,୦୧।୮ (ନି.ପ୍ର): ରାଜ୍ୟର ସ୍ୱୀକୃତ କ୍ଲିନିକାଲ୍ ପରୀକ୍ଷାଗାର ମାନଙ୍କରେ କୋଭିଡ୍ ଟେଷ୍ଟ କ୍ଷମତା ବୃଦ୍ଧି ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି । ଟେଷ୍ଟିଂ ଦକ୍ଷତା ଆହୁରି ଅଧିକ ବଢ଼ାଇବା ପାଇଁ ମୁଖ୍ୟ ଶାସନ ସଚିବ ସ୍ୱାସ୍ଥ୍ୟ ବିଭାଗ, ବିଭିନ୍ନ ସରକାରୀ ଏବଂ ବେସରକାରୀ ପରୀକ୍ଷାଗାର ଓ ମେଡିକାଲ କଲେଜ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ଖୁବ୍ ଶୀଘ୍ର ଆଉ ୬ ଟି ପରୀକ୍ଷାଗାର କାର୍ଯ୍ୟକାରୀ ହେବ । ଅନୁଗୁଳ, ପୁରୀ, କଳାହାଣ୍ଡି, ଝାରସୁଗୁଡା, କେନ୍ଦୁଝର, ସୁନ୍ଦରଗଡ଼ ଆଦି ସ୍ଥାନରେ ଏହି ପରୀକ୍ଷାଗାର ପ୍ରତିଷ୍ଠା ହେବ । ଶୁକ୍ରବାର ଭିଡ଼ିଓ କନଫେରେନସିଂ ମାଧ୍ୟମରେ ଜିଲ୍ଲାଓ୍ୱାରୀ ଟେଷ୍ଟି ଦକ୍ଷତାର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି ।ସମୀକ୍ଷାରୁ ଜଣାପଡିଥିଲା ଯେ ବର୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ଆର.ଟି.ପି.ସି.ଆର୍ ଟ୍ରୁନାଟ୍ , ସିବିନାଟ୍ ଓ ରାପିଡ୍ ଆଂଟିଜେନ ଆଦି ଆଧୁନିକ ଟେଷ୍ଟ ମାଧ୍ୟମରେ ଦୈନିକ ପ୍ରାୟ୨୦ ହଜାର ପର୍ଯ୍ୟନ୍ତ ସାମ୍ପୁଲ୍ ଟେଷ୍ଟର ଦକ୍ଷତା ସୃଷ୍ଟି କରାଯାଇଛି । ଆବଶ୍ୟକତା ଅନୁସାରେ ଏହି ଟେଷ୍ଟ କ୍ଷମତା ଆହୁରି ବୃଦ୍ଧି କରାଯାଇ ପାରିବ । ବର୍ତମାନ ରାଜ୍ୟରେ ପ୍ରାୟ ୧୪ ଟି ଆର୍ଟିଫିସିଆଲ ଟେଷ୍ଟ ପରୀକ୍ଷାଗାର କାର୍ଯ୍ୟ କରୁଛି । ଏହା ଛଡା ଆଂଟିଜେନ୍ ଟେଷ୍ଟ ସବୁ ଜିଲ୍ଲା ଲାବୋରାଟୋରୀରେ ହୋଇ ପାରୁଛି ବୋଲି ବୈଠକରୁ ଜଣାପଡିଥିଲା । ଅଧିକ ସାମ୍ପୁଲ୍ ସଂଗ୍ରହ, ସମୟାନୁବନ୍ଧିତ ଭାବେ ସେଗୁଡିକର ପରୀକ୍ଷା ଏବଂ 'ରିଅଲ୍ ଟାଇମ୍ ରିପୋଟିଂ' ଉପରେ ବୈଠକରେ ଗୁରୁତ୍ୱ ଅରୋପ କରାଯାଇଥିଲା । ସମସ୍ତ ପରୀକ୍ଷାର ଫଳାଫଳ ସିଧାସଳଖ ଆଇ.ସି.ଏମ୍.ଆର୍ ପୋର୍ଟାଲ୍ ରେ ଅପଲୋର୍ଡ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଆଇନତଃ ପଂଜୀକୃତ ଘରୋଇ ହସ୍ପିଟାଲ ମାନଙ୍କୁ ଆଂଟିଜେନ୍ ଟେଷ୍ଟ ନିମନ୍ତେ ଅନୁମତି ଦେବା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ଏ ବିଷୟରେ ଆବଶ୍ୟକୀୟ ବୈଷୟିକ ସୁବିଧା ସୃଷ୍ଟି କରି ଖୁବ୍ ଶିଘ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀମାନଙ୍କୁ ଜଣାଇବା ପାଇଁ ନିଷ୍ପତି ହୋଇଥିଲା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ଶାଳିନୀ ପଣ୍ଡିତ୍ ଙ୍କ ସମେତ ବିଭିନ୍ନ ପରୀକ୍ଷାଗାର ଏବଂ ଗବେଷଣା ପ୍ରତିଷ୍ଠାନର ମୁଖ୍ୟ ଅଧିକାରୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାସ୍ତରରୁ ମାଇକ୍ରୋ ବାଇଓଲୋଜିଷ୍ଟ, ସି.ଡି.ଏମ୍.ଓ ବିଭିନ୍ନ ମେଡିକାଲ କଲେଜର ଅଧିକ୍ଷକମାନେ ଭିଡିଓ କନଫେରେନସିଂ ମାଧ୍ୟମରେ ନିଜ ନିଜ ଜିଲ୍ଲାର ' ଟେଷ୍ଟିଂ ଓ ରିପୋଟିଂ' ସ୍ଥିତି ସଂପର୍କରେ ଅବଗତ କରାଇଥିଲେ ।

# ଭଦ୍ରକରେ ବିଶିଷ୍ଟ ସମାଜବାଦୀ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଭଦ୍ରକ, ୦୧/୮ (ହି.ସ.) - ବିଶିଷ୍ଟ ସମାଜବାଦୀ, ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଭଦ୍ରକ ସହର ଅନ୍ତର୍ଗତ କୁଆଁସ ଠାରେ କୋବିଡ ନିୟମ ଅନୁଯାୟୀ ନିରାଡମ୍ବର ଭାବେ ପାଳିତ ହୋଇ ଯାଇଛି । ଗରଦପୁର ସ୍ଥିତ ଗାନ୍ଧି ଓଡ଼ିଶା ବାଳାଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ସାଳନ୍ଦୀ ଘାଟରେ ତିଳତର୍ପଣ ଓ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଏଥିରେ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଝରଣା ଦାସ, ଅଧୀକ୍ଷକ ହୃଷିକେଶ ମହାନ୍ତି, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଭଦ୍ରକ ଓକିଲ ସଂଘ ପକ୍ଷରୁ ସଭା ଗୃହରେ ଥିବା ସ୍ୱର୍ଗତ ସଚ୍ଚିଦାନନ୍ଦ ମହାନ୍ତିଙ୍କର ତୈଳ ଫଟୋଚିତ୍ରରେ ଜିଲ୍ଲା ଜଜ୍ ଶିଶିର କୁମାର ରଥ ମାଲ୍ୟାର୍ପଣ କରିଥିଲେ । ଓକିଲ ସଂଘର ଅନ୍ତରୀଣ ଅଧ୍ୟକ୍ଷ ଜିତେନ୍ଦ୍ର ଦାସ, ପୂର୍ବତନ ଓକିଲ ସଂଘ ସଭାପତି ବିଷ୍ଣୁମୋହନ ମହାପାତ୍ର, ଅନ୍ତରୀଣ କମିଟି ସମ୍ପାଦକ ସନ୍ତୋଷ ନାୟକ, କୋଷାଧ୍ୟକ୍ଷ ବିଜନ ଜେନାଙ୍କ ସମେତ ଆଇନଜୀବୀ ମାନେ ସଚ୍ଚି ବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପୂର୍ବାହ୍ନରେ ଭଦ୍ରକର କୁଆଁସ ଠାରେ ଥିବା ସଚ୍ଚିଦାନନ୍ଦ ମହାନ୍ତିଙ୍କ ସମାଧି ପୀଠରେ ଜିଲ୍ଲା ସ୍ମୃତି କମିଟି ପକ୍ଷରୁ ବରିଷ୍ଠ ସାମ୍ବାଦିକ ଅମର ନାୟକଙ୍କ ପୌରୋହିତ୍ୟରେ ନିରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିରୋଧୀ ଦଳ ଉପନେତା ବିଧାୟକ ବିଷ୍ଣୁ ସେଠୀ, ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଆକାଶବାଣୀ ଓ ଦୂରଦର୍ଶନ ସମ୍ବାଦଦାତା ଅଶୋକ କୁମାର ନାୟକ, ପ୍ରଫେସର ପ୍ରାଧାପିକା ଝରଣା ପଟ୍ଟନାୟକ, ଡକ୍ଟର ରାଧାରାଣୀ ମହାପାତ୍ର, ଡକ୍ଟର ପ୍ରଭାତ ନଳିନୀ ମହାପାତ୍ର, ଡକ୍ଟର ଉତ୍ପଳା ନାୟକ, ଶିକ୍ଷକନେତ୍ରୀ ସୁରଜିତା ନାୟକ, ଚାରୁଲତା ମହାପାତ୍ର, ଗୀତାରାଣି ଆଇଚ, ବସୁମିତ୍ରା ସାହୁ, ଶିକ୍ଷୟିତ୍ରୀ ସ୍ନେହଲତା ବେହେରା, ସମାଜସେବୀ ଅଭିଜିତ ନାୟକ, ସମାଜସେବିକା ପଲ୍ଲିଶ୍ରୀ ଦାସ, ଗାୟତ୍ରୀ ମହାନ୍ତି, କାଦମ୍ବିନୀ ମହାନ୍ତି, ଅନିମା ନାୟକ, ଶିକ୍ଷୟିତ୍ରୀ ପ୍ରଣତୀ ମଲ୍ଲିକ, ଯୁବସମାଜସେବୀ ଜ୍ୟୋତିପ୍ରକାଶ ମହାନ୍ତି, ସରିତା ମହାନ୍ତି, ଅସୀମ ମହାନ୍ତି, ଶ୍ରୀହର୍ଷ ମହାନ୍ତି, ରୋଟାରିଆନ ଅତିଶ ବେହେରା, ସାମ୍ବାଦିକ ସତ୍ୟ ଭୂଷଣ ସ୍ୱାମୀ, ସୁବ୍ରତ ପାଲ, ଦିଲିପ ନାୟକ, କିଶୋର ନାୟକ, ବୀରେନ୍ଦ୍ର ଖୁଟିଆ, ଆଇନଜୀବୀ ବିଷ୍ଣୁ ମୋହନ ମହାପାତ୍ର, ଗାନ୍ଧି ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ହୃଷିକେଶ ମହାନ୍ତି ପ୍ରମୁଖ ଯୋଗ ଦେଇ କୋବିଡ ନିୟମ, ସାମାଜିକ ଦୂରତା ରଖି ସ୍ୱର୍ଗତ ସଚ୍ଚିଦାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଜଣେ ସମାଜସେବକ, ଅଧିବକ୍ତାଙ୍କ ବହୁମୁଖି ପ୍ରତିଭା, ଜୀବନାଦର୍ଶ, ସମାଜବାଦ ଏବଂ ସମାଜରେ ସଚ୍ଚି ବାବୁଙ୍କ ବଳିଷ୍ଠ ଅବଦାନ ଉପରେ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ନୂତନ ଜାତୀୟ ଶିକ୍ଷାନୀତି - ୨୦୨୦ ସଙ୍ଘୀୟ ବ୍ୟବସ୍ଥାକୁ ବିରୁଧାଚରଣ କରୁଛି

### ଶିକ୍ଷାର ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦେଉଛି - ଏସ୍.ଏଫ୍.ଆଇ.

ଭୁବନେଶ୍ୱର,୦୧।୮ (ନି.ପ୍ର): କରୋନା ମହାମାରୀକୁ ଏକ ସୁବର୍ଣ୍ଣ ସୁଯୋଗ ଭାବେ ବିଚାର କରି ବି.ଜେ.ପି. ନେତୃତ୍ୱାଧୀନ କେନ୍ଦ୍ର ସରକାର ସମସ୍ତ ପ୍ରକାର ଜନବିରୋଧୀ ନୀତି ଗୁଡିକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରୁଛନ୍ତି । ସଦ୍ୟ ଘୋଷଣା "ନୂତନ ଜାତୀୟ ଶିକ୍ଷାନୀତି" ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହି ନୂତନ ଶିକ୍ଷାନୀତିର ଚିଠା ପ୍ରସ୍ତାବ ଯେତବେଳେ ଆସିଥିଲା ସାରା ଦେଶରେ ଛାତ୍ର ଛାତ୍ରୀ, ଶିକ୍ଷକ, ସଙ୍ଗଠନ, ଏହି ଚିଠା ପ୍ରସ୍ତାବକୁ ବିରୋଧ କରିଥିଲେ । ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଘରୋଇକରଣ କରି କେନ୍ଦ୍ରୀଭୂତ କରିବା ହେଉଛି ଏହି ଶିକ୍ଷାନୀତିର ମୂଳ ବୈଶିଷ୍ଟ୍ୟ । କେନ୍ଦ୍ର କ୍ୟାବିନେଟ ସମସ୍ତ ଗଣତାନ୍ତ୍ରିକ ମତାମତକୁ ଉପେକ୍ଷା କରି ପାର୍ଲାମେଣ୍ଟରେ ଆଲୋଚନା ନକରି ଅତି ତରବରିଆ ଭାବେ ଏକତରଫା ନୂତନ ଶିକ୍ଷାନୀତି ଘୋଷଣା କରିବା ସଂପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ଏବଂ ଲୋକ ବିରୋଧୀ ଅଟେ । ସମ୍ବିଧାନର ନିୟମ ଅନୁଯାୟୀ ଶିକ୍ଷା ହେଉଛି ଯୁଗ୍ମ ତାଲିକା ଭୂକ୍ତ ବିଷୟ । ରାଜ୍ୟମାନଙ୍କ ସହିତ ପରାମର୍ଶ ଏବଂ ସହମତି ବ୍ୟତିରେକ ଏହିଭଳି ଶିକ୍ଷାନୀତି ଘୋଷଣା କରିବା ଆମ ସଂଘୀୟ ବ୍ୟବସ୍ଥାକୁ ବିରୁଦ୍ଧାଚରଣ କରୁଛି । ଏହା ଦ୍ୱାରା ସମ୍ବିଧାନର ମୌଳିକ ଭିତିକୁ ପଦାଘାତ କରାଯାଇଛି । ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ନାମକୁ ପୁଣି ପରିବର୍ତନ କରି ଶିକ୍ଷା ମନ୍ତ୍ରଣାଳୟ ରଖିବା ମଧ୍ୟ ଆମର ଦୃଷ୍ଟିଭଙ୍ଗୀକୁ ଲକ୍ଷଚ୍ୟୁତ କରୁଛି । ଏହି ଶିକ୍ଷା ବ୍ୟବସ୍ଥା ଅଧିକ "କେନ୍ଦ୍ରୀକରଣ, ସଂପ୍ରଦାୟୀକରଣ ଏବଂ ବ୍ୟବସାୟୀକରଣ" ଆଡକୁ ନେଇଯିବ ବୋଲି ଏସ୍.ଏଫ୍. ଆଇ. ଓଡିଶା ରାଜ୍ୟ କମିଟି ମତ ପ୍ରକାଶ କରିଛି । ଉଚ୍ଚ ଶିକ୍ଷାକୁ ସଂପୂର୍ଣ୍ଣ ଭାବେ ଘରୋଇ ମାଲିକାନା ହାତରେ କେନ୍ଦ୍ରୀଭୁତ କରିବାର ପ୍ରୟାସ କରିବା ସହିତ, ଉଚ୍ଚ ଶିକ୍ଷା ପାଇଁ ଜାତୀୟ ପ୍ରତିଯୋଗୀତା ମୂଳକ ପ୍ରବେଶିକା ପରୀକ୍ଷାରେ ଗରୀବ ଶ୍ରେଣୀର ଏବଂ ପଛୁଆ ରାଜ୍ୟର ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା କରିନପାରି ଶିକ୍ଷାଦାନ ପ୍ରକ୍ରିୟାରୁ ବାଦ ପଡିଯିବେ । ସୁତରାଂ ନୂତନ ଶିକ୍ଷାନୀତି ଗରୀବ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ସବୁଠାରୁ ବଡ ଅନ୍ତରାୟ ବୋଲି ଏସ୍.ଏଫ୍.ଆଇ. ମତପ୍ରକାଶ କରିଛି । ସାର୍ବଜନୀନ ଶିକ୍ଷା ଦେବା ଆମର ସାମ୍ବିଧାନିକ ଲକ୍ଷ୍ୟ ଥିଲାବେଳେ ଏହି ନୂତନ ଶିକ୍ଷାନୀତି ଛାତ୍ର ସମାଜ ଭିତରେ ଶ୍ରେଣୀ ବିଭାଜନକୁ ଆହୁରି ବହୁଗଣିତ କରିବ ଏବଂ କେବଳ ଧନୀକ ଶ୍ରେଣି ପରିବାରର ଛାତ୍ରଛାତ୍ରୀମାନେ ଅର୍ଥ ବଳରେ ଉଚ୍ଚ ଶିକ୍ଷାର ସୁଯୋଗ ପାଇବେ । ଏହିପୃଷ୍ଠ ଭୂମିରେ ସରକାର ଶିକ୍ଷାନୀତି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡାକୁ ଜବରଦସ୍ତ ଲଦି ନଦେଇ ଏହାକୁ ଛାତ୍ରଛାତ୍ରୀ ଶିକ୍ଷକ, ଅବିଭାବକ , ଶିକ୍ଷାବିତ୍ , ଗବେଷକ, ରାଜ୍ୟ ସରକାର ଏବଂ ସମସ୍ତ ସ୍ଥାନୀୟ ସରକାରମାନଙ୍କ ସହିତ ଉପଯୁକ୍ତ ବିଚାର ବିମର୍ଷ କରି ସମସ୍ତଙ୍କ ସହମତିରେ ଶିକ୍ଷା ନୀତି ଘୋଷଣା କରିବା ଉଚିତ୍ ବୋଲି ଏସ୍.ଏଫ୍.ଆଇ. ଦାବି କରିଛି । ଏହି ଶିକ୍ଷାନୀତିକୁ କାର୍ଯ୍ୟକାରୀ କରିବା ପୂର୍ବରୁ ସାରା ଦେଶର ଶିକ୍ଷା ପ୍ରେମୀ ଜନସାଧାରଣ, ପ୍ରଗତିଶୀଳ ଛାତ୍ର ସଂଗଠନ, ଅବିଭାବକ ସଂଘ ଏବଂ ଶିକ୍ଷକ ସଂଗଠନମାନେ ମିଳିତ ହୋଇ ଏହି ଛାତ୍ରବିରୋଧୀ ଶିକ୍ଷାନୀତି ବିରୋଧରେ ଆନ୍ଦୋଳନ ସଂଗଠିତ କରିବା ପାଇଁ ଏକ ପ୍ରେସ୍ ବିଜ୍ଞପ୍ତିରେ ଏସ୍.ଏଫ୍.ଆଇ. ରାଜ୍ୟ କମିଟି ତରଫରୁ ଆବାହକ ବିପ୍ଳବ ମିଶ୍ର ଏବଂ ଯୁଗ୍ମ ଆବାହକ ବିକାଶ ନାଥ ନିବେଦନ କରିଛନ୍ତି ।

## ପ୍ରଦୋଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୦୧।୮ (ନି.ପ୍ର): ବିଶିଷ୍ଟ ସ୍ତମ୍ଭକାର, ସୁଲେଖକ, ସାମ୍ବାଦିକ ତଥା ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ପ୍ରଦୋଷ ପଟ୍ଟନାୟକ ୨୦୧୬ ମସିହା ପାଇଁ ଜୀବନୀ ଓ ଭ୍ରମଣ ସାହିତ୍ୟ ବର୍ଗରେ ନିଜ ରଚିତ ପୁସ୍ତକ ଚାଲିଛି ଚାଲିବି ନ ପଡ଼ିବି ଥକି ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତି ହୋଇଥିବାରୁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରଦୋଷ ପଟ୍ଟନାୟକଙ୍କ ବାସଭବନରେ ଉପସ୍ଥିତ ରହି ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ସମ୍ମିଳନୀର ପ୍ରତୀକ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଅଭିନନ୍ଦନ ଜଣାଇଥିଲେ ।

# ଜଳେଶ୍ୱରର ୧୧୭ ସ୍ୱାବ ନେଗେଟିଭ୍ : ୨୦୦ ଏଣ୍ଟି ଜେନ୍‌ରୁ ୨ ପଜେଟିଭ୍

ଜଳେଶ୍ୱର,୦୧।୮ (ନି.ପ୍ର): ଜଳେଶ୍ୱରରେ ଦୀର୍ଘ ୨୦ଦିନ ଧରି ସଟ୍‌ଡାଉନ୍ ଓ ମ୍ୟୁନିସିପାଲଟିର ୧ଟି ଓ୍ୱାର୍ଡ କଣ୍ଟେନ୍‌ମେଣ୍ଟ ଘୋଷଣା ହେବାପରେ ଆଜି ମିଳିଥିବା ଟେଷ୍ଟ ରିପୋଟ ଗୁଡିକରୁ ଜଳେଶ୍‌ବର ବାସୀଙ୍କୁ ଆଶ୍ୱସ୍ତି ମିଳିଛି । ଗତ ୧୮ ତାରିଖରେ ଜଳେଶ୍ୱର ବ୍ଲକର ସର୍ଦ୍ଦାରବନ୍ଧ ପଂଚାୟତର ଚୁଡାମଣିପୁର ଓ ଓଲମରା ଗାଁରୁ ସଂଗୃହୀତ ହୋଇଥିବା ୧୭୦ ସ୍ୱାବ ନେଗେଟିଭ୍ ବୋଲି ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାଯାଇଛି । ସେହିପରି ପୁରୁଣାପାଣି, ଖୁଆଡ, ଚାଫଲା ଓ ମରଳିପାଳ ଅଂଚଳରୁ ୨ଶହ ଜଣଙ୍କର ଏଣ୍ଟିଜେନ୍ ଟେଷ୍ଟ ଲାଗି ରକ୍ତନମୁନା ସଂଗୃହରତ ହୋଇଥିଲା । ଏଥିରୁ ଚାଫଲା କ୍ୱାରାଣ୍ଟାଇନ୍‌ରେ ଥିବା ଜଣେ କରୋନା ଯୋଦ୍ଧା ଙ୍କ ସହିତ ତାଙ୍କ ସ୍ୱାମୀ ସଂକ୍ରମିତ ହୋଇଥିବା କୁହାଯାଇଥିବା ବେଳେ ଚାଫଲା ଗାଁର ଅଙ୍ଗନଓ୍ୱାଡି କର୍ମୀ ଓ ତାଙ୍କ ସ୍ୱାମୀ ସଂକ୍ରମିତ ନୁହନ୍ତି ବୋଲି ଜଣାଯାଇଛି ।

## ସ୍ୱାସ୍ଥ୍ୟ ମନ୍ତ୍ର

ବର୍ଷାଦିନେ ଏପରିକି ସୁସ୍ଥ ମଣିଷ ମଧ୍ୟ ବିଭିନ୍ନ ପ୍ରକାରର ସଂକ୍ରାମକ ବ୍ୟାଧିର ଶିକାର ହେବାର ଆଶଙ୍କା ଅଧିକ ଥାଏ । 'ଭିଟାମିନ୍ ସି' ରୋଗ-ପ୍ରତିରୋଧକ ଶକ୍ତି ବଢ଼ାଏ । ତେଣୁ, ଏହି ଋତୁରେ ଶରୀରରେ ଯେପରି 'ଭିଟାମିନ୍ ସି'ର ଅଭାବ ନ ରହେ । ଭିଟାମିନ୍ ସି ମିଳୁଥିବା ଖାଦ୍ୟ ଅଧିକ ପରିମାଣରେ ଖାଆନ୍ତୁ । ଯଥା- ଜାମୁକୋଳି, ପିଚ୍, ଲେମ୍ବୁ, ଅଁଳା, ଚେରି, ଲିଚୁ । ଏସବୁ ନିୟମିତ ଖାଇଲେ ରୋଗ-ପ୍ରତିରୋଧକ ଶକ୍ତି ବଢ଼େ । ଦୈନିକ ଶରୀର ପାଇଁ ୪୦ ମିଲିଗ୍ରାମ୍ ଭିଟାମିନ୍ ସି ଦରକାର । ତେବେ, ବର୍ଷାଦିନେ ୫୦୦ ମିଲିଗ୍ରାମ୍ ପର୍ଯ୍ୟନ୍ତ ଆବଶ୍ୟକ ହୋଇଥାଏ । ଖାଦ୍ୟରୁ ପର୍ଯ୍ୟାପ୍ତ ଭିଟାମିନ୍ ସି ମିଳୁ ନଥିଲେ, ପ୍ରତିଦିନ ୫୦୦ ମିଲିଗ୍ରାମ୍‌ର ବଟିକାଟିଏ ଖାଇପାରନ୍ତି । ଛୋଟପିଲା ଦୁର୍ବଳ ଥିଲେ, ଦୁଇଟି ଦେଇପାରନ୍ତି ।

# ଶ୍ୱାସରୋଗ ଓ ଇନ୍‌ହେଲର ଚିକିତ୍ସା

ଶ୍ୱାସରୋଗ ଖୁବ୍ ଜଟିଳ ସମସ୍ୟା । ଏହି ରୋଗରେ ଫୁସ୍‌ଫୁସ୍‌ର ଶ୍ୱାସନଳୀମାନଙ୍କରେ ପ୍ରଦାହ ହୁଏ । ଏହି ନଳୀରୁ ଜଳୀୟ ପଦାର୍ଥ ବା ଲାଳ (ମ୍ୟୁକସ୍) ବାହାରି ଏହାକୁ ଫୁଲାଇଦିଏ । ଫଳରେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ । ଏହି ରୋଗ ବାରମ୍ବାର ଭଲ ହୁଏ ଏବଂ ପୁଣି ଲେଉଟେ । ରାତିରେ ଶୋଇଲା ବେଳକୁ ତଥା ପାହାନ୍ତା ପହରକୁ ଏହା ବେଶୀ ହୋଇଥାଏ । ଏଥିରେ ଘନଘନ ଶ୍ୱାସକ୍ରିୟା ଚାଲିବା ସହ ପେଲା ଉଠେ । ଏହି ରୋଗ ହେବାର ବିଭିନ୍ନ କାରଣ ମଧ୍ୟରେ ଥଣ୍ଡାପାଣି ପିଇବା, ଥଣ୍ଡା ପବନରେ ବୁଲିବା, ଫୁଲର ପରାଗ କଣକା ଶୁଙ୍ଘିବା, ବଂଶ କାରଣ, ଧୂଳିଧୂସର ହୋଇ କାମ କରିବା, ଅଧିକ ବ୍ୟାୟାମ ଓ ପରିଶ୍ରମ କରିବା, ଅଦିନିଆ ବର୍ଷାରେ ଓଦା ହେବା ଆଦି ପ୍ରମୁଖ । ବେଳେବେଳେ କିଛି କାରଣ ନଥାଇ ବି ଏହି ରୋଗ ଆକ୍ରାନ୍ତ କରେ । ତେବେ ଦୀର୍ଘଦିନ ଧରି ଧୂମସେବନ ଯୋଗୁ ହେଉଥିବା କ୍ରନିକ ଅବ୍‌ଷ୍ଟ୍ରକ୍ଟିଭ ପଲ୍‌ମୁନାରୀ ଡିଜିଜ୍ (ସିଓପିଡି), ଜୋର୍‌ଜୋର୍ ଶ୍ୱାସକ୍ରିୟା ହେବା



(ହାଇପର୍ ଭେଣ୍ଟିଲେସନ୍, ଯାହା ଯୁବକ-ଯୁବତୀଙ୍କଠାରେ ସ୍ୱେଚ୍ଛାକୃତ ଭାବେ ଦେଖାଗଲେ 'ହିଷ୍ଟିରିଆ' କୁହାଯାଏ), ବାହାରେ କୌଣସି ବସ୍ତୁ ଶ୍ୱାସନଳୀରେ ପଶି ଏହାକୁ ଅବରୁଦ୍ଧ କରିବା ଆଦି ସମସ୍ୟା ଶ୍ୱାସରୋଗର ଲକ୍ଷଣ ଦେଖାଗଲେ ମଧ ଭିନ୍ନ । ରକ୍ତ ପରୀକ୍ଷା, ଛାତି ଏକ୍ସ-ରେ, ଇକୋ-କାର୍ଡିଓଗ୍ରାଫି ଓ ସ୍ପାଇଲୋମେଟ୍ରି ଦ୍ୱାରା ଶ୍ୱାସରୋଗ ସହଜରେ ନିରୂପିତ ହୋଇଥାଏ । ଇନ୍‌ହେଲର ଚିକିତ୍ସା: ଆଧୁନିକ ଇନ୍‌ହେଲର ଓ ନେବୁଲାଇଜର ଚିକିତ୍ସାରେ ଶ୍ୱାସରୋଗ ଶତପ୍ରତିଶତ ଆୟତ୍ତ କରାଯାଇପାରୁଛି । ଆଗରୁ ଶ୍ୱାସରୋଗ ପାଇଁ ଔଷଧ ପାଟିବାଟେ ଖିଆଯାଉଥିଲା କିମ୍ବା ଇଞ୍ଜେକ୍ସନ ଦିଆଯାଉଥିଲା । ଏହା ରକ୍ତରେ ମିଶି କାମ କରିବାକୁ ଅଧିକ ସମୟ ନେଉଥିଲା । ଏବେ ଇନ୍‌ହେଲର ମାଧ୍ୟମରେ ସିଧା ପବନରେ ଫୁସ୍‌ଫୁସ୍‌କୁ ଯାଇ କାମ କରୁଛି । ଗତ ଷାଠିଏ ବର୍ଷରେ ଇନ୍‌ହେଲର ଶ୍ୱାସରୋଗର ସର୍ବୋତ୍କୃଷ୍ଟ ଚିକିତ୍ସା ପଦ୍ଧତି ଭାବେ ଉଭା ହୋଇଛି । ଏହି ଚିକିତ୍ସା ଦୁଇପ୍ରକାର- ଷ୍ଟିରଏଡ୍ ଇନ୍‌ହେଲର ଏବଂ ଲାବା ଇନ୍‌ହେଲର । ଶ୍ୱାସରୋଗରେ ଜ୍ୱର, କଫ ବେଶୀ ଥିଲେ ଆଣ୍ଟିବାୟୋଟକ୍ସ, ଥିଓଫାଇଲିନ୍, ଏସିବ୍ରୋ ଫାଇଲିନ୍, ମଣ୍ଟେଲ୍ୟୁକାଷ୍ଟ ଭଳି ଔଷଧ ଖାଇବାକୁ ଦିଆଯାଏ । ଆୟୁର୍ବେଦରେ ବି ଶ୍ୱାସରୋଗ କମାଇବା ପାଇଁ କେତେକ ଫଳପ୍ରଦ ଔଷଧ ଅଛି । ଅଧା କପ୍ କ୍ଷୀରରେ ହଳଦୀ ଓ ଅଦା ଛେଚା ଗୋଳାଇ ଦିନକୁ ୨ ଥର ପିଇଲେ ଶ୍ୱାସ କମିଯାଏ । ସେହିପରି ପାଣିରେ ଅଧା ଚାମଚ ଡାଲଚିନି ଗୁଣ୍ଡ, ୧ ଚାମଚ ମହୁ ମିଶାଇ ୧୦ ମିନିଟ୍ ଫୁଟାଇ ଦିନକୁ ଦୁଇଥର ପିଇଲେ ଉପକାର ମିଳେ । ଯଷ୍ଟିମଧୁ, ଅଦା ଚା', ପିପଳି ଓ ତେଜପତ୍ର ଚା' ଶ୍ୱାସରୋଗରୁ ଆରାମ ଦିଏ । ଜୀବନଶୈଳୀରେ ପରିବର୍ତ୍ତନ, ପ୍ରାତଃଭ୍ରମଣ, ଉଷୁମ ଜଳରେ ସ୍ନାନ, ଶଙ୍ଖ ଫୁଙ୍କିବା, ଅନୁଲୋମ ବିଲୋମ, ଜଳନେତି କପାଳଭାତି ଆଦି ଶ୍ୱାସରୋଗରୁ ସୁରକ୍ଷା ଦେଇଥାଏ ।



## ଫ୍ୟାନ୍‌ଙ୍କୁ ପ୍ରଶଂସା କଲେ ଅମିତାଭ

ବଲିଉଡର ମେଗାଷ୍ଟାର ଅମିତାଭ ବଚ୍ଚନ କରୋନା ସଂକ୍ରମିତ ହେବା ପରେ ଏବେ ମୁମ୍ବାଇର ନାନାବତୀ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । କିନ୍ତୁ ସୋସିଆଲ ମିଡିଆରେ ସେ ଫ୍ୟାନ୍‌ମାନଙ୍କ ସହ ସମ୍ପର୍କ ରଖିବାକୁ ଆଦୌ ଭୁଲିନାହାନ୍ତି । ପ୍ରତିଦିନ ସେ ଫ୍ୟାନମାନଙ୍କ ସହ ଟୁଇଟରରେ ଯୋଡ଼ିହେଉଛନ୍ତି ଓ କିଛି ନା କିଛି ସେୟାର କରୁଛନ୍ତି । ଏହି କ୍ରମରେ ଏବେ ସେ ସେୟାର କରିଛନ୍ତି ଏକ ମ୍ୟୁଜିକ ଭିଡିଓ । ଯେଉଁଥିରେ ଜଣେ ଗାୟିକା ବିଟ୍ରିଶ ଗୀତିକାର ଏଡଓ୍ୱାର୍ଡ ସିରନଙ୍କ ଏକ ପପ୍ ସଙ୍ଗୀତ 'ସେପ୍



ଅଫ୍ ୟୁ'କୁ ଅତି ସୁନ୍ଦର ଭାବେ ଉଭୟ କର୍ଣ୍ଣାଟକ ଓ ୱେଷ୍ଟର୍ଣ୍ଣ ପପ୍ ମ୍ୟୁଜିକ ତାଳରେ ଗାଇଛନ୍ତି । ଟୁଇଟ୍ କରି ଅମିତାଭ ଲେଖିଛନ୍ତି 'ମୋର ଜଣେ ମ୍ୟୁଜିକ୍ ପାର୍ଟନର ଓ ବନ୍ଧୁ ଏହି ଭିଡିଓକୁ ମୋ ନିକଟକୁ ପଠାଇଛନ୍ତି । ସେ କିଏ ତାଙ୍କୁ ମୁଁ ଜାଣନି । କିନ୍ତୁ ମୁଁ କହିବାକୁ ଚାହେଁ ଯେ ସେ ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱ । ଭଗବାନ ଆପଣଙ୍କୁ ଆର୍ଶୀବାଦ କରନ୍ତୁ । ଏଭଳି ଭଲ କାମ କରିଚାଲିଥାନ୍ତୁ । ହସ୍ପିଟାଲରେ ରହିଥିବା ବେଳେ ମୋର ସମୟକୁ ଆପଣ ବେଶ୍ ଭଲରେ ବିତାଇବାରେ ସହାୟକ ହୋଇଛନ୍ତି ।

## ପିସ୍ତଲ୍ ସ୍ରିଂପ୍

'ପିସ୍ତଲ୍ ସ୍ରିମ୍ପ୍'- ସମୁଦ୍ରରେ ବାସକରୁଥିବା ଏକ ଛୋଟିଆ ଚିଙ୍ଗୁଡ଼ି । ଏହା ଲମ୍ବରେ ମାତ୍ର ଦୁଇ ଇଞ୍ଚ୍ ଯାଏ ବଢ଼ିଥାଏ । ଆକାରରେ କ୍ଷୁଦ୍ର ହେଲେ ବି ବିକଟ ଶବ୍ଦ କରିପାରେ । ବନ୍ଧୁକ ଫୁଟିଲେ ଯେତିକି ଶବ୍ଦ ବାହାରେ, ଏକ ଛୋଟିଆ ଚିଙ୍ଗୁଡ଼ି ତା'ଠାରୁ ଢେର୍ ଅଧିକ ଶବ୍ଦ ସୃଷ୍ଟି କରିପାରେ । ଏହା ଦୁଇ ଆଗ ଗୋଡ଼ ବାଡେଇ ଶବ୍ଦ କରେ । ବାଡ଼େଇଲେ ଏକ ପ୍ରକାର ପାଣି ଫୋଟକା ସୃଷ୍ଟି ହୁଏ । ଫୋଟକାର ବେଗ ଘଣ୍ଟା ପ୍ରତି ଶହେ କିଲୋମିଟର । ଏହି ଫୋଟକା ଫାଟିଲେ ୨୧୮ ଡେସିବଲ୍ ଶବ୍ଦ ବାହାରେ । ଏହି ଶବ୍ଦରେ ସାଧାରଣ କାଚ ପାତ୍ର ଫାଟିଯାଉଥିବାରୁ, ଏହି ଚିଙ୍ଗୁଡ଼ିକୁ ଘରୋଇ ଆକ୍ୱାରିଅମ୍‌ରେ ରଖିବା ଅସଂଭବ ।



# ରସୁଣରୁ ତିଆରି କରନ୍ତୁ କୀଟନାଶକ

ଫସଲକୁ ନଷ୍ଟ କରୁଥିବା ଅନେକ କୀଟ-ପତଙ୍ଗ ରସୁଣର ଗନ୍ଧ ଭଲପାଆନ୍ତି ନାହିଁ । ତେଣୁ, ଘରୋଇ ବଗିଚାରୁ ରସୁଣକୁ ଜୈବ କୀଟନାଶକ ଭାବେ ବ୍ୟବହାର କରନ୍ତୁ । ଏହା ପ୍ରଭାବରେ ଜନ୍ଦା-ପିମ୍ପୁଡ଼ି, ଧଳାମାଛି, ଉଇ, ଶମ୍ବୁକ, ଗୋବରପୋକ ଆଦି ଗଛ-ଲତା ପାଖ ମାଡ଼ନ୍ତିନାହିଁ । ରସୁଣ ମାଟିର ଉର୍ବରତା ମଧ ବଢ଼ାଏ । ଏହା ବାଲୁଙ୍ଗା ପ୍ରତିରୋଧୀ । ବଜାରରେ ରସୁଣ, ଇଉକାଲିପଟାସ୍ ତେଲ, ପୋଟାସିଅମ୍ ପ୍ରସ୍ତୁତ ଗାର୍ଲିକ୍ ସ୍ପ୍ରେ ମିଳୁଛି । ତେବେ, ଏହାକୁ ଘରେ ତିଆରିକରି ବ୍ୟବହାର କଲେ ଅଧିକ ଫଳପ୍ରଦ ହୁଏ । ଏଥିରେ ଖର୍ଚ୍ଚ କମ୍ ଏବଂ ପ୍ରସ୍ତୁତି ପଦ୍ଧତି ସରଳ । ଚାରି ପାଞ୍ଚଟି ରସୁଣ ଭଲ ଭାବେ ବାଟି ଏକ ଲିଟର୍ ପାଣିରେ ମିଶାନ୍ତୁ । ଏଥିରେ ୮-୧୦ ବୁନ୍ଦା ଭିମ୍ ଲିକ୍ୟୁଇଡ୍ (ବାସନ ସଫାକରିବା ପାଇଁ ବ୍ୟବହୃତ) ମିଶାଇ ଭଲ



ଭାବେ ଫେଣ୍ଟନ୍ତୁ । ତରଳ ମିଶ୍ରଣକୁ କନା ବା ଷ୍ଟେନର୍ ସାହାଯ୍ୟରେ ଛାଣି ରସୁଣର ଖଦଡ଼ା ଅଂଶ ବାହାରକରି ଫୋପାଡ଼ିଦିଅନ୍ତୁ । ଏହାକୁ ସ୍ପ୍ରେୟର୍‌ରେ ଭର୍ତ୍ତିକରି ପତ୍ର ସିଞ୍ଚନ କରନ୍ତୁ । ବର୍ଷାଦିନେ ସପ୍ତାହରେ ଦୁଇ ଥର ଏବଂ ଅନ୍ୟ ଋତୁରେ ସପ୍ତାହରେ ଥରେ ଛିଞ୍ଚନ୍ତୁ ।

# ମେଲ୍‌ବୋର୍ନ୍ ସବୁଠାରୁ ବାସୋପଯୋଗୀ



ଅଷ୍ଟ୍ରେଲିଆର ମେଲ୍‌ବୋର୍ନ୍ ଏବେ ବିଶ୍ୱର ସବୁଠାରୁ ବାସୋପଯୋଗୀ ସହର । ଗ୍ଲୋବାଲ୍ ଲିଭେବିଲିଟି ସର୍ଭେ, ଅନୁଯାୟୀ ବିଶ୍ୱର ଶହେ ଚାଳିଶଟି ସହର ମଧ୍ୟରେ ମେଲ୍‌ବୋର୍ନ୍‌ରେ ବାସ କରିବା ହିଁ ମଣିଷ ପାଇଁ ସବୁଠାରୁ ଆନନ୍ଦଦାୟକ । ପ୍ରକାଶିତ ତାଲିକାରେ ଏହା ତଳକୁ ଅଛନ୍ତି- ଭିଏନା,ଭାଙ୍କୁଭର୍, କାଲ୍‌ଗାରି, ଆଡିଲେଡ୍, ପର୍ଥ୍, ଅକ୍‌ଲାଣ୍ଡ୍, ହେଲ୍‌ସିଙ୍କି ଓ ହାମ୍‌ବର୍ଗ୍ । ତାଲିକାର ଶେଷ ଭାଗରେ ଅଛନ୍ତି- କିଭ୍ (୧୩୧ତମ), ଦୌଆଲା, ହରାରେ, କରାଚୀ, ଆଲ୍‌ଜିଅର୍ସ୍, ପୋର୍ଟ୍ ମରିସ୍‌ବି, ଢାକ୍କା, ତ୍ରିପୋଲି, ଲାଗୋସ୍ ଓ ଡାମାସ୍କସ୍ (୧୪୦ତମ) । ଭାରତର କୌଣସି ସହର ପ୍ରଥମ ଦଶ ବା ଶେଷ ଦଶ ଭିତରେ ନାହାନ୍ତି ।

# ଜେଦ୍ଦାହର ଭାସମାନ ମସ୍‌ଜିଦ

ସାଉଦୀ ଅରବ ଅନ୍ତର୍ଗତ ଜେଦ୍ଦାହରେ ଅଛି ଭାସମାନ ମସ୍‌ଜିଦ ବା 'ଶ୍ୱେତ ମସ୍‌ଜିଦ୍' । ଜେଦ୍ଦାହ ମହାନଗରୀରେ ୧୩୦୦ରୁ ଅଧିକ ଇସଲାମୀୟ ଧର୍ମାନୁଷ୍ଠାନ ଥିଲେ ହେଁ ଉଭୟ ଧାର୍ମିକ ଓ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହି ମସ୍‌ଜିଦ ଅଧିକ ମହତ୍ତ୍ୱପୂର୍ଣ୍ଣ । ଶ୍ୱେତ ମାର୍ବଲ୍ ନିର୍ମିତ ମସ୍‌ଜିଦଟି ଅପେକ୍ଷାକୃତ ନୂତନ; ଏଣୁ ନାମ- 'ଶ୍ୱେତ ମସ୍‌ଜିଦ' । ଲୋହିତ ସାଗର ମଧ୍ୟରେ ନିର୍ମିତ ଏହି ମସ୍‌ଜିଦ ଆଖିକୁ ଭାସମାନ ଦିଶୁଥିଲେ ହେଁ ପ୍ରକୃତରେ ଗୁଡ଼ିଏ



ସ୍ତମ୍ଭ ଉପରେ ଛିଡ଼ା ହୋଇଛି । ପାଖରୁ ନ ଦେଖିଲେ, ସ୍ତମ୍ଭଗୁଡ଼ିକ ଆଖିରେ ପଡ଼େନାହିଁ ଏବଂ ମସ୍‌ଜିଦଟି ଭାସୁଥିବା ପରି ଲାଗେ । ଆଧୁନିକ ଇସଲାମିକ୍ ସ୍ଥାପତ୍ୟ ଶୈଳୀରେ ନିର୍ମିତ ଜେଦ୍ଦାହ ଭାସମାନ ମସ୍‌ଜିଦରେ ଅନ୍ୟ ଧର୍ମର ଲୋକଙ୍କ ପ୍ରବେଶ ନେଇ କୌଣସି କଟକଣା ନାହିଁ । ଏହି ମସ୍‌ଜିଦର ପ୍ରାର୍ଥନା କକ୍ଷ ବେଶ୍ ପ୍ରଶସ୍ତ । ମହିଳାଙ୍କ ପାଇଁ ସ୍ୱତନ୍ତ୍ର ପ୍ରାର୍ଥନା କକ୍ଷ ଅଛି । ରାତିରେ ମସ୍‌ଜିଦଟି ଅତି ଚମତ୍କାର ଦିଶେ ।

# ସମୁଦ୍ରରୁ ପ୍ଲାଷ୍ଟିକ ବର୍ଜ୍ୟରୁ ଫର୍ଣ୍ଣିଚର

ଆମ ମଧ୍ୟରୁ ଅଧିକାଂଶ ଲୋକ ନଦୀ, ହ୍ରଦ, ସମୁଦ୍ର ଗର୍ଭକୁ ବର୍ଜ୍ୟବସ୍ତୁ ଫିଙ୍ଗିବାରେ ସଙ୍କୋଚ କରନ୍ତି ନାହିଁ । ଏପରିକି ପ୍ଲାଷ୍ଟିକଜାତୀୟ ସାମଗ୍ରୀକୁ ବି ଫିଙ୍ଗିଥାନ୍ତି ଏଭଳି ଦାୟିତ୍ୱହୀନ କାମ ଯୋଗୁ ପରିବେଶ ପ୍ରଦୂଷଣ ବଢ଼ିଚାଲିଛି । ଏହି ସବୁ ଜଳଉତ୍ସରେ ରହୁଥିବା ମାଛ ଓ ଅନ୍ୟ ଜୀବଜନ୍ତୁମାନେ ତାକୁ ଖାଇ ବିଭିନ୍ନ ରୋଗରେ ଶିକାର ହେଉଛନ୍ତି । ଜଳ ମଧ୍ୟ ପ୍ରଦୂଷିତ ହେଉଛି । ବ୍ରିଟେନ୍‌ର ଆଲେକ୍ସଜାଣ୍ଡର ଗ୍ରୁଭସ ଏବଂ ଆଜୁସା ମୁରାକାମି ଏହି ସମସ୍ୟାର ସମାଧାନ ଦିଗରେ ଏକ ମହତ ଉଦ୍ୟମ କରୁଛନ୍ତି । ସେମାନେ ସମୁଦ୍ରରୁ ପ୍ଲାଷ୍ଟିକ୍ ବର୍ଜ୍ୟକୁ ସଂଗ୍ରହ କରିବା ପରେ ସେଥିରୁ ଚେୟାର ଭଳି ଫର୍ଣ୍ଣିଚର ପ୍ରସ୍ତୁତ କରୁଛନ୍ତି । ପ୍ଲାଷ୍ଟିକ୍ ସାମଗ୍ରୀରୁ ବିଶ୍ୱକୁ ରହିଥିବା ବିପଦ ସଂପର୍କରେ ଗତ ୮ ବର୍ଷ ହେଲା ଲୋକଙ୍କୁ ସଚେତନ କରୁଛନ୍ତି ଏହି ଦମ୍ପତି । କିଛି ବର୍ଷ ତଳେ ପ୍ରଥମେ ସେମାନେ ଇଷ୍ଟ ସସେକ୍ସର ସମୁଦ୍ରରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିଥିଲେ । ପେସାରେ ଡିଜାଇନର ହୋଇଥିବାରୁ ସେହି ବର୍ଜ୍ୟକୁ ପୁନଃବ୍ୟବହାରଯୋଗ୍ୟ କରି ଫର୍ଣ୍ଣିଚର ପ୍ରସ୍ତୁତି ପାଇଁ ଉଦ୍ୟମ କରିଥିଲେ । ଏବେ ସେମାନେ ସମୁଦ୍ରକୂଳରୁ ବି ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରୁଛନ୍ତି । ତେବେ ଏହି ଫର୍ଣ୍ଣିଚରକୁ ବ୍ୟାପକ ଭାବେ ପ୍ରସ୍ତୁତ କରି ସେମାନେ ଲୋକଙ୍କୁ ବିକ୍ରି କରନ୍ତି ନାହିଁ । ବରଂ, ବିଭିନ୍ନ ସଂଗ୍ରହାଳୟକୁ ଦାନ କରିଥାନ୍ତି । ଏହାଦ୍ୱାରା ଲୋକଙ୍କୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂପର୍କରେ ସଚେତନ




କରିବା ସେମାନଙ୍କର ଲକ୍ଷ୍ୟ । ସେମାନଙ୍କର ଏହି ନିଆରା ଉଦ୍ୟମ ସଂପର୍କିତ ଏକ ଭିଡିଓ ମଧ୍ୟ ଉପଲବ୍ଧ । ଭିଡିଓଟି ୩ ମିନିଟ୍ ଅବଧିର । ସେଥିରେ ଏହି ଦମ୍ପତି ବୋଟ୍‌ରେ ସମୁଦ୍ରରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରୁଥିବାର ଦେଖାଯାଉଛି । ପରେ ସେହି ବୋଟ୍ ମଧ୍ୟରେ ସେମାନେ ତାକୁ ତରଳାଇ ପ୍ଲାଷ୍ଟିକ୍ ଚେୟାରର ରୂପ ଦେଉଛନ୍ତି । ଭିଡିଓକୁ ୨.୫ ନିୟୁତ ଲାଇକ୍ ମିଳିଛି ।

# ବାଲୁଶାହି



ବାଲୁଶାହି ଏକ ପାରମ୍ପରିକ ପିଠା । ଭରତ, ପାକିସ୍ତାନ, ବାଂଲାଦେଶରେ ଏହି ମିଠା ପ୍ରସ୍ତୁତ ହୋଇଥାଏ । ସ୍ଥଳ ବିଶେଷରେ ଏହାର ନାମ ଭିନ୍ନ ଭିନ୍ନ ହୋଇଥାଏ । ଏହା ଦେଖିବାକୁ ଡୋନଟ୍ ଭଳି ହୋଇଥିଲେ ମଧ ସ୍ୱାଦ ଏବଂ ପ୍ରସ୍ତୁତି ପ୍ରଣାଳୀ ସଂପୂର୍ଣ୍ଣ ଭିନ୍ନ । ସଂପୂର୍ଣ୍ଣ ପାରମ୍ପରିକ ଶୈଳୀରେ ଏହାକୁ ପ୍ରସ୍ତୁତ କରାଯାଇଥାଏ । ଦକ୍ଷିଣ ଭାରତରେ ଏହାକୁ ବାଦୁଶାହ ବୋଲି ମଧ କୁହାଯାଏ । ଉତ୍ତରପ୍ରଦେଶ, ବିହାର ଏବଂ ପଶ୍ଚିମବଙ୍ଗରେ ଏହି ମିଠାର ଆଦର ଅଧିକ । ମଇଦା, ଚିନି, ଏବଂ ଘିଅ ହେଉଛି ଏହାର ମୁଖ୍ୟ ଉପାଦାନ । ରିଫାଇନ ତେଲ କିମ୍ବା ଘିଅରେ ଏହାକୁ ଛଣାଯାଇ ଚିନି ସିରାରେ ବୁଡ଼ାଇ ପ୍ରସ୍ତୁତ କରାଯାଇଥାଏ । ବାଲୁଶାହି ଏବଂ ବାଦୁଶାହ ମଧ୍ୟରେ ପାର୍ଥକ୍ୟ ହେଉଛି ବାଦୁଶାହ ଟିକେ ଅଧିକ ମିଠା ଏବଂ ନରମ । ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କେରଳ, କର୍ଣ୍ଣାଟକ ଏବଂ ତାମିଲନାଡୁର ପ୍ରାୟ ଅଧିକାଂଶ ମିଠା ଦୋକାନରେ ବାଦୁଶାହ ବିକ୍ରି ହୋଇଥାଏ । ସେମିତି ଉତ୍ତରପ୍ରଦେଶରେ ବାଲୁଶାହିର ବିକ୍ରି ଅଧିକ । କୁହାଯାଏ ବାଲୁଶାହି ପାଇଁ ଉତ୍ତରପ୍ରଦେଶର ଲୋକମାନେ ଏହାକୁ ଦୀପାବଳୀ ଅବସରରେ ପ୍ରସ୍ତୁତ କରିଥାଆନ୍ତି । ଏହା ବିନା ଫ୍ରିଜ୍‌ରେ ୧୫ରୁ ୨୦ ଦିନ ରହିପାରେ । ତେବେ ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ବିଷୟରେ ।

**ପ୍ରସ୍ତୁତି :**

ବାଲୁଶାହି ତିଆରି କରିବା ପାଇଁ ମଇଦା, ଚିନି, ରିଫାଇନ ତେଲ ମୁଖ୍ୟ ଉପାଦାନ । ଏଥର ଆସନ୍ତୁ ଜାଣିବା କେଉଁ କେଉଁ ଉପାଦାନ କେତେ ମାତ୍ରାରେ ଦରକାର ହେବ । ବାଲୁଶାହି ପାଇଁ ଆପଣ ମଇଦା ୫୦୦ ଗ୍ରାମ, ଘିଅ ୧୫୦ ଗ୍ରାମ (ମଇଦାରେ ମିଶାଇବା ପାଇଁ), ବେକିଂ ସୋଡ଼ା ଅଧ ଚାମଚ, ଦହି ଅଧ କପ, ଚିନି ୬୦୦ ଗ୍ରାମ (ତିନି କପ୍), ଛାଣିବା ପାଇଁ ରିଫାଇନ ତେଲ କିମ୍ବା ଘିଅ ନିଅନ୍ତୁ । ଏହା ପରେ ମଇଦାରେ ବେକିଂ ସୋଡ଼ା, ଦହି ଏବଂ ଘିଅ ମିଶାଇ ହାଲୁକା ଉଷୁମ ପାଣିରେ ନରମ କରି ଚକଟି ନିଅନ୍ତୁ । ଅଧିକ ପାଣିଆ କରିବେ ନାହିଁ । ଅଧିକ ଚକଟିବେ ନାହିଁ । ଚକଟି ସାରିବା ପରେ ୨୦ ମିନିଟ ରଖିଦିଅନ୍ତୁ । ଅଟା ଚକଟା ଭଲ କରି ଜମିଗଲେ ପରେ ହାତରେ ତେଲ ମାରି ପୁଣି ଅଳ୍ପ ସମୟ ଦଳି ନିଅନ୍ତୁ । ଏଥର ଛୋଟ ଛୋଟ ଗୁଳା କରି ଦୁଇ ହାତରେ ସଂପୂର୍ଣ୍ଣ ଗୋଲ କରିବା ପରେ ଦୁଇ ପଟରୁ ଟିକେ ଚାପି ଦିଅନ୍ତୁ । ଠିକ୍ ଯେମିତି ପେଡ଼ା ଭଳି ଲାଗିବ । ଏହାପରେ ସେଥିରେ ମଝିରୁ ଆଙ୍ଗୁଳିରେ ଟିକେ ଫୁଟାଇ ଦିଅନ୍ତୁ । ଏଥର କରେଇରେ ତେଲ ଗରମ କରନ୍ତୁ । ତେଲ ଭଲ କରି ଗରମ ହୋଇଗଲା ପରେ ଆଞ୍ଚ ଧିମା କରନ୍ତୁ । ଗୋଟିଏ ଗୋଟିଏ କରି ଏହି ଗୁଳାଗୁଡ଼ିକୁ ତେଲରେ ଦେଇ ମଧ୍ୟମ ଆଞ୍ଚରେ ଛାଣନ୍ତୁ । ବାଦାମି ରଙ୍ଗର ହୋଇଆସିଲେ ତେଲରୁ କାଢ଼ି ଆଣନ୍ତୁ । କେବେ ବି ଆଞ୍ଚ ଅଧିକ କରିବେ ନାହିଁ । କାରଣ ଆଞ୍ଚ ଅଧିକ କଲେ ବାହାରୁ ଗାଢ଼ ଦେଖାଯିବ କିନ୍ତୁ ଭିତରେ କଞ୍ଚା ରହିଯାଇଥିବ । ଏହା ପରେ ୬୦୦ଗ୍ରାମ ଚିନିରେ ୩୦୦ ଗ୍ରାମ ପାଣି ମିଶାଇ ସିରା ପ୍ରସ୍ତୁତ କରନ୍ତୁ । ଚିନି ସିରା ଯେମିତି ଅଧିକ ଗାଢ଼ା କିମ୍ବା ଅତି ପତଳା ହୋଇନଥାଏ ସେଥିପ୍ରତି ଖିଆଲ ରଖିଥିବେ । ସିରା ପ୍ରସ୍ତୁତ ହୋଇଗଲେ ଟିକେ ଥଣ୍ଡା ହେବାକୁ ଦିଅନ୍ତୁ । ଉଷୁମ ସିରାରେ ଆଗରୁ ଛାଣି ରଖିଥିବା ମଇଦା ଗୁଳାଗୁଡ଼ିକୁ ପକାନ୍ତୁ । ପାଞ୍ଚ ମିନିଟ୍ ବତୁରିଗଲେ ପରେ ଚାମଚ ସାହାଯ୍ୟରେ ସେଗୁଡ଼ିକୁ ଗୋଟିଏ ପରେ ଗୋଟିଏ ବାହାର କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ବାଲୁଶାହି । ଆପଣ ଏହାକୁ ଏୟାର ଟାଇଟ୍ ଡବାରେ ୧୫ ରୁ ୨୦ ଦିନ ପର୍ଯ୍ୟନ୍ତ ରଖି ଖାଇପାରିବେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୨ ଅଗଷ୍ଟ ୨୦୨୦, ରବିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମସ୍ୟା ବହୁଳ ପୃଥିବୀ

ସାରା ପୃଥିବୀରେ ପ୍ରାୟ ସାତଶହ କୋଟି ଲୋକ ବସବାସ କରୁଥିବାବେଳେ ପ୍ରତିବର୍ଷ ସେମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି। ଲୋକସଂଖ୍ୟା ତୁଳନାରେ ଖାଦ୍ୟପଦାର୍ଥ, ଜଳ, ବାସସ୍ଥାନ, ସ୍ୱାସ୍ଥ୍ୟ ଇତ୍ୟାଦି କ୍ଷେତ୍ରରେ ବିବିଧ ସମସ୍ୟା ସୃଷ୍ଟି ହେଉଥିବାରୁ ଜାତିସଂଘ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା ଏ ବିଷୟରେ ରିପୋର୍ଟ ପ୍ରସ୍ତୁତ କରିବାପାଇଁ। ସେହି ରିପୋର୍ଟରୁ ଜଣା ପଡ଼ିଛି ଯେ ଗତ ଦଶବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କ୍ଷୁଧାର୍ତ୍ତ ଲୋକମାନଙ୍କର ସମସ୍ୟା ବୃଦ୍ଧି ପାଇଛି। ୨୦୧୫ ପୂର୍ବରୁ ମୋଟାମୋଟି ୩୮ ନିୟୁତ କ୍ଷୁଧାର୍ତ୍ତ ଲୋକ ଥିଲେ। ୨୦୧୬ରେ ସେମାନଙ୍କର ସଂଖ୍ୟା ୮୧୫ ବିଲିୟନକୁ ବଢ଼ିଛି। ପୃଥିବୀର ଜନସଂଖ୍ୟା ଯଦି ଏହି ଅନୁପାତରେ ବଢ଼ିଚାଲେ ତେବେ ବଢୁଥିବା ଜନସଂଖ୍ୟା ପାଇଁ ଖାଦ୍ୟ, ବସ୍ତ୍ର, ଜଳ, ବାସସ୍ଥାନ, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ଉତ୍ପାଦନ ସେହି ପରିମାଣରେ ମିଳିବା ଆବଶ୍ୟକ। ତେଣୁ ଏହି ବର୍ଦ୍ଧିତ କ୍ଷୁଧିତ ଜନସଂଖ୍ୟାକୁ ବଂଚାଇ ରଖିବା ପାଇଁ ବିବିଧ ପ୍ରୟୋଜନ ବୃଦ୍ଧିର ଆବଶ୍ୟକତା ରହିଛି। କାରଣ ଜଙ୍ଗଲରେ ଜୀବଜନ୍ତୁମାନେ ରହିଲେ ବି ସେମାନଙ୍କ ପାଇଁ ପାଣି ପବନ ଖାଦ୍ୟ ପଦାର୍ଥ ଲୋଡ଼ାହୁଏ। ମନୁଷ୍ୟ ଅନ୍ୟାନ୍ୟ ପ୍ରାଣୀଠାରୁ ଅଧିକ ବୃଦ୍ଧି ବିଦ୍ୟାର ଅଧିକାରୀ ହୋଇଥିବାରୁ ପୃଥିବୀ ସବୁ ବ୍ୟବସ୍ଥା ଯେପରି ଠିକ ରହେ ଏ ଦାୟିତ୍ୱ ମନୁଷ୍ୟମାନେ ନେଇଥାନ୍ତି। ଦେଶ, କାଳ, ପାତ୍ରକୁ ନେଇ ବିଭିନ୍ନ ସଂଗଠନ ରହିଛି। କାରଣ ଜାତିସଂଘ ଓ ଅନ୍ୟାନ୍ୟ ଦେଶମାନଙ୍କର ସହଯୋଗରେ ଜନସଂଖ୍ୟା ବୃଦ୍ଧି ସହିତ ଖାଦ୍ୟ, ବସ୍ତ୍ର, ବାସସ୍ଥାନ, ସ୍ୱାସ୍ଥ୍ୟ ଶିକ୍ଷା ପ୍ରଭୃତି ଆବଶ୍ୟକତା ପୂର୍ଣ୍ଣ ନହେଲେ ପୃଥିବୀରେ ବାସ କରୁଥିବା ସମସ୍ତ ଜୀବଜଗତ ଧ୍ୱଂସମୁଖରେ ପଡ଼ିବେ। ୨୦୧୬ ସୁଦ୍ଧା ପୃଥିବୀର ଜନସଂଖ୍ୟା ଯେତିକି ବଢ଼ିଛି ସେଇ ଧାରାରେ ଯଦି ବଢ଼ିଚାଲେ ତେବେ ୨୦୦୦ ମସିହା ପର୍ଯ୍ୟନ୍ତ ଜନସଂଖ୍ୟା ଓ ଖାଦ୍ୟ ପଦାର୍ଥ ଉପାର୍ଜନ ଯେଉଁ ସ୍ତରରେ ଥିଲା ଏବେ ୨୦୧୬ରୁ ସବୁ କ୍ଷେତ୍ରରେ ତାହାର ଆବଶ୍ୟକତା ସେହି ଅନୁସାରେ ବୃଦ୍ଧି କରିବାକୁ ପଡ଼ିବ। ୨୦୧୭ରୁ ମଧ୍ୟ ଏଇ ସଂଖ୍ୟା କ୍ରମଶଃ ବଢ଼ି ବଢ଼ି ଯାଉଛି। ଜାତିସଂଘର ରିପୋର୍ଟରେ କୁହାଯାଇଛି ଯେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୬୮.୫ ନିୟୁତ ଲୋକ ୨୦୧୭ ସୁଦ୍ଧା ବାସଚ୍ୟୁତ ହୋଇଛନ୍ତି। ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ବିପୁଳ କ୍ଷତି ଘଟିଛି। ୨୦୧୭ରେ ଏହାର ପରିମାରଣ ତିନି ହଜାର ବିଲିୟନ ହେବ। ନିକଟ ଅତୀତରେ ଆମେରିକା ଏବଂ ଅନ୍ୟାନ୍ୟ ଦେଶରେ ବିପୁଳ କ୍ଷୟକ୍ଷତି ହୋଇଥିବା ବେଳେ ଭବିଷ୍ୟତରେ ଯେ ଆଉ କିଛି ହେବନାହିଁ ତାହା ଆଶା କରିବା ବୃଥା। ପ୍ରତ୍ୟେକ ଦେଶର କ୍ଷୟକ୍ଷତିର ହିସାବ ନଥିବାବେଳେ ପୃଥିବୀର ମୋଟାମୋଟି ହିସାବରୁ ଯାହା ଜଣାପଡୁଛି ୨୦୩୦ ସୁଦ୍ଧା ଯଦି ଏହାର ପ୍ରତିକାର କରାନଯାଏ ତେବେ ପୃଥିବୀ ଧ୍ୱଂସ ମୁହଁକୁ ଟାଣି ହୋଇଯିବ। ଜନସଂଖ୍ୟା ବୃଦ୍ଧି ଦ୍ରୁତ ଗତିରେ ବଢ଼ିଚାଲିଛି ଏବଂ ଶିଶୁ ବିବାହ ଏଡ଼ାଇବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ବଢ଼ିବଢ଼ି ଚାଲିଛି। କିନ୍ତୁ ୨୦୦୦ରୁ ୨୦୧୭ ମଧ୍ୟରେ ସଚେତନ ଉଦ୍ୟମ ଯୋଗୁଁ ଶିଶୁ ବିବାହ ୪୦ ପ୍ରତିଶତ କମିଛି। ଅନ୍ୟ ଦିଗକୁ ଦେଖିଲେ ଅନେକ ଦେଶର ଜଳର ଆବଶ୍ୟକତା କମୁଥିବାରୁ ଦିନେ ଯେ ପୃଥିବୀ ଜଳାଭାବଜନିତ ସଂକଟରେ ପହଂଚିବ, ତାହା ଏଡ଼ି ଦେଇ ହେବନାହିଁ। ରିପୋର୍ଟରେ କୁହାଯାଇଛି ଯେ ସହରାଂଚଳରେ ୧୦ଜଣ ମଧ୍ୟଣୁ ୯ ଜଣଙ୍କର ନିଃଶ୍ୱାସ ପ୍ରଶ୍ୱାସରେ ଦୂଷିତ ବାଷ୍ପ ପ୍ରବେଶ କରିଛି। ଭାରତ ଏବଂ ଦକ୍ଷିଣ ଏସିଆର ଚୀନ ପ୍ରଭୃତି ଅଂଚଳରେ ଯଦି ଜଳ, ବିଦ୍ୟୁତ୍, ବାସସ୍ଥା ଇତ୍ୟାଦିର ଆବଶ୍ୟକତା ପୂରଣ କରାନଯାଏ ତେବେ ଅଳ୍ପ କେତେ ବର୍ଷରେ ପୃଥିବୀ ଏକ ଭୟାନକ ସଙ୍କଟରେ ପହଂଚିବ। ତେଣୁ ୨୦୩୦ ସୁଦ୍ଧା ପୃଥିବୀରୁ ବିପର୍ଯ୍ୟୟ ଏଡ଼ାଇବା ପାଇଁ ହେଲେ ଯୁଦ୍ଧକାଳୀନ ତତ୍ପରତା ସହିତ ଆମକୁ ସଫଳତା ହାସଲ କରିବାକୁ ପଡ଼ିବ। ଏହିସବୁ ବିଷୟକୁ ଧ୍ୟାନରେ ରଖି ଜାତିସଂଘର ସାଧାରଣ ସଚିବ ଆଣ୍ଟୁନିଓ ଗୁଟେରେସ୍ ସବୁ ଦେଶର ନେତୃବୃନ୍ଦଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ଭାରତ ୨୦୩୦ ସୁଦ୍ଧା ଯଦି ସବୁ କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ସମ୍ପୂର୍ଣ୍ଣ ଭାବେ ନନିଏ ତେବେ ମଣିଷ ଜଗତ ଏବଂ ଜୀବଜଗତ ବିପନ୍ନ ହେବ। କାରଣ ଖାଦ୍ୟା, ଜଳ, ବସ୍ତ୍ର , ବାସସ୍ଥାନ, ପରିବେଶ ଇତ୍ୟାଦି ସବୁ କ୍ଷେତ୍ରରେ ବଂଚି ରହିବାପାଇଁ ଉପଯୁକ୍ତ ପଦକ୍ଷେପ ନବା ଏକାନ୍ତ ପ୍ରୟୋଜନ। ପ୍ରାକୃତିକ ବିପର୍ଯ୍ୟୟ ସବୁ ଦେଶର ସମାନ ଭାବରେ ରୁହେ ନାହିଁ। ଏଠାରେ ଉଲ୍ଲେଖ୍ୟ କରିବା ଉଚିତ ହେବ ଯେ ଓଡ଼ିଶାର ଭୌଗୋଳିକ ଅବସ୍ଥିତ ଏପରି ଯେ ଏଠାରେ ମଝିରେ ମଝିରେ ପ୍ରବଳ ଝଡ଼ତୋଫାନ ବା ବନ୍ୟା ଏବଂ ବେଳେବେଳେ ଶିଶୁ ପ୍ରସୂତୀଙ୍କ ପାଇଁ ପୃଷ୍ଟିକର ଖାଦ୍ୟ ଅଭାବରୁ ଜନଜୀବନ ବିପର୍ଯ୍ୟସ୍ତ ହୋଇଥାଏ। ଓଡ଼ିଶାର ଉପକୂଳ ଅଂଚଳର ୧୯୯୯ ମହାବାତ୍ୟାରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ଲକ୍ଷାଧିକ ଲୋକ ବାସଚ୍ୟୁତ ହୋଇଥିଲେ। ଏଇ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ବିକାଶକୁ ଏପରି ବିପର୍ଯ୍ୟସ୍ତ କରିଛି ଯେ ଏ ପର୍ଯ୍ୟନ୍ତ ଗରିବମାନଙ୍କ ଥଇଥାନ ସଂପୂର୍ଣ୍ଣ ହୋଇନାହିଁ।




### ମୃତ୍ୟୁର ପାଲିଙ୍କି....

ପୁସ୍ତମ ଯୁଆଡ଼ି

ସକାଳ ଟେ ଆସିଛି
ଖୁବ ଦିନପରେ ଅଗଣାକୁ
ନିଃଶବ୍ଦ ଭାବେ
ପାଲିଙ୍କି ଧରି ।

ଗୋଟେ ମୁହୂର୍ତ୍ତର ଅଭାବବୋଧ
ଯାହା ପାଇଁ ଅସହ୍ୟ
ସେ ପଠେଇନି ତ
ଏ ପାଲିଙ୍କି !!

ନା, ଯାହା ବି ହେଉ
ଯିବାକୁ ହେବ
ସ୍ମୃତି ସବୁକୁ ଦଉଡ଼ିରେ ବାନ୍ଧି
ସ୍ୱପ୍ନ ସବୁକୁ ଗଣ୍ଠିଲି କରି
ଜୀବନ ମାନଙ୍କୁ ଗହନା ପକେଇ
ଆଶା ଓ ବିଶ୍ୱାସକୁ ଛୁରୀ ମାରି
ତା କତିକୁ ।

ମୁକୁଳେଇବାକୁ ହେବ
ନିଃଶ୍ୱାସ ପ୍ରଶ୍ୱାସକୁ ତାର
ଏଇ ତ ସମୟର ଭିନ୍ନ ମୋଡ଼
ଯିବାକୁ ହେବ ଆରପାରିକୁ
ନିଜ ସହ ନିଜେ ଲଢ଼ି
ହାରିବାକୁ ହେବ
ଆଉ ଗୋଟେ ଜୀବନ ଯୁଦ୍ଧ ।

ଆଶା ଓ ବିଶ୍ୱାସକୁ ମାରିବା ପରେ
ଅବିଶ୍ୱାସ ବୋଲି କିଛି ଥାଏ କି ?
ଉଚ୍ଛୁର କିଆଁ
କାଳେ ସିଏ ପଠେଇ ଥାଇପାରେ
ମୃତ୍ୟୁର ପାଲିଙ୍କି,
ହସି ହସି ବସିବାକୁ ହେବ ।


+ ଭୁଟିବାହାଲ, ଗାଇସିଲାଟ, ବରଗଡ଼
ମୋ: ୬୩୭୧୪୧୯୩୩୪


## ଆମେ କେମିତି ରାମ ଭକ୍ତ ?


ଗୋପାଳ ମହାପାତ୍ର




> ଶହ ଶହ ବର୍ଷର ବିବାଦ ଏପରିକି ଜନଜାଗରଣ ଓ ମାନ୍ୟବର କୋର୍ଟଙ୍କ ନିଷ୍ପତ୍ତି ପରେ ରାମଜନ୍ମଭୂମି ବିବାଦ ଶାନ୍ତ ପଡ଼ିଛି। ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବ ସୃଷ୍ଟି ପାଇଁ ଏହା ଏକ ଅବସର ମଧ ସୃଷ୍ଟି କରିଛି। ରାମ ମନ୍ଦିର ଆନ୍ଦୋଳନ କୌଣସି ସାଧାରଣ ସଂଘର୍ଷ ନଥିଲା ବରଂ ଥିଲା ଏକ ଜୀବନ୍ତ ଇତିହାସ। 'ଦାସକ୍ୟାପିଟାଲ' ପୁସ୍ତକରେ କାର୍ଲମାର୍କ୍ସ ଲେଖିଛନ୍ତି ଯେ 'ଯଦି ବିଜେତା ଲୋକଙ୍କ ସଂସ୍କୃତି ଅଧିକ ବିକଶିତ ନହୁଏ ତେବେ ସେଇ ସଂସ୍କୃତି ବିଲୋପ ଆଡ଼କୁ ଗତି କରେ।'

ଅଯୋଧାରେ ରାମମନ୍ଦିରର ଶିଳାନ୍ୟାସ ହେବାକୁ ଯାଉଛି। ଏହା ଏକ ସୁଖଦ ଖବର ନିଶ୍ଚୟ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ରାମମନ୍ଦିର ପ୍ରସଙ୍ଗରେ ଦେଇଥିବା ରାୟକୁ ସବୁ ପକ୍ଷ ମାନିନେଇଛନ୍ତି। ଏହା ଭାରତର ସହିଷ୍ଣୁ ସ୍ୱଭାବର ପରିଚ୍ଛୟକ ଅଟେ। କିନ୍ତୁ ରାମମନ୍ଦିର ନିର୍ମାଣ କରୁଥିବା ବର୍ତ୍ତମାନର ଭାରତ କ'ଣ ରାମ ଚରିତର ଅନୁଶୀଳନ କରୁଛି ? ଆମ ରାଜନେତାମାନେ ମନ୍ଦିରର ନିର୍ମାଣ ପାଇଁ ଯେଭଳି ଭାବରେ ଜବରଦସ୍ତ ଜନ-ଜାଗରଣ କରିଥିଲେ ବା କରୁଛନ୍ତି, କ'ଣ ସେତିକି ଜୋରରେ ସେମାନେ ରାମଙ୍କ ମର୍ଯ୍ୟାଦା ପାଳନ ଉପରେ ଗରୁତ୍ୱ ଦେଉଛନ୍ତି ? ରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ବୋଲି କୁହାଯାଏ। ଏହି ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କୁ ଭଗବାନ ବୋଲି କହି ଆମେ ଗୋଟିଏ ମନ୍ଦିର ନିର୍ମାଣ କରିଦେବା, ମନ୍ଦିରରେ ତାଙ୍କୁ ସ୍ଥାପନା କରିଦେବା, ମନ୍ଦିରରେ ଘଣ୍ଟି ଘଣ୍ଟା ବଜାଇ ତାଙ୍କର ଆରତି କରିବା ଏବଂ ପ୍ରସାଦ ଖାଇଦେବାରେ କ'ଣ ସବୁ ସରିଯିବ ? ଆମେ କ'ଣ ଏତିକି କରିଦେଲେ ରାମଭକ୍ତ ହୋଇପାରିବା ? ରାମମନ୍ଦିରରେ ମୂର୍ତ୍ତୀ ସ୍ଥାପନ, ପୂଜାର୍ଚ୍ଚନା ପରେ ଆମ କାମ କ'ଣ ସରିଗଲା ? ସନ୍ଥ କବୀର କହିଥିଲେ, 'ଜୋ ପଥର ପୁଜେ ହରି ମିଲେ ତୋ ମେଁ ପୁଜୁଁ ପାହାଡ଼'। ରାମଙ୍କ ଚରିତ୍ରକୁ ନିଜର କରିବା ଓ ଆଚରଣରେ ପ୍ରଦର୍ଶନ କରିବା ହିଁ ରାମଙ୍କ ପ୍ରତି ପ୍ରକୃତ ପୂଜା। ପୁରାଣର କଥା ଅନୁସାରେ ମାତା ସୀତାଙ୍କ ଉପରକୁ ଜଣେ ଧୋବା ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା ତେଣୁ ସୀତା ଅଗ୍ନି ପରୀକ୍ଷା ଦେବା ପାଇଁ ବାଧ ହୋଇଥିଲେ। କାହିଁକି ମାତା ସୀତା ଅଗ୍ନି ପରୀକ୍ଷା ଦେଇଥିଲେ ? କାରଣ ହେଉଛି ରାଜା ବା ରାଣୀ ଅଥବା ରାଜକୁମାରୀଙ୍କ ଚରିତ୍ର ସନ୍ଦେହରୁ ଉର୍ଦ୍ଧ୍ୱରେ ରହିବା ଉଚିତ୍। ସାରାଦେଶ ଅଥବା ଦେଶର ସବୁ ପ୍ରଜାଙ୍କ ପାଇଁ ଏମାନେ ଆଦର୍ଶ ହୋଇଥାନ୍ତି। ଏହା ହେଉଛି ପ୍ରକୃତ ଗଣତନ୍ତ୍ର। କିନ୍ତୁ ଆମ ନେତାମାନଙ୍କ ଅବସ୍ଥା କ'ଣ ସେକଥା ସମସ୍ତେ ଜାଣନ୍ତି। ଧୋବାର ସମାଲୋଚନା ବା ଅସାମାଜିକ ତତ୍ୱଙ୍କ ମାଡ଼ ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁନାହିଁ କି ପାରିବ ବି ନାହିଁ। ଦେଶର ଅନେକ ଏମିତି ନେତା ବଡ଼ ବଡ଼ ଠିକାଦାରୀ ବା ଟେଣ୍ଡର କାର୍ଯ୍ୟ ଓ ବଡ଼ ବଡ଼ ସରକାରୀ କିଣାବିକାରେ ଦଲାଲି କରନ୍ତି ଓ ବେଶ୍ ହାତ ଚିକ୍କଣ କରନ୍ତି। ଅନେକଙ୍କ ବିରୁଦ୍ଧରେ ଏଭଳି ଅଭିଯୋଗ ମଧ ରହିଛି। ଅନେକଙ୍କ ନାମରେ ମକଦ୍ଦମା ମଧ ଚ୍ଛଲିଛି ହେଲେ ଶତକଡ଼ା ୯୯ ପ୍ରତିଶତ ବା ତା'ଠାରୁ ଅଧିକନେତା ଦୋଷମୁକ୍ତ ହୋଇଛନ୍ତି। ନେତାମାନଙ୍କ ପାଇଁ ଆଲୋଚନା,ସମାଲୋଚନା, ବିରୋଧ, ପ୍ରଦର୍ଶନ, ଫୁଲମାଳ ଅଥବା ଗାଳିର ଫରକ କିଛି ନାହିଁ। ରାମ ତାଙ୍କ ପିତା ଦଶରଥଙ୍କ କଥା ବା ବଚନ ପାଳନ କରି ସିଂହାସନ ତ୍ୟାଗ କରି ୧୪ବର୍ଷ ବନବାସ ଚ୍ଛଲିଯାଇଥିଲେ। କିନ୍ତୁ ଆଜିର ରାମ ଦଶରଥଙ୍କୁ ଆଗରେ ରଖି ସିଂହାସନ କବ୍‌ଜା କରିବା ପାଇଁ ଯେକୌଣସି ବ୍ୟକ୍ତି ସହ ସାଲିସ କରିବା ପାଇଁ ପ୍ରସ୍ତୁତ। ବନବାସୀ ରାମ ଅନେକ ଲୋକଙ୍କୁ ଆଦର ସମ୍ମାନ କରିଥିଲେ, କୋଳାଗ୍ରତ କରିଥିଲେ ବୋଲି ପୁରାଣ କହୁଛି। ରାମ ସେତେବେଳେ ଜାତି-କୁଟୁମ୍ବ, ଉଚ୍ଚ-ନୀଚ, ମନୁଷ୍ୟ ଏବଂ ପଶୁ ମଧରେ ଭେଦଭାବ ରଖିନଥିଲେ। ଭେଦଭାବ ତ୍ୟାଗ କରିଦେଇଥିଲେ। କିନ୍ତୁ ରାମଙ୍କ ନାମ ନେଉଥିବା ଓ ରାମ ନାମ ମାଳା ଜପୁଥିବା ଆମ ନେତାମାନେ କ'ଣ ଉଚ୍ଚ-ନୀଚ, ମନୁଷ୍ୟ ଏବଂ ପଶୁ ମଧରେ ଭେଦଭାବ ରଖିନଥିଲେ। ଭେଦଭାବ ତ୍ୟାଗ କରିଦେଇଥିଲେ। କିନ୍ତୁ ରାମଙ୍କ ନାମ ନେଉଥିବା ଓ ରାମନାମ ମାଳା ଜପୁଥିବା ଆମ ନେତାମାନେ କ'ଣ ଉଚ୍ଚ-ନୀଚ, ଜାତି ଭେଦକୁ ଭୁଲିପାରିଛନ୍ତି ? ଉତ୍ତର ହେଉଛି ନାଁ। ଭେଦଭାବ ସୃଷ୍ଟି କରି ନେତାଏ ନିର୍ବାଚନ ବୈତରଣୀକୁ ପାରହେଉଛନ୍ତି। ତେବେ ଏମାନେ ରାମଭକ୍ତ ହେଲେ କେମିତି ? ଆମେ କ'ଣ ଏମାନଙ୍କୁ ରାମଭକ୍ତ ବୋଲି କହିପାରିବା କି ? ପୁରାଣର କଥା ଅନୁସାରେ ରାମ ରାବଣର ସ୍ୱର୍ଣ୍ଣମୟୀ ଲଙ୍କାକୁ ଜିଣିଥିଲେ କିନ୍ତୁ ନିଜେ ସ୍ୱର୍ଣ୍ଣମୟୀ ଲଙ୍କାର ସିଂହାସନରେ ବସି ନଥିଲେ କିମ୍ବା ଲକ୍ଷ୍ମଣ ବା ଭରତ, ଶତ୍ରୁଘ୍ନଙ୍କୁ ସେଠାକାର ସିଂହାସନରେ ବସାଇଥିଲେ। ରାମ ଲଙ୍କା କୁ ଜିଣି ବିଭିଷଣଙ୍କ ହାତରେ ସମର୍ପିତ ଦେଇଥିଲେ। କିନ୍ତୁ ଆମ ଦେଶରେ ପରିବାରବାଦର ଇତିହାସ ଚ୍ଛଲିଛି। ଦେଶର ପ୍ରାୟ ସବୁ ରାଜନୈତିକ ଦଳ ମା-ପୁଅଙ୍କ ଦଳ ଅଥବା ଭାଇ-ଭାଇର ଦଳ ବା ବାପ-ପୁଅଙ୍କ ଦଳ ଅଥବା ପତି-ପତ୍ନୀଙ୍କ ଦଳରେ ପରିଣତ ହୋଇଯାଇଛି। ଦେଶରେ ଏମିତି କୌଣସି ରାଜନୈତିକ ଦଳ ନାହିଁ ଯେଉଁ ଦଳରେ ପରିବାରବାଦର ଛାପ ପଡ଼ିନାହିଁ। ରାମ ରାଜତନ୍ତ୍ରକୁ ଲୋକତନ୍ତ୍ର ବା ଗଣତନ୍ତ୍ରରେ ପରିଣତ କରିବା ପାଇଁ ଉଦ୍ୟମ କରିଥିଲେ କିନ୍ତୁ ଆମ ରମଭକ୍ତମାନେ ଭାରତୀୟ ଗଣତନ୍ତ୍ରକୁ ପରିବାରତନ୍ତ୍ରରେ ପରିଣତ କରିବା ପାଇଁ ତତ୍ପର। ଏଣୁ ଏମାନେ ଓ ଆମେ କେମିତି ରାମଭକ୍ତ ?

ଶହ ଶହ ବର୍ଷର ବିବାଦ ଏପରିକି ଜନଜାଗରଣ ଓ ମାନ୍ୟବର କୋର୍ଟଙ୍କ ନିଷ୍ପତ୍ତି ପରେ ରାମଜନ୍ମଭୂମି ବିବାଦ ଶାନ୍ତ ପଡ଼ିଛି। ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବ ସୃଷ୍ଟି ପାଇଁ ଏହା ଏକ ଅବସର ମଧ ସୃଷ୍ଟି କରିଛି। ରାମ ମନ୍ଦିର ଆନ୍ଦୋଳନ କୌଣସି ସାଧାରଣ ସଂଘର୍ଷ ନଥିଲା ବରଂ ଥିଲା ଏକ ଜୀବନ୍ତ ଇତିହାସ। 'ଦାସକ୍ୟାପିଟାଲ' ପୁସ୍ତକରେ କାର୍ଲମାର୍କ୍ସ ଲେଖିଛନ୍ତି ଯେ 'ଯଦି ବିଜେତା ଲୋକଙ୍କ ସଂସ୍କୃତି ଅଧିକ ବିକଶିତ ନହୁଏ ତେବେ ସେଇ ସଂସ୍କୃତି ବିଲୋପ ଆଡ଼କୁ ଗତି କରେ।' ଭାରତକୁ ଆସିଥିବା ଆରବ, ତୁର୍କ, ପଠାଣ, ମୋଗଲ ସମସ୍ତଙ୍କର ହିନ୍ଦୁକରଣ ହୋଇଥିଲା। ସବୁ ଠିକ୍। କିନ୍ତୁ ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କୁ ପୂଜା କରିବା ସହ ତାଙ୍କ ଚରିତ୍ର କୁ ଅନୁଶୀଳନ ଓ ଅନୁକରଣ କରିବା କ'ଣ ଉଚିତ୍ ନୁହେଁ କି ? ତାଙ୍କ ଆଦର୍ଶ କଥା କହୁଥିବା ଲୋକେ ମର୍ଯ୍ୟାଦା ପୁରୁଷୋତ୍ତମ ଙ୍କ ଆଦର୍ଶରେ ଅନୁପ୍ରାଣିତ ନହେଲେ ତାଙ୍କୁ ରାମଭକ୍ତ କୁହାଯିବ କେମିତି ? ରାମଙ୍କ କଥା କହୁଥିବା ଲୋକେ ରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ଗାନ୍ଧୀଙ୍କ ରାମରାଜ୍ୟର ସ୍ୱପ୍ନ ସାକାର ହେବ ନିଶ୍ଚୟ।


+ ରାମଚନ୍ଦ୍ରପୁର
ରଣପୁର,
ମୋ.-୯୪୩୮୪୮୫୦୯୪


## ଲକ୍ ଡ଼ାଉନ୍ ଓ ସଟ୍ ଡ଼ାଉନ୍ ର୍ ନିୟମ ପାଳନ ହେଉ


ଶରତ କୁମାର ରାଉତ




କରୋନା ମହାମାରୀରୁ ମଣିଷ ସମାଜ କେବେ ମୁକ୍ତି ପାଇବ, କେହି ଠିକ୍ ଭାବେ କହି ପାରୁନାହାନ୍ତି। ବରଂ ଏ ସଂପର୍କରେ ମିଳୁଥିବା ବିଭିନ୍ନ ଖବର ମଣିଷର ଚିନ୍ତା ବଢାଇ ଦେଉଛି। କେତେବେଳେ କେଉଁ ରାଜ୍ୟ ବା ସହରରେ କରୋନା ଭୂତାଣୁ ତୀବ୍ର ଗତିରେ ସଂକ୍ରମଣ ହେବାର ଖବର ମିଳୁଛି ତ କେବେ କେଉଁଠି ସଂକ୍ରମଣ କମୁଛି ବୋଲି କୁହାଯାଉଛି। ଏହା ଭିତରେ ମଧ୍ୟ ମୃତ୍ୟୁ ସଂଖ୍ୟା ମଧ୍ୟ ଧୀରେ ଧୀରେ ବଢି ଚାଲିଛି। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ସୀରୋଲଜିକାଲ୍ ସର୍ଭେରେ କୁଆଡ଼େ ରାଜଧାନୀର ପ୍ରାୟ ଏକ-ଚତୁର୍ଥାଂଶ ଲୋକେ କରୋନା ଭୂତାଣୁ ସଂସ୍ପର୍ଶରେ ଆସିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ବହୁ ଲୋକଙ୍କ ଠାରେ ସଂକ୍ରମଣର କୌଣସି ଲକ୍ଷଣ ଦେଖାନଥିଲା। ଏହା ନିଶ୍ଚୟ ଏକ ଗମ୍ଭୀର ବିଷୟ। ଏଥିରୁ ମନେ ହୁଏ, ଦେଶରେ ସମସ୍ତଙ୍କର କରୋନା ପରିକ୍ଷା କରାଗଲେ, ଦିଲ୍ଲୀ ଭଳି ସାରା ଦେଶରେ ପ୍ରାୟ ଏକ-ଚତୁର୍ଥାଂଶ ଲୋକେ କରୋନା ଭୂତାଣୁରେ ସଂକ୍ରମିତ ଥିବା ଜଣା ପଡ଼ିପାରେ।

ଆମ ରାଜ୍ୟର ଗଞ୍ଜାମ ଜିଲ୍ଲା ମଧ୍ୟ କରୋନା ହଟସ୍ପଟ୍‌ରେ ପରିଣତ ହୋଇଛି। ଏଠାରେ ରାଜ୍ୟ ସରକାରଙ୍କ ଦ୍ୱାରା କିଛିଦିନ ତଳୁ ନିୟମିତ କରୋନା ପରିକ୍ଷା ହେବା ଦିନ ଠାରୁ ପ୍ରତିଦିନ ଶହଶହ ସଂକ୍ରମିତ ରୋଗୀ ବାହାରୁଛନ୍ତି। ପ୍ରତିଦିନ ରୋଗୀ ସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଛି। ଏପରିକି ଓଡ଼ିଶାରେ ଦୈନିକ ଯେତେଜଣ କରୋନା ସଂକ୍ରମିତ ବାହାରୁଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା କେବଳ ଗଞ୍ଜାମ ଜିଲ୍ଲାର ବୋଲି ରିପୋର୍ଟ ପ୍ରକାଶ ପାଉଛି। ତେବେ ଗଞ୍ଜାମ ଜିଲ୍ଲାରେ ପ୍ରତିଦିନ ଲୋକଙ୍କର କରୋନା ପରିକ୍ଷା ହେଉଥିବାରୁ ଶହ ଶହ ସଂକ୍ରମିତ ବାହାରୁଛନ୍ତି ଓ ଏହା ଧୀରେ ଧୀରେ କମିଯିବ ବୋଲି ପ୍ରଶାସନ ପକ୍ଷରୁ କୁହା ଯାଉଛି। ଗଞ୍ଜାମର ଏହି ଚିତ୍ର ଦେଖି ଗଞ୍ଜାମ ସମେତ ସାରା ଓଡ଼ିଶାର ସାଧାରଣ ଲୋକେ ଭୟଭୀତ ହୋଇ ପଡ଼ିଲେଣି।

ଭାରତର ବିଶାଳ ଜନସଂଖ୍ୟା ଦୃଷ୍ଟିରୁ ନିକଟ ଭବିଷ୍ୟତରେ ସଂକ୍ରମଣର ତୀବ୍ରତା ବଢିବାର ଆଶଙ୍କା ମଧ୍ୟ କରାଯାଉଛି। ଯେହେତୁ ଦେଶର ବହୁ ଅଂଚଳରେ କରୋନା ଭୂତାଣୁର ତାଣ୍ଡବ ଚାଲିଛି। ଜାତୀୟ ସ୍ତରରେ ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ୪୬ ହଜାରକୁ ପାର କରି ଗଲାଣି, ଯାହା ନୂଆ ସଂକ୍ରମଣ ମାମଲାରେ ଆମେ ଆମେରିକା ଓ ବ୍ରାଜିଲ୍ ଠାରୁ ମଧ୍ୟ ଆଗକୁ ମାଡ଼ି ଗଲୁଣି। ଏଇଥି ପାଇଁ ହିଁ ଦେଶର କେତେକ ରାଜ୍ୟ ସରକାରଙ୍କୁ ପୁଣି ଲକ୍ ଡ଼ାଉନ୍ ଆଡ଼େ ଫେରିବାକୁ ପଡ଼ିଛି। କୌଣସି ପ୍ରକାର ତୀବ୍ର ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ଏବେ ଓଡ଼ିଶାର କେତେକ ଜିଲ୍ଲାରେ ମଧ୍ୟ ପୁଣି ଲକ୍ ଡ଼ାଉନ୍ ଆରମ୍ଭ ହୋଇ ଯାଇଛି। ସେହିପରି ଓଡ଼ିଶାର କିଛି ଜିଲ୍ଲା ଓ ସହରରେ ମଧ୍ୟ ସଟଡ଼ାଉନ୍ ଚାଲିଛି।

ଏହା ସତ୍ୟ ଯେ, ଭଗବାନଙ୍କ ବ୍ୟତୀତ କରୋନା ତାଣ୍ଡବକୁ ନିୟନ୍ତ୍ରଣ ପାଇଁ କାହା ପାଖରେ ଶକ୍ତି ନାହିଁ। ଏଣୁ ଆମକୁ ଆଗାମୀ କିଛି ମାସ ପର୍ଯ୍ୟନ୍ତ ଏହି ଅବସ୍ଥା ସହିତ ସାଲିସ୍ କରି ଚଳିବାକୁ ପଡ଼ିବ। ଏଥିରେ ସବୁଠୁ ବଡ଼ ଅସୁବିଧା ହେଲା ଆମ ଜନସଂଖ୍ୟାର ଘନତ୍ୱ। ଏଥିଯୋଗୁ କରୋନା ବିରୁଦ୍ଧରେ ସବୁ ପ୍ରକାର ପ୍ରଶାସନିକ ପ୍ରସ୍ତୁତି ବା ଲଢେଇ ବେଳେବେଳେ ଫେଲ୍ ମାରୁଛି। ଏହି ଅବସ୍ଥାରେ ସାଧାରଣ ଲୋକଙ୍କର ସହଯୋଗ ଓ କରୋନା ନିୟମ ପାଳନର ଅତ୍ୟନ୍ତ ଆବଶ୍ୟକତା ରହିଛି। ଏ ବାବଦରେ ପୃଥିବୀର କେତେକ ଦେଶର ଉଦାହରଣ ଆମ ଆଗରେ ମୂର୍ତ୍ତିମନ୍ତ ରହିଛି। ସେହି ସବୁ ଦେଶରେ ପ୍ରଶାସନକୁ ସାଧାରଣ ଲୋକ ମାନେ ନିଜର ଅକୁଣ୍ଠିତ ସହଯୋଗ ଦେଲେ। ଯେଉଁଥିପାଇଁ ସେହି ଦେଶମାନେ କରୋନା ମହାମାରୀକୁ ଆୟତ କରି ପାରିଛନ୍ତି। ମାତ୍ର ଆମ ଦେଶରେ ଏହି ଗମ୍ଭୀର ଅବସ୍ଥାରେ ମଧ୍ୟ ଲୋକମାନଙ୍କର ପ୍ରଶାସନକୁ ପୂର୍ଣ୍ଣ ସହଯୋଗ ମିଳୁ ନଥିବା ଦେଖା ଯାଉଛି। ଏକଥା କୁହାଯାଇ ପାରିବ ନାହିଁ ଯେ, ଏହି ମହାମାରୀର ଗମ୍ଭୀରତା ସଂପର୍କରେ ଦେଶର କୌଣସି ଅଂଚଳରେ ବା କାହା ପାଖରେ ଖବର ନାହିଁ। ହୁଏତ କିଛି ଲୋକେ କରୋନା ନିୟମ ଠିକ୍ ଭାବେ ପାଳନ କରୁନଥାଇ ପାରନ୍ତି, ତଥାପି ସେମାନଙ୍କୁ ନିୟମ ପାଳନ ପାଇଁ ଅନ୍ୟମାନେ ସଚେତନ କରାଇବା ଉଚିତ।

ଆମ ଦେଶର ଭୌଗୋଳିକ ସ୍ଥିତି ଅନୁଯାୟୀ ଆମେ ସମସ୍ତେ ଅଧିକ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଭାରତର କେତେକ ରାଜ୍ୟରେ ବନ୍ୟାର ସ୍ଥିତି ଭାରି ଗମ୍ଭୀର ଅବସ୍ଥାକୁ ଚାଲି ଯାଇଛି। ଏହି ଅବସ୍ଥାରେ ସାମାଜିକ ଦୂରତ୍ୱ ପାଳନ କରିବା ପ୍ରାୟ ସମ୍ଭବ ନୁହେଁ। ତଥାପି ସଚେତନଶୀଳ ନାଗରିକ ମାନେ ପ୍ରଭାବିତ ଲୋକମାନଙ୍କୁ ଏ ବାବଦରେ ସଚେତନ କରାଇବା ଉଚିତ। ପୁଣି ଏହି ବର୍ଷା ଋତୁ ନିଜ ସାଙ୍ଗରେ ଅନେକ ମାରାତ୍ମକ ରୋଗକୁ ସାଙ୍ଗରେ ଆଣିଥାଏ। ଡେଙ୍ଗୁ ଓ ଚିକନଗୁନିଆ ଭଳି ଅତି ମାରାତ୍ମକ ରୋଗ ପ୍ରତି ବର୍ଷ ଦେଶର ବହୁ ଅଂଚଳରେ ତାଣ୍ଡବ ସୃଷ୍ଟି କରେ। ଏଥିପ୍ରତି ମଧ୍ୟ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ।

ଏବେ ଆମ ପାଇଁ ବଡ଼ ପରିକ୍ଷାର ସମୟ। ବାସ୍ତବରେ କରୋନା ଭୂତାଣୁର ଲୋପ ପାଇଁ ଆମ ହାତରେ ଅସ୍ତ୍ର ଥାଇ ମଧ୍ୟ ଆମେ ସେହି ଅଦୃଶ୍ୟ ଶକ୍ତି ସହ ଲଢି ପାରୁନାହୁଁ। କାରଣ ଆମ ମଧ୍ୟରୁ କିଛି ଲୋକ କରୋନା ଅସ୍ତ୍ର ବ୍ୟବହାର କରୁ ନାହାନ୍ତି। ଉଦାହରଣ ସ୍ୱରୂପ ସର୍ବସାଧାରଣ ସ୍ଥାନରେ ଲୋକେ ଏତେ ଭିଡ଼ କରୁଛନ୍ତି ଯେ, କେହି ବି ସାମାଜିକ ଦୂରତ୍ୱ ମାନୁ ନଥିବା ଦେଖା ଯାଉଛି। ଆହୁରି ଚିନ୍ତାର ବିଷୟ ହେଲା, ବହୁ ସଂଖ୍ୟାରେ ଲୋକେ ଭିଡ଼ ଭିତରେ ବି ମାକ୍ସ ପିନ୍ଧୁ ନାହାନ୍ତି। ଏହା ଦ୍ୱାରା ସେମାନେ ନିଜକୁ ଓ ଅନ୍ୟ ଲୋକ ମାନଙ୍କୁ ବିପଦ ଘେରରେ ରଖୁଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ଦ୍ୱାରା ଲକ୍ ଡ଼ାଉନ୍ କିମ୍ବା ସଟ୍ ଡ଼ାଉନ୍ ବ୍ୟବସ୍ଥା ଜାରି ଥିବାବେଳେ ଲୋକମାନେ ମନମୁଖି ବାହାରେ ବୁଲିବା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହେଉଛି। ସରକାରଙ୍କ କୋଭିଡ୍-୧୯ ଆଇନ ଅନୁଯାୟୀ ଏଭଳି ଅମାନିଆ ଲୋକମାନଙ୍କ ଠାରୁ ଜରିମାନା ଆଦାୟ ହେଲେ ମଧ୍ୟ କେହି ଚେତୁ ନାହାନ୍ତି। ଏହା ଦ୍ୱାରା ଲକ୍ ଡ଼ାଉନ୍ କିମ୍ବା ସଟ୍ ଡ଼ାଉନ୍ ର ସଂପୂର୍ଣ୍ଣ ଲାଭ ମିଳୁନାହିଁ। ଦେଶର କିଛି ଅଂଚଳରେ ବାରମ୍ବାର ଲକ୍ ଡ଼ାଉନ୍ କିମ୍ବା ସର୍ଟ ଡ଼ାଉନ୍ ବଢାଇବାର ମୁଖ୍ୟ କାରଣ ଅମାନିଆ ଲୋକଙ୍କ ଅସାବଧାନତା। ଆହୁରି ଚିନ୍ତାର ବିଷୟ ହେଲା, ଆମ ଦେଶରେ ଲୁଚି ଛପି ସଭା, ସମିତି ଆଦି ଆୟୋଜନ କରା ଯାଉଥିବାରୁ ଗୋଟିଏ ସ୍ଥାନରେ ଅସମ୍ଭବ ଭିଡ଼ ଜମୁଛି। ଏଭଳି ଅସାବଧାନତା ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। ଆଉ ଏଥିଯୋଗୁ କରୋନା ସଂକ୍ରମଣ ତୀବ୍ର ଗତିରେ ବଢୁଛି ଓ ଏହା ଫଳରେ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପ୍ରଭାବିତ ହେଉଛି। ସରକାରୀ ଆଇନ ପାଳନ କରିବା ଆମର ଦାୟିତ୍ୱ ଓ କର୍ତବ୍ୟ। ସମସ୍ତେ ମିଶି ଲଢେଇ ନକଲେ, ଆମେ କରୋନା ମହାମାରୀକୁ ଜିତି ପାରିବା ନାହିଁ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର,
ମୋ: ୯୩୩୭୩୬୯୪୮

# ଶ୍ରୀଫଳର ଆଦର



ଆମ ହିନ୍ଦୁ ପରମ୍ପରାରେ ନଡ଼ିଆ ଫଳକୁ ଶ୍ରୀଫଳ ଭାବେ ଜଣାଯାଏ ନିକଟରେ ହୋଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଗତ କିଛି ବର୍ଷ ମଧ୍ୟରେ ନଡ଼ିଆର ଆଦର ଭାରତ ସହ ବିଦେଶରେ ମଧ ବଢ଼ିଲାଣି । ଖାଦ୍ୟ ବିଶେଷଜ୍ଞମାନେ ଯେତେବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ଲୋକଙ୍କୁ ଅବଗତ କରାଉଥିଲେ ଯେ ମୃଦୁପାନୀୟ ଯେତେ ନାମୀ କମ୍ପାନୀର ହେଲେ ମଧ ସେଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ । ବିଳମ୍ବ, ହେଉ ପଛକେ, ଲୋକେ ଅନେକାଂଶରେ ଏସବୁର ସତ୍ୟତା ହୃଦୟଙ୍ଗମ କଲେଣି । ଏଣୁ ବର୍ତ୍ତମାନ କିଛି ବର୍ଗର ବ୍ୟକ୍ତି ଯଦିଓ ମୃଦୁପାନୀୟ ପିଉଛନ୍ତି, ତାହା ଖୁବ କମ ପରିମାଣରେ । ଏହା ସହ ଶ୍ରୀଫଳର ଉପଯୋଗିତା ବାବଦରେ ସମସ୍ତେ ଭଲଭାବେ ଅବଗତ ହେଲେଣି ।

♦ ବିଶେଷଜ୍ଞଙ୍କ ମତରେ ନଡ଼ିଆ ପାଣି କମ କ୍ୟାଲୋରୀଯୁକ୍ତ ପାନୀୟ ଅଟେ । ଆଣ୍ଟିଅକ୍ସିଡାଣ୍ଟ, ଆମିନୋ ଏସିଡ ଭରପୂର ଏହି ପାନୀୟ ପିଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼େ ।

♦ ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ ପ୍ରତ୍ୟହ ନଡ଼ିଆ ପାଣି ପିଇବାର ଅଭ୍ୟାସ କରନ୍ତୁ । ଏହା ସହ ଏଇ ପାଣି ତ୍ୱଚା ଓ କେଶ ନିମନ୍ତେ ଏକ ଉତ୍ତମ ଟନିକ ମଧ ।

♦ ନଡ଼ିଆ ପାଣିରେ ଥିବା କଲୋକ୍ଲୋଲାଇଟସ ଓ ପୋଟାସିୟମ ରକ୍ତ ଚାପନ କମ କରିବା ସହ ହୃଦରୋଗୀଙ୍କ ନିମନ୍ତେ ମଧ ଖୁବ ଭଲ । ଏହି ପାଣିରେ ମହଜୁଦ ଥିବା ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ଶରୀରୁ ବିଷ ତତ୍ତ୍ୱ ବାହାର କରିବାରେ ସହାୟକ ହୋଇଥାଏ ।

♦ କେବଳ ନଡ଼ିଆ ପାଣି ନୁହେଁ, ନଡ଼ିଆ ତେଲ ମଧ ଶରୀର ନିମନ୍ତେ ଖୁବ ହିତକର ।

# ଜିରାର ଉପକାରିତା



■ ସୁପାଚକ ଚିରାକୁ ନିୟମିତ ଖାଇଲେ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡ଼େ । ପ୍ରାୟ ୧ଚାମଚ ଜିରା, ଲେମ୍ବୁପାଣି ସହ ରାତିରେ ବତୁରାଇ ସଦକାଳେ ଖାଲିପେଟରେ ପିଇବା ଦ୍ୱାରା ଖାଦ୍ୟ ଜୀର୍ଣ୍ଣ ହୋଇଥାଏ ।

■ ଜିରା ଖାଇଲେ ହାଡ଼ ଶକ୍ତ ହୋଇଥାଏ ।

■ ଅର୍ଶରୋଗୀମାନେ ନିୟମିତ ଭାବରେ ଜିରା ୧ଛୋଟ ଚାମଚ ଚୋବାଇବା ଭଲ ।

■ ନ୍ୟୁଜିଲାଣ୍ଡ ଗବେଷକମାନେ ନିକଟରେ ପ୍ରକାଶ କରିଛନ୍ତି ଯେ ମଧୁମେହ ରୋଗୀ ଜିରା ଖାଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣ ନିୟନ୍ତ୍ରଣାଧୀନ ରହେ ।

■ ପିଲାମାନଙ୍କୁ ବିଭିନ୍ନ ବ୍ୟଯ୍ଜନରେ। ଜିରାର ପ୍ରୟୋଗ କରାଇ ଖୁଆଇଲେ ସେମାନଙ୍କ ସ୍ମୃତି ।କ୍ତି ବଢ଼ିବାର ଗବେଷକଗଣ ମତ ପ୍ରକାଶ କରିଛନ୍ତି ।

■ ଜିରାରେ ଭିଟାମିନ ଇ ଥିବା ଯୋଗୁଁ ତ୍ୱଚା ପାଇଁ ଏହା ଏକ ଉତ୍ତମ ଖାଦ୍ୟ ।

# ମୃଦୁ ପାନୀୟକୁ ସତର୍କତା

**ମୃଦୁପାନୀୟ ପିଇବାର ୧୦ମିନିଟ୍ ମଧ୍ୟରେ ପୂରା ଶରୀରରେ ୧୦ମିନିଟ୍ ମଧ୍ୟରେ ଶର୍କରା ଜମା ହୋଇଥା, । ଆବଶ୍ୟକତାଠାରୁ ଅଧିକ ଶର୍କରା ପରିମାଣ ଏହି ପାନୀୟରେ ଥିବାରୁ ଶରୀର ପାଇଁ ଏହା ଅତ୍ୟନ୍ତ କ୍ଷତିକାରକ ।**



♦ ମୃଦୁପାନୀୟ ପିଇବାର ୨୦ମିନଟ୍ ପରେ ରକ୍ତରେ ଶର୍କରା ପରିମାଣ ବଢ଼େ । ଯକୃତ ଏହି ଶର୍କରାକୁ ଫ୍ୟାଟରେ ପରିଣତ କରିଥାଏ ।

♦ ସର୍ବେକ୍ଷଣରୁ ଜଣାପଡ଼ିଛି, ପ୍ରତି ୧୦ଜଣରେ ୬ଜଣ ନିୟମିତ ୨ଘଣ୍ଟାରେ ଥରୁଟିଏ ମୃଦୁପାନୀୟ ପିଇଥାନ୍ତି । ଏହି ପାନୀୟ ପିଇବର ୪୦ମିନିଟ୍ ପରେ ଅଧିକାଂଶ ଲୋକଙ୍କ ରକ୍ତଚାପ ମଧ ବଢ଼େ। ଯୁବତୀ ଓ ମହିଳା କ୍ଷେତ୍ରରେ ମଧ ମୃଦ୍ୟୁପାନୀୟ କ୍ଷତିକାରକ । ମୂତ୍ରାଶୟରେ କ୍ୟାଲସିୟମ ଜମା କରିବାରୁ ସେମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୋଇଥାନ୍ତି ।

♦ ମୃଦୁପାନୀୟ ପିଇଲେ ବାରମ୍ବାର ପରିସ୍ରା ଲାଗିଥାଏ । ଏଣୁ ଏହି ପ୍ରକ୍ରିୟାରେ ଶରୀରରୁ ଆବଶ୍ୟକ ଜଳ, ମିନେରାଲ୍ସ ଓ ନ୍ୟୁଟ୍ରିଏଣ୍ଟସ ବାହାରିଯିବା କାରଣରୁ ଡିହାଇଡ୍ରେସନର ଶିକାର ହୋଇଥାନ୍ତି ।

♦ ଏହି ପାନୀୟରେ ମାତ୍ରାଧିକ କ୍ୟାଲୋରୀ ଥିବାରୁ ମଧୁମେହ ହେବାର ଆଶଙ୍କା ବଢ଼ାଇଥାଏ ।

♦ ଏଥିରେ ଫସଫରିକ ଏସିଡ ଥିବା କାରଣରୁ ହାଡ଼ଗୁଡ଼ିକ ମଧ ଦୁର୍ବଳ ହୋଇଥାନ୍ତି ।

♦ ବିଭିନ୍ନ ମୃଦୁପାନୀୟରେ କେରେମେଲ ନାମ ରାସାୟନିକ ପଦାର୍ଥ ଥିବାର କାରଣରୁ କର୍କଟ ରୋଗ ହେବାର ଅନ୍ୟତମ କାରଣ ବୋଲି ବିଶେଷଜ୍ଞଙ୍କ ମତ ।

♦ ମୃଦୁପାନୀୟ ପିଇଲେ ଏସିଡିଟି ଅଧିକ ହୋଇଥାଏ ବୋଲି ଜଣାପଡ଼ିଛି ।

# ଉପକାରୀ ଲାଉ



ଲାଉ ସ୍ୱାସ୍ଥ୍ୟ ପାଇଁ ବେଶ ହିତକର । ନିୟମିତ ଲାଉ ଖାଉଥିବା ବ୍ୟକ୍ତି ପେଟ ରୋଗର ଶିକାର ହୋଇ ନ ଥାନ୍ତି । ଲାଉ ଖାଇବା ଦ୍ୱାରା ଗ୍ୟାସ ସମସ୍ୟା ଦୂର ହୋଇଥାଏ । ତେବେ ଲାଉ ସବୁ ସମୟରେ ବଜାରରେ ମିଳି ନଥାଏ । ତେଣୁ ନିଜ ବାଡ଼ିରେ ଲଗାଇବାକୁ ଅଧିକାଂଶ ପସନ୍ଦ କରିଥାନ୍ତି । ଲାଉରେ ୯୬ ପ୍ରତିଶତ ଜଳୀୟ ଅଂଶ ରହିଛି । ଏଥିରେ କମ କ୍ୟାଲୋରୀ ଥିବାରୁ ସହଜରେ ହଜମ ହୋଇଥାଏ । ଲାଉ ଫାଇବର ରହିଥିବାରୁ ପେଟ ସମ୍ବନ୍ଧୀୟ ରୋଗରୁ ଆମକୁ ରକ୍ଷା ମିଳିଥାଏ । ଅଲସର, କୋଷ୍ଠକାଠିନ୍ୟ ଓ ଗ୍ୟାସ ରୋଗୀଙ୍କ ପାଇ ଏହା ଲାଭକାରୀ । ପରିସ୍ରା ଜଳାପୋଡ଼ା ହେଉଥିଲେ ଲାଉ ସୁପ ପିଇବା ଦ୍ୱାରା ଏଥିରୁ ଉପଶମ ମିଳିଥାଏ । ଲିଭର ସଂକ୍ରମଣ ହୋଇଥିଲେ କିମ୍ବା ଠିକଭାବେ କାର୍ଯ୍ୟ କରୁନଥିଲେ ଲାଉ ଖାଇବା ଦ୍ୱାରା ଏହି ସମସ୍ୟାରୁ ରକ୍ଷା ମିଳିଥାଏ । ଲାଉ ମଞ୍ଜିର ତେଲ ଖାଇବା ଦ୍ୱାରା ଜଲେଷ୍ଟରଲ ମାତ୍ରା କମିଥାଏ । ଏହା ହୃଦଯନ୍ତ୍ର ପାଇଁ ଲାଭଦାୟକ । ରକ୍ତ ନଳୀକୁ ମଧ ଲାଉ ସୁସ୍ଥ ରଖିଥାଏ ଉଚ୍ଚରକ୍ତଚାପ, କୋଷ୍ଠକାଠିନ୍ୟ, ହୃଦରୋଗ ସମସ୍ୟା ତଥା ମଧୁମେହରୁ ଲାଉ ଆମକୁ ରକ୍ଷା କରିଥାଏ ।

# ଲୋପ ହେଉଛି ଜନଜାତି



ଅନେକ ପ୍ରଜାତିର ଜୀବସତ୍ତା ଓ ବିଭିନ୍ନ ପ୍ରକାରର ବୃକ୍ଷ ପୃଥିବୀପୃଷ୍ଠରୁ ଏହା ମଧ୍ୟରେ ଲୋପପାଇସାରିଲାଣି । ଏବେ ସେହି କ୍ରମରେ ମନୁଷ୍ୟଜାତି ମଧ ସାମିଲ ହେଲାଣି । ଯେପରି ପୁରୁଣାସମୟର ଅକ୍ଷର ମଧ ନିଶ୍ଚିହ୍ନ ହୋଇଥିବାର ଇତିହାସର ପୃଷ୍ଠାରୁ ଜଣାପଡ଼େ । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା କେତେକ ଆଦିବାସୀ ଜନଜାତିଙ୍କ ସଂଖ୍ୟା ଦିନକୁଦିନ ହ୍ରାସ ପାଇବାରେ ଲାଗିଛି । ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଂନର ସର୍ବେକ୍ଷଣ ଅନୁସାରେ, କେବଳ ଆଫ୍ରିକାର ହିଁ ଆଦିବାସୀ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ନେପାଳ ଓ ଅଷ୍ଟ୍ରେଲିଆର ଆଦିବାସୀଙ୍କ ସଂଖ୍ୟା କମିବାରେ ଲକ୍ଷ୍ୟ କରାଯାଉଛି । ନେପାଳରେ ରହୁଥିବା ଖାନବଦୋଶ ଜନଜାତିଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଏମାନଙ୍କ ସଂଖ୍ୟା ମାତ୍ର ୧୫୦ ଏବେ । ଆଗାମୀ କିଛି ବର୍ଷ ମଧ୍ୟରେ ଖାନବଦୋଶ ଜନଜାତି ସମ୍ପୂର୍ଣ୍ଣ ଭାବରେ ନିଶ୍ଚିହ୍ନ ହୋଇଯିବ ବୋଲି ଏବେଠାରୁ ପ୍ରମାଦ ଗଣାଯାଉଛି । ବାହାର ଦୁନିଆଠାରୁ ଏଠା ଲୋକେ ସମ୍ପୂର୍ଣ ଅଲଗା ରହିବା ସହ ମିଳାମିଶା କରିବାକୁ ଏମାନେ ପସନ୍ଦ କରିନଥାନ୍ତି । ଅସ୍ଥାୟୀ କ୍ୟାମ୍ପରେ ରହିବା ଏମାନଙ୍କର ସ୍ୱଭାବ । ଏହି ଜନଜାତିର ଲୋକେ ମାଙ୍କଡ଼ ଶିକାର କରିବାରେ ଧୁରନ୍ଧର । ଏ ବାବଦରେ ଆମେ ସଚେତନ ନ ହେଲେ ଖୁବ କମ ସମୟରେ ଏଇ ଜନଜାତି ନିଶ୍ଚିହ୍ନ ହୋଇଯିବ ।

# ଇଉରୋପର ଲୋକପ୍ରିୟ ଚାଳକବିହୀନ ବସ୍



୨୦୧୬ରେ ଇଉରୋପର ଏସ୍ତୋନିୟା ରାଷ୍ଟ୍ରରେ ଚାଳକବିହୀନ ବସ ସେବା ଆରମ୍ଭ ହୋଇଛି । ଏହି ବସ ସେବାକୁ ନେଇ ସ୍ଥାନୀୟ ଲୋକେ ବେଶ ଖୁସି ଥିବାବେଳେ ପର୍ଯ୍ୟଟକମାନେ ମଧ ଏଥିରେ ଯାତ୍ରା ଆରାମଦାୟକ ବୋଲି କହିଛନ୍ତି । ନିଜ ସ୍ମାର୍ଟଫୋନ ଆପ୍ଲିକେସନ ସହାୟତାରେ ବସର ଗତିବିଧି ଜାରିହେବା ସହ ବସ ଷ୍ଟାଣ୍ଡରେ ଯଥା ସମୟରେ ପହଞ୍ଚି ଏହି ବସରେ ଯାତ୍ରା କରିହେବ । ଗତ କିଛି ବର୍ଷ ମଧ୍ୟରେ ଏହି ବସ ଯାତ୍ରାରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଅସୁବିଧା ହୋଇନାହିଁ । ଯାତ୍ରୀଙ୍କୁ ଯଥା ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ସହ ଟ୍ରାଫିକ ସଙ୍କେତକୁ ମଧ ଚମତ୍କାର ଭାବେ ପାଳନ କରୁଛି ଏହି ବସ । ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲୁଥିବା ଏହି ଚାଳକବିହୀନ ବସ ଆସନ୍ତା ମାସରୁ ୨୪ଘଣ୍ଟା ସେଠାରେ ଚାଲିବ ବୋଲି ଜଣାପଡ଼ିଛି ।

# ବାଡ଼ିରେ ଲଗାନ୍ତୁ ନିମ ଗଛ



ନିମ ଏକ ଔଷଧୀୟ ବୃକ୍ଷ। ଏହା ଯେତିକି ପିତା ଶରୀର ପାଇ ସେତିକି ଲାଭନଦାୟକ । ରକ୍ତଶୋଧନରେ ସାହାଯ୍ୟ କରିବା ସହିତ ଚର୍ମ କେଶ ପାଇଁ ମଧ ଉପକାରୀ । ନିମପତ୍ର ପିତା ହୋଇଥିବାରୁ ଏହାକୁ ଅଧିକ ମାତ୍ରାରେ ଖାଇହୁଏ ନାହିଁ ସତ: କିନ୍ତୁ ଏହାର ପିତା କମ କରାଯାଇ ଖିଆଯାଇପାରିବ । ନିମର ରସ ପିଇଲେ ଅନେକ ଫାଇଦା ମିଳିଥାଏ । ନିମ ରସ ରକ୍ତଶୋଧନ କରି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ତ୍ୱଚା ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର କରିଥାଏ । ନିମପତ୍ରର ରସ ମ୍ୟାଲେରିଆ ଓ ଜଣ୍ଡିସ ଭଳି ରୋଗ ଦୂର କରିବାରେ ସହାୟକ ହୋଇଥାଏ । ଏହାର ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ମ୍ୟାଲେରିଆ ଜୀବାଣୁକୁ ରୋକିବା ସହିତ ଯକୃତକୁ ମଜଭୁତ କରିଥାଏ । ଜଣ୍ଡିସରେ ନିମପତ୍ରର ରସକୁ ମହୁ ସହିତ ଖାଇଲେ ଏହା ଭଲ ହୋଇଥାଏ । ମିଳିମିଳା ବା ହାଡ଼ଫୁଟିର ଦାଗ ଅନେକ ଦିନ ଧରି ରହିଥାଏ । ଏହିଦାଗଦୂର ପାଇଁ ନିମପନତ୍ରର ରସ ପମାଲିସ କରନ୍ତୁ । ଏହା ବିଭିନ୍ନ ଦାଗ ଦୂର କରିବା ସହ ଏକଜିମା, ମିଳିମିଳା ଓ ହାଡ଼ଫୁଟି ଆଦି ରୋଗ ହେବାକୁ ଦେଇ ନଥାଏ । ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଦୁଇବୁନ୍ଦା ନିମରସ ଆଖିରେ ପନକାନ୍ତୁ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବା ସହ ଆଖିକୁ ସୁସ୍ଥ ରଖିଥାଏ ।

# ପନିପରିବା ଚାଷ ଓ ଉପକାରିତା





ଆମ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ପନିପରିବାର ଆବଶ୍ୟକତା ସମସ୍ତେ ୂପଲବ୍ଧି କରିଥାନ୍ତି । ମନୁଷ୍ୟର ସୁମେ ଓ ସନ୍ତୁଳିତ ଖାଦ୍ୟରେ ଜଳକୁ ଛାଡ଼ି ୫ଟି ମୁଖ୍ୟ ୂପାଦନ ରହିବା ସଦରକାର, ଯଥା ଶ୍ୱୋତସାର, ସ୍ନେହସାର, ପୁଟ୍ଟେିସାର, ଧାତୁସାରୁ ଓ ଜୀବସାର । ଶସ୍ୟଜାତୀୟ ଫସଲରୁ ମୁଖ୍ୟତଃ ଶ୍ୱେତସାର ତୈଳବୀଜାତୀୟ



ଫସଲରୁ ସ୍ନେହସାର ଓ ଡଲିଜାତୀୟ ଫସଲରୁ ପୁଷ୍ଟିସାର ମିଳିଥାଏ । ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସୁଷମ ଖାଦ୍ୟରେ ଶସ୍ୟ, ତୈଳ ଓ ଡାଲିର ୬୦-୭୦ ଭାଗ ଓ ପନିପରିବାରୀ ୩୦-୪୦ ଭାଗ ରହିବା ଦରକାର । ଖାଦନ୍ୟରେ ଏହି ପ୍ରକାର ଭାଗମାପ ରହିଲେ ମନୁଷ୍ୟ ସୁସ୍ଥ, ସବଳ ଓ ଦୀର୍ଘଦିନ ପାଇଁ କାର୍ଯ୍ୟକ୍ଷମ ରହେ ।

ପନିପରିବାରେ ଆନେକ ଖଣିଜ ଲବଣ ଓ ଜୀବସାର ରହିଥାଏ ଯାହାକୁ ଖାଇବା ଦ୍ୱାରା ଶରୀର ସତେଜ ଅନୁଭବ କରିବା ସହ ନାରୋଗ ରହିପାରିବ । ଏଭଳି କିଛି ରୋଗ ରହିଛି, ଯାହା କେବଳ ଜୀବସାର ତଥା ପୋଷକ ପଦାର୍ଥର ଅଭାବରୁ ହୋଇଥାଏ । ଏହି ପୋଷକତ୍ତ୍ୱର ଅଭାବ କେତେକ ପନିପରିବା ଖାଇବା ଦ୍ୱାରା ଦୂର କରାଯାଇପାରିବ । ସାଧାରରତଃ ଆମେ ଆଳୁ, କଲରା, ବନ୍ଧାକୋବି, ଫୁଲକୋବି, ଜହ୍ନି, ଭେଣ୍ଡି, ପୋଟଳ, କୁନ୍ଦୁରି ବୋଇତିକଖାରୁ, ଅମୃତଭଣ୍ଡା , ବିତନ୍ୱ, ଶିମ୍ବ, ବିଭିନ୍ନ ପ୍ରକାରର ଶଗ ଆଦି ପନିପରିବାକୁ ରାନ୍ଧି ତରକାରି ରୂପେ ଏବଂ ବିଲାତି, ଗାଜର, ପିଆଜ, ଧନିଆଁପତ୍ର କଞ୍ଚାଲଙ୍କା, ମୂଳା, ବିଟ୍ କାକୁଡ଼ି ଆଦି ପରିବାକୁ କଞ୍ଚା ସାଲାଡ ରୂପେ ଖାଇଥାଉ । ପତ୍ରଜାତୀୟ ପନିପରିବାରୁ ବିଶେଷ କରି ଭିଟାମିନ ଏ ଅଧିକ ମିଳିଥାଏ । ଏହି ଜାତୀୟ ପରିବାରରେ ଲୌହାଂଶ ଅଧିକ ଥିବାରୁ ଏଶହାକୁ ଖାଇବାରେ ମହିଳା ଓ ଦୁର୍ବଳ ସ୍ୱାସ୍ଥ୍ୟ ଥିବା ବ୍ୟକ୍ତିମାନେ ବିଶେଷ ଉପକାର ପାଇଥାନ୍ତି । ଏହା କର୍କଟ ଓ ମଧୁମେହ ରୋଗର ଆଶଙ୍କା ହ୍ରାସ କରିଥାଏ । ଏହି ପ୍ରକାର ପନିପରିବା ଶସ୍ତା, ସହଜରେ ଉତ୍ପାଦନ ରୋଷେଇ ତଥା ହଜମ ହୋଇଥାଏଜ ରକ୍ତ ପ୍ରବାହକୁ ଠୀକ ରଖିଥାଏ ଓ ହୃଦସ୍ପନ୍ଦନକୁ ଠିକ ରଖି ମଜଭୁତ କରିଥାଏ । ଲାଉ କୋଲେଷ୍ଟ୍ରଲର ମାତ୍ରାକୁ କମାଇ ଦେଇଥାଏ । ଏବେ ତ ବୈଜ୍ଞାନିକ ଚିକିତ୍ସକ ଓ ଗବେଷକମାନେ ଶାକାହାରର ଗୁଣଗାନ କରୁଛନ୍ତି ଓ ପନିପରିବା ଖାଇ ହୃଦଘାତରୁ ନିଜକୁ ମୁକ୍ତ ରଖିବାକୁ ପରାମର୍ଶ ଦେଉଛନ୍ତି ।

ତଥ୍ୟ ଅନୁଯାୟୀ ପିଆଜ, ରସୁଣ, ବିଲାତି ବାଇଗଣ ଲାଉ, ଗାଜର ଆଦି ଖାଇବା ଦ୍ୱାରା ହୃଦଯନ୍ତ୍ର ଠିକ ଭାବେ କାର୍ଯ୍ୟ କରିଥାଏ । ସାଲାଡର ପିଆଜ ରସୁଣ ଖାଲି ପେଟରେ ଖାଇବା ବେଶ ଲାଭଦାୟକ ହୋଇଥାଏ ।

# ଭିଟାମିନ ସି' ଖାଦ୍ୟର ଉପକାରିତା




ନିୟମିତ ଭାବେ ଭିଟାମିନ ସି'ଯୁକ୍ତ ଖାଦ୍ୟ ଖାଇଲେ ତାହା ଶରୀର ଉପରେ ଉତ୍ତମ ପ୍ରଭାବ ପକାଇଥାଏ ବୋଲି ଖାଦ୍ୟ ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଭିଟାମିନ ସି ଯୁକ୍ତ ଖାଦ୍ୟ ତାଲିକାରେ ଅଙ୍ଗୁର, କମଳା, ଲେମ୍ବୁ, ଓ ଅଁଳା ଆଦି ଫଳ ରହିଛି । ପାଳଙ୍ଗ ଶାଗ, ବନ୍ଧାକୋବି, ଟମାଟୋ ଓ ପଣସକଠାରେ ମଧ ପର୍ଯ୍ୟପ୍ତ ପରିମାଣର ଭିଟାମିନ ସି ଥିବା ପ୍ରକାଶ । ଫିନଲ୍ୟାଣ୍ଡର ଗବେଷକଗଣଙ୍କ ବପୀକ୍ଷାରୁ ଜଣାପଡ଼ିଛି ଯେ ନିୟମିତ ଭାବେ ଭିଟାମିନ ସି ଯୁକ୍ତ ଖାଦ୍ୟ ଖାଇଲେ ଥଣ୍ଡା, ସର୍ଦ୍ଦି ରୋଗରୁ ରକ୍ଷା ପାଇବା ସହ ତ୍ୱଚାରେ ବିଶେଷ ଚମକ ଆସିଥାଏ । ପିଲାଠାରୁ ବୟସ୍କ ପ୍ରତ୍ୟେକ ବର୍ଗର ଲୋକେ ନିଜ ଖାଦ୍ୟପେୟରେ ଭିଟାମିନ ସି କୁ ସାମିଲ କରିବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ନିୟମିତ ଭାବରେ ଖାଇବା ଦ୍ୱାରା କର୍କଟ ରୋଗରୁ ରକ୍ଷା ମିଳିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ । ପିଲାମାନେ ନିୟମିତ ଭାବରେ ଭିଟାମିନ ସି ଯୁକ୍ତ ଖାଦ୍ୟ ଖାଇଲେ ସେମାନଙ୍କ ମସ୍ତିଷ୍କ ସକ୍ରିୟ ରହିବା ସହ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ ବୋଲି ପରୀକ୍ଷାରୁ ପ୍ରକାଶିତ ।

# ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାକୁ କାର୍ଯ୍ୟକ୍ଷମ କରାଇବାରେ ରାଜ୍ୟସରକାର ବିଫଳ : ବିଜେପି

ଭୁବନେଶ୍ୱର,୦୧।୮ (ନି.ପ୍ର): ରାସ୍ତା ପାର୍ଶ୍ୱ ଉଠା ଦୋକାନୀମାନଙ୍କୁ (ଷ୍ଟ୍ରିଟ୍ ଭେଣ୍ଡର)ବୀମା ଭୁକ୍ତ କରାଇ ପ୍ରିମିୟମ ରାଶି ରାଜ୍ୟସରକାର ଦେବା ପାଇଁ ବିଜେପି ପକ୍ଷରୁ ଗତ ୨୪ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଦାବୀ କରାଯାଇଥିଲା । ଏହାର ଜବାବରେ ସରକାରୀ ଦଳମୁଖପାତ କହିଥିଲେ ଯେ, ରାଜ୍ୟ ସରକାର ଜଣ ପିଛା ୩୦୦୦ ହଜାର ଟଙ୍କାକରି ୪୫,୬୦୦ ଜଣ ରାସ୍ତା ପାର୍ଶ୍ୱ ଉଠା ଦୋକାନୀ(ଷ୍ଟ୍ରିଟ୍ ଭେଣ୍ଡର)ଙ୍କୁ ଆର୍ଥିକ ସହାୟତା ଦେଇଛନ୍ତି । କିନ୍ତୁ ଏଭଳି କୌଣସି ତଥ୍ୟ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍‌ରେ କିମ୍ବା କୌଣସି ମହାନଗର ନିଗମ, ମ୍ୟୁନିସିପାଲଟି, ଏନ୍‌ଏସି ଗୁଡିକର ୱେବସାଇଟ୍‌ରେ ଉପଲବ୍ଧ ନାହିଁ । ତେଣୁ ଶାସକ ଦଳର ମୁଖପାତ୍ର ଏଭଳି ଭ୍ରମାତ୍ମକ ବକ୍ତବ୍ୟ ନଦେଇ ଏହି ତଥ୍ୟଟି କେଉଁଠୁ ପାଇଲେ ବୋଲି ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମହାନ୍ତି ପ୍ରଶ୍ନ କରିଛନ୍ତି । ୨୪ ମାର୍ଚ୍ଚ ୨୦୨୦ ତାରିଖ ପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇଥିବା ରାସ୍ତା ପାର୍ଶ୍ୱ ଉଠା ଦୋକନୀ (ଷ୍ଟ୍ରିଟ୍ ଭେଣ୍ଡର)ତାଲିକାକୁ ଏହି ଯୋଜନାରେ ସାମିଲ୍ ହେବା ପାଇଁ ରାଜ୍ୟ ସରକାର ଧାର୍ଯ୍ୟ କରିଛନ୍ତି । ମାତ୍ର ଏହି ଅବଧିକୁ ଜୁନ୍ ୧, ୨୦୨୦କୁ ବୃଦ୍ଧି କରିବା ପାଇଁ ଶ୍ରୀ ମହାନ୍ତି ଦାବୀ କରିଛନ୍ତି । ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ଯୋଜନାରେ ଉଠା ଦୋକାନି ମାନଙ୍କ ପାଇଁ ୧୦ ହଜାର ଟଙ୍କାର ବିନା ବନ୍ଧକରେ ଋଣର ବ୍ୟବସ୍ଥା କରିଛନ୍ତି । ୨୫ ତାରିଖରେ ପ୍ରଧାନମନ୍ତ୍ରୀ ଏହି ଯୋଜନାର ସମୀକ୍ଷା କରିଥିଲେ । ଦେଶର ୨ ଲକ୍ଷ ୬୦ ହଜାରରୁ ଉର୍ଦ୍ଧ୍ୱ ଷ୍ଟ୍ରିଟ୍ ଭେଣ୍ଡର ୧୦ ହଜାର ଟଙ୍କା ପାଇଁ ଆବେଦନ କରିଛନ୍ତି । ୬୪ ହଜାର ଉଠା ଦୋକନୀ ଷ୍ଟ୍ରିଟ୍ ଭେଣ୍ଡର ଙ୍କୁ ଋଣ ଯୋଗାଇ ଦେବା ନେଇ ମଂଜୁରୀ ମିଳିଛି ଏବଂ ୫୬୦୦ ଜଣ ଉଠା ଦୋକନୀ ଷ୍ଟ୍ରିଟ୍ ଭେଣ୍ଡର ଙ୍କୁ ବ୍ୟାଙ୍କ ୧୦ ହଜାର ଲେଖାଏଁ ଦେଇ ସାରିଲାଣି । ଏକଥାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ସ୍ୱଷ୍ଟ କରନ୍ତୁ ଯେ, ଏହି ସହାୟତା ରାଶି ପାଇବା ପାଇଁ ଓଡିଶାରେ କେତେ ଜଣ ଉଠାଦୋକାନୀ ଆବେଦନ କରିଛନ୍ତି ? କେତେ ଜଣଙ୍କୁ ଋଣ ନେବା ପାଇଁ ମଂଜୁରୀ ମିଳିଛି ଏବଂ କେତେ ଜଣଙ୍କୁ ଟଙ୍କା ମିଳିଛି, ତାହାର ଏକ ସ୍ୱଷ୍ଟ ଚିତ୍ର ରାଜ୍ୟବାସୀଙ୍କ ଆଗରେ ରଖନ୍ତୁ । ଏହା ସହ ମୁଖ୍ୟମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ନିଜେ ସମୀକ୍ଷା କରି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଏହି ଯୋଜନାରେ ସାମିଲ କରାନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଅନ୍ୟପକ୍ଷରେ ଭୁବନେଶ୍ୱରର ୬୭ଟି ୱାର୍ଡରେ ଦୈନିକ ୧୪୦୦ କୋଭିଡ୍ ପରୀକ୍ଷା ହେବା ସହ ୬ଟି ସ୍ଥାନରେ ୮୭୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ହୋମ୍ କାର୍ଯ୍ୟ କରୁଛି ବୋଲି ରାଜ୍ୟ ସରକାର କହିଥିଲେ । କିନ୍ତୁ ଏଥିରେ ସତ୍ୟତା ନାହିଁ । ଏଭଳି କଠିନ ସମୟରେ ମାସ୍କ, ସାନିଟାଇଜେର୍ ଓ ସାମାଜିକ ଦୂରତା ସହିତ ଜୀବନକୁ ସୁରକ୍ଷିତ ରଖି ଜୀବିକାକୁ ଗୁରୁତ୍ୱ ଦେବା ମଧ୍ୟ ଆବଶ୍ୟକ ଅଟେ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଗତ ୨୭ ଜୁଲାଇ ରେ ଏସ.ୟୁ.ଡି.ଏ (ସୁଡା) ଓ ବିଏ.ମ.ସି ମିଳିତ ବୈଠକ କରି ଉପରଠାଉରିଆ ଭାବେ ପ୍ରେସ ରିଲିଜ ଦେଲେ ଯାହାର କୌଣସି ନିର୍ଦ୍ଦିଷ୍ଟ ଖସଡା ପ୍ରସ୍ତୁତ ହୋଇନାହିଁ । କୋଭିଡ ପରିଚାଳନା ଦାୟୀତ୍ୱରେ ଥିବା ଅଧିକାରୀମାନଙ୍କୁ ସମସ୍ତ ସରକାରୀ ଏବଂ ବେସରକାରୀ ହସ୍ପିଟାଲ ଗୁଡିକରେ 'କୋଭିଡ-୧୯ ଆସିଷ୍ଟାଂଟ କେୟାର' କରି କୋଭିଡ ସଂପର୍କିତ ସୂଚନା ଦେବାର ବ୍ୟବସ୍ଥା କରାଯାଉ । ପିଏମ୍ ଷ୍ଟ୍ରିଟ୍ ଭେଣ୍ଡରସ୍ ଆତ୍ମନିର୍ଭର ନିଧି ଯୋଜନାରେ ହିତାଧିକାରୀଙ୍କ ଇ-ରେଜିଷ୍ଟେସେନ୍ ପାଇଁ ବିଏମସିର ସମସ୍ତ ୩ଟି ଜୋନାଲ୍ ଅଫିସରେ ହେଲ୍ପ ଡେସ୍କ ଖୋଲାଯାଇ ଏହାର ପରିଚାଳନା କରିବାକୁ ଶ୍ରୀ ମହାନ୍ତି ଦାବୀ କରିବା ସହ ଏଭଳି ଏକ ବିପତି ସମୟରେ ସବୁଠାରୁ ବେଶି ଆର୍ଥିକ ଯନ୍ତ୍ରଣାରେ ପୀଡିତ ଥିବା ନିମ୍ନ ମଧ୍ୟବିତପରିବାରଙ୍କ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା କରିବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।

## କୋଭିଡ୍-୧୯ର ଯୋଦ୍ଧା ପୁଲିସ୍‌କୁ ରୋଟାରୀ ଓ ଇନରହ୍ୱିଲ କ୍ଲବ ପକ୍ଷରୁ ପୁରସ୍କୃତ

ଜଳେଶ୍ୱର,୦୧।୮ (ନି.ପ୍ର): ଆଜି ଜଳେଶ୍ୱର ଇନରହ୍ୱିଲ କ୍ଲବ ପକ୍ଷରୁ ଜଳେଶ୍ୱର ଥାନାରେ କାର୍ଯ୍ୟରତ ସମସ୍ତ ମହିଳା କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ଏକ ଛତା, ମାକ୍ସ ଓ ଫେସ୍ ସ୍କିଲ ପ୍ରଦାନ କରାଯାଇଥିଲା । ସେହିପରି ରୋଟାରୀ କ୍ଲବ ପକ୍ଷରୁ ନୂତନ ପଦ୍ଧତିରେ ପାଦ ଚାଳିତ ସେନିଟାଇଜର ମେସିନ୍ ପ୍ରଦାନ କରିଛନ୍ତି । କୋଭିଦ୍-୧୯ ସଂକ୍ରମଣକୁ ଲକ୍ଷ କରି ଏବଂ ବାର୍ଷିକ ଉତ୍ସବ ବନ୍ଦ ରଖାଯାଇ କୋଭିଦ୍ ଯୋଦ୍ଧା ମାନଙ୍କୁ ପ୍ରତ୍ସାହନ, ପୁରସ୍କାର ଓ ସହାହତା କରିବାଲାଗି ରୋଟାରୀ କ୍ଲବ ଓ ଇନରହ୍ୱିଲ ଚଳିତବର୍ଷ ପ୍ରଚେଷ୍ଟା ଜାରି ରଖିଛି ବୋଲି ରୋଟାରୀ ଜଳେଶ୍ୱର ଶାଖା ସଭାପତି ଇଂ ପ୍ରଦୀପ କୁମାର ବେହେରା ଓ ପୂର୍ବତନ ସଭାପତି ସୁବ୍ରତ କୁମାର ରଣା କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ସତ୍ୟସୁନ୍ଦର ଦାସ, ସୁବ୍ରତ ରଣା, ନନ୍ଦନ ଦତ୍ତ, ରାଜେଶ ଖଟୁଆ, ଲେଲିନ୍ ପ୍ରଧାନ, ବିକାଶ ଧର, ତାରାପଦ ମହାନ୍ତି, ଅନୁପ ପଣ୍ଡା, ଗୌରାଙ୍ଗ ଚରଣ ଦାସ, ଇଂ ପ୍ରଦୀପ କୁମାର ବେହେରା, ଇନର ହ୍ୱିଲ ସଭାପେତି ମହେଶ୍ୱତା ଖଟୁଆ, ସଂପାଦକ ବିଣାପାଣି ଜେନା, ଅନୁସୂୟା ପ୍ରଧାନ, କବିତା ବେହେରା ପ୍ରମୁଖ ପୁଲିସ୍ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ ।

## ମଜଦୁର ସଂଘର ଦାବୀପତ୍ର ପ୍ରଦାନ

ନୂଆପଡା,୦୧।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଠାରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଖଡିଆଳ ବିଡିଓ ଉତମ କୁମାର ବାଗଙ୍କୁ ପ୍ରଦାନ କରିଛନ୍ତି । ମହାମାରୀ କରୋନା ପରେ ପରେ ନୂଆପଡା ଭଳି ଅନୁନ୍ନତ ଓ ପଛୁଆ ଜିଲ୍ଲାର ମଜଦୁର ମାନେ ସେମାନଙ୍କ ଜୀବିକା ହରାଇ ବସିଥିବା ବେଳେ ଅନେକ ଅସୁବିଧାରେ ଗତି କରୁଥିବା ଅଭିଯୋଗ କରି ସେମାନଙ୍କ ଜୀବିକାକୁ ସୁରକ୍ଷିତ କରିବା ସହ ଶ୍ରମିକଙ୍କ ପାଇଁ ନୂତନ ଆଇନ ପ୍ରଣୟନ କରିବାକୁ ଦାବୀ କରାଯାଇଥିଲା । ଏଥିରେ ସମ୍ପାଦକ ପ୍ରଦୀପ କୁମାର ଦଣ୍ଡସେନାଙ୍କ ସହ ସଂଘର ଅନ୍ୟ କର୍ମକର୍ତା ଉପସ୍ଥିତ ଥିଲେ ।

## ଜିଲ୍ଲା ପରିଷଦ ସଭ୍ୟଙ୍କ ଦାବି -ଅନୁଦାନ ରାଶି ସମାନ ଭାବେ ବଣ୍ଟାଯାଉ

କେନ୍ଦ୍ରାପଡା,୦୧।୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପରିଷଦର ପ୍ରାୟ ୧୮ଜଣ ସଦସ୍ୟ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଆସୁଥିବା ସରକାରୀ ଅନୁଦାନ ରାଶି ସମସ୍ତ ଜିଲ୍ଲା ପରିଷଦଙ୍କୁ ସମାନ ଭାବେ ବଣ୍ଟନ କରିବାକୁ ଦାବି ଜଣାଇଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ କେନ୍ଦ୍ରାପଡା ଜିଲ୍ଲାକୁ ଆସୁଥିବା ୧୫ ତମ ସି ଏଫ ଏସ ଓ ୫ମ ଏସ ଏଫ ସି ଅନୁଦାନ ରାଶିକୁ ସମସ୍ତ ଜିଲ୍ଲା ପରିଷଦଙ୍କୁ ସମାନ ଭାବେ ବଣ୍ଟନ କରିବା ପାଇଁ ଦାବି ଜଣାଇଛନ୍ତି । ଏହା ସହ ସଭ୍ୟ ସଭ୍ୟା ମାନେ ପ୍ରସ୍ତାବ ଦେଇଥିବା ପ୍ରକଳ୍ପ ଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି । ୫ମ ଜିଲ୍ଲା ପରିଷଦ ଗଠନ ହେବା ଦିନଠାରୁ ରାଜ୍ୟ ସରକାର ମଟର ଭେଇକିଲ ଟ୍ୟାକ୍ସ ଓ ଡିଭୋଲିଏସନ ଫଣ୍ଡ ମୂଳ ଅର୍ଥରେ ଜମାଥିବା ସୁଧ ଅର୍ଥକୁ ସମାନ ଭାବେ ବଣ୍ଟନ କରାଯାଇ ସଦସ୍ୟ ମାନେ ଦେଇଥିବା ପ୍ରକଳ୍ପ ଗୁଡିକୁ ମଞ୍ଜୁର ସହ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବାକୁ ଧନଞ୍ଜୟ ବୋଷ, ଜ୍ୟୋସ୍ନାରାଣୀ ଜେନା, ଜୟଦେବ ଦାସ, ସବିତା ସେଠୀ, ସାଗରିକା ମଲିକ, ରବିନ୍ଦ୍ର ସେଠୀ, ସନ୍ତୋସ ଜେନା, ଦେବାଶିଷ ଦାସ, ପିଙ୍କରାଣୀ ହୋତା, କଳ୍ପନା ମହାପାତ୍ର, ରେଶମି ଚକ୍ରବତୀ, ଜବା ମୁର୍ମୁ ପ୍ରମୁଖ ସଭ୍ୟ ଓ ସଭ୍ୟାମାନେ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ ।

## ଟଙ୍କା ମୋହରେ ବନ୍ଧା ସରକାରୀ ବାବୁ : ଭଦ୍ରକ ଜିଲ୍ଲାରୁ ଜେଲ୍ ଯାଇଛନ୍ତି ୬ ଅଧିକାରୀ

ଭଦ୍ରକ, ୦୧ /୮ (ହି.ସ.) - ଯେତେ କହିଲେ ବି ଉପୁରି ଟଙ୍କା କମାଇବାକୁ ଅଧିକାରୀଙ୍କ ଲୋଭ ଛାଡୁନି । ଭଦ୍ରକ ଜିଲାର ବିଭିନ୍ନ ସରକାରୀ ଦପ୍ତରମାନଙ୍କରେ ୨୦୧୬ ଠାରୁ ଆଜିଯାଏଁ ଅର୍ଥାତ୍ ୨୦୨୦ ଜୁଲାଇ ଯାଏଁ ବଢିଚାଲିଛି ଦୁର୍ନୀତି । ଦୁର୍ନୀତି କରୁଛନ୍ତି ଯେ ଧରାପଡିଯାଉଛନ୍ତି ଭିଜିଲାନ୍ସ ବିଭାଗ ହାତରେ । ୧ ହଜାର ଟଙ୍କାରୁ ଆରମ୍ଭ କରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲା ନେଇ ଧରାପଡିଲେଣି ଭଦ୍ରକ ଜିଲାର ସରକାରୀ ବାବୁମାନେ । ଖାଲି ଧରାପଡିନାହାଁନ୍ତି, ଆୟ ବର୍ହିଭୂତ ସଂପତି ଠୁଳ ମାମଲାରେ ଛନ୍ଦି ହୋଇଛନ୍ତି । ୨୦୨୦ ବର୍ଷରେ ଜୁଲାଇ ମାସ ସୁଦ୍ଧା ଭଦ୍ରକ ଜିଲାର ବିଭିନ୍ନ ଦପ୍ତରରୁ ୬ ଜଣ ବାବୁ, ବାବୁଆଣୀ ଜେଲ୍ ଯାଇଛନ୍ତି । ଆୟ ବର୍ହିଭୂତ ସଂପତି ମାମଲାରେ ଚାନ୍ଦବାଲି ଜଂଗଲ ଡିଭିଜନର ଏସିଏଫ୍ ଧରା ପଡିଥିବାବେଳେ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ମଧ ମାସେ ଫେରାର ହୋଇ ଧରାପଡି ଜେଲ୍ ଯାଇଛନ୍ତି । ସେହିପରି ସର୍ବଶିକ୍ଷା ଅଭିଯାନର ଅଧିକାରୀ ବୈଲୋଚନ ପୁହାଣ ବି ଗିରଫ ହୋଇଛନ୍ତି । ଏହା ବାଦ୍ ଲା ନେବାବେଳେ ଧରାପଡିଥିବା ବାବୁମାନଙ୍କ ମଧରୁ ବାସୁଦେବପୁର ସିଡିପିଓ ଜାନକୀ ଦାସ, ଗ୍ରାମ୍ୟ ଉନ୍ନୟନ ବିଭାଗର ଡାଟା ଏଂଟ୍ରି ଅପରେଟର ଗିରଫ ହୋଇଛନ୍ତି । ଚାନ୍ଦବାଲି ସଦର ଆର.ଆଇ ସୁବ୍ରତ ମଳିକ ଧରାପଡି ଏହି ଦୁଇଦିନ ତଳେ ଜେଲ୍ ଯାଇଛନ୍ତି । ଭଦ୍ରକ ଭିଜିଲାନ୍ସ ବିଭାଗକୁ ବର୍ଷକୁ ୧୦ ରୁ ୧୨ ଟି କେଶ୍ ଧରିବାକୁ ସରକାର ଟାର୍ଗେଟ୍ ଦେଇଥିବାବେଳେ ଚଳିତବର୍ଷ ୬ଟି କେଶ୍‌ରେ ସଫଳତା ମିଳିଛି । ଏବଂ ବିଭାଗ ଆହୁରି ୫ଟି ସ୍ଥାନର ଚଢଉ କରିବାକୁ ବ୍ଲୁ-ପ୍ରି ପ୍ରସ୍ତୁତ କରି ରଖିଛି । ଗତବର୍ଷ କିରାଣୀମାନେ ଭିଜିଲାନ୍ସ ଜାଲରେ ପଡୁଥିଲେ । ଜିନିଷ କିଣାରେ ପିସି ନେଇ ଭଦ୍ରକ ଜେଲର ସୁନାରାମ ସିଂ ଜେଲ୍ ଯାଇଥିଲାବେଳେ ଜିଲା ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ (ସିଡିଏମ୍‌ଓ) ୮ ହଜାର ଟଙ୍କା ଲା ନେଇ ଜେଲ୍ ଯାଇଥିଲେ । ତିହିଡି ବ୍ଲକ୍‌ର ପ୍ରାକ୍ତନ ସିଡିପିଓ ୧ ଲକ୍ଷ ଟଙ୍କା ଲା ନେଇ ଧରାପଡି ଜେଲ୍ ଯିବା ପରେ ଆୟ ବର୍ହିଭୂତ ସଂପତି ଠୁଳ ମାମଲାରେ ଛନ୍ଦି ହୋଇଯାଇଥିଲେ । ତାଙ୍କ ପରେ ପୁଣି ୨୦୧୭ ନଭେମ୍ବର ୨୯ ରେ ତିହିଡି ବ୍ଲକ୍‌ର କ୍ୟାସିୟର ପ୍ରଭାକର ପ୍ରଧାନ ଆୟ ବର୍ହିଭୂତ ସଂପତି ଠୁଳ ମାମଲାରେ ଭିଜିଲାନ୍ସ ସରୁଜାଲରେ ପଡିଥିଲେ । ସମବାୟ ସମିତିର ସଂପାଦକ ଓ ସଭାପତିମାନେ ବି ଧାନ କିଣା ଦୁର୍ନୀତିରେ ଗୋଟିଏ ପରେ ଗୋଟିଏ ଧରାପଡୁଛନ୍ତି । ସେହିପରି ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନେ ପିସି ମୁହାଁ ଏମିତି ହୋଇଛନ୍ତି ଯେ ସରକାରୀ କଡା ଆଇନ୍ ସେମାନଙ୍କ ପାଇଁ ଲାଗୁ ହେଉନି । ଗତବର୍ଷ ତିହିଡି ତହସିଲରେ ଜଣେ ନାଜର ଓ ପରେ ଜଣେ କିରାରୀ ୨ ଥର ଭିଜିଲାନ୍ସ ହାତରେ ଧରାପଡି ଜେଲ୍ ଯାଇଥିବା ବେଳେ ଶିଖିଲେ ନାହିଁ କି ଡରିଲେ ନାହିଁ । ମାତ୍ର ଶହେ ହାତ ଦୂରରେ ଥିବା ଚକବନ୍ଦୀ କର୍ମଚାରୀ । ୨ ହଜାର ଟଙ୍କା ଲା ନେଉଥିବା ବେଳେ ଜଣେ ଅମିନ ଭିଜିଲାନ୍ସ ହାତରେ ଧରାପଡି ଜେଲ୍ ଯିବା ଚର୍ଚ୍ଚା ଜୋର ରହିଲା । ଏହାପରେ ତିହିଡି ବ୍ଲକ୍ ଶିଶୁ ବିକାଶର ସିଡିପିଓ ହଜାରେ ନୁହେଁ କି ୨ ହଜାର ନୁହେଁ, ଏକାଥରକେ ୧ ଲକ୍ଷ ଟଙ୍କା ଲା ନେଇ ଛତୁଆ ବିଲ୍ କରାଇ ଦେବାକୁ । ଭିଜିଲାନ୍ସ ହାତରେ ଧରାପଡି ଜେଲ୍ ଯିବା ସହ ନିଲମ୍ବିତ ମଧ ହେଲେ ସିଡିପିଓ । ପୁଣି ବ୍ଲକ୍ ଭିତରେ ଥିବା ନଳକୂପ ବିଭାଗ ଏହି ଖାଲରେ ପଡିଗଲା । ହଜାରେ ଟଙ୍କା ଲା ନେଉଥିବାବେଳେ ବ୍ଲକ୍ ପରିସରରେ ଥିବା ନଳକୂପ ବିଭାଗର ମେ ନାନ୍ସ ଯନ୍ତ୍ରୀ ଓ ଜଣେ ଖଲାସୀ ଭିଜିଲାନ୍ସ ହାତରେ ଧରାପଡି ଜେଲ୍ ଯାଇଥିଲେ । ଏହା ଆଗରୁ ତିହିଡି ଡାକ୍ତରଖାନାରେ ମଧ ଭିଜିଲାନ୍ସ ଚଡାଉ କରି ଜଣକୁ ଗିରଫ କରିଥିଲା । ଏଥିରୁ ଯାହା ଜଣାପଡୁଛି, ତିହିଡି ବ୍ଲକ୍‌ର ସରକାରୀ ଦପ୍ତରମାନଙ୍କରେ ଥିବା କର୍ମଚାରୀମାନେ ଲା ନେବାକୁ ଭୟ ବି କରୁନାହାଁନ୍ତି । ଭିଜିଲାନ୍ସ ବିଭାଗ ଭଦ୍ରକ ଜିଲାର ୭ଟି ବ୍ଲକ୍ ମଧରୁ ତିହିଡି ଓ ଚାନ୍ଦବାଲି ବ୍ଲକ୍‌କୁ ବେଶି ଟାର୍ଗେଟ୍ କରି ରଖିଛି ନିଜ ଟାର୍ଗେଟ୍ ପୂରଣ କରିବା ପାଇଁ । ତତ୍‌କାଳୀନ ଭିଜିଲାନ୍ସ ବିଭାଗର ଡିଏସ୍‌ପି ବନମାଳୀ ଧଳ କେବଳ ୨୦୧୪ ରେ ୪୨ ଗୋଟି ଭିଜିଲାନ୍ସ ମୋକଦ୍ଦମା କରିଥିଲାବେଳେ ୨୦୧୫ ରେ ୩୬ ଗୋଟି ମୋକଦ୍ଦମା ରୁଜୁ କରିଷଲ । ୨୦୧୬ରେ ୪୧ ଟି, ୨୦୧୭ ରେ ୪୭ ଟି ମୋକଦ୍ଦମା ହୋଇଛି । ୨୦୧୮ ରେ ୨୧ ଟି, ୨୦୧୯ ରେ ୩୧ ଟି ଓ ୨୦୨୦ ରେ କରୋନା ପାଇଁ ୧୧ ଟି ହୋଇସାରିଲାଣି । ତିହିଡି ବ୍ଲକ୍‌ରେ ସବୁ ବିଭାଗ ଦୁର୍ନୀତି କରି ଧରାପଡି ଜେଲ୍ ଯାଉଥିଲାବେଳେ ଇନ୍ଦିରା ଆବାସ ଫାଇଲ୍ ପାସ୍ କରାଇବା ପାଇଁ ମାତ୍ର ୨ ହଜାର ଟଙ୍କା ନେଉଥିଲାବେଳେ ତିହିଡି ବ୍ଲକ୍‌ର ବୋଡକ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ ଧରାପଡି ଜେଲ୍ ଯାଇଥିଲେ ।

## ବିଲରୁ ମିଳିଲା ବିରଳ ମୂର୍ତ୍ତି

ଭଦ୍ରକ, ୦୧/୮ (ହି.ସ.) - ଆଜି ଚାଷଜମିରେ ହିଡ ହାଣୁଥିବା ସମୟରେ ଜଣେ ଯୁବ ଚାଷୀଙ୍କୁ ମିଳିଛି ଏକ ବହୁପ୍ରାଚୀନ ବିରଳ ମୂର୍ତ୍ତି । ଏହି ମୂର୍ତ୍ତିଟି କଳା ମୁଗୁନି ପଥରରେ ହୋଇଥିବାବେଳେ ଚାରିପାର୍ଶ୍ୱରେ କୌଣସି ଭଗବାନଙ୍କ ଚିତ୍ର ଖୋଦେଇ ହୋଇଥିବାର ଜଣାପଡିଛି । ଏହି ମୂର୍ତ୍ତିଟି ମିଳିବା ପରେ ଉକ୍ତ ଗାଁରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଭଦ୍ରକ ଗ୍ରାମା ଲଥାନା ଅଧୀନସ୍ଥ ଜଳଙ୍ଗା ଗ୍ରାମର ରମେଶ ମଳିକ ନାମକ ଜଣେ ଚାଷୀ ବିଲରେ ଆଜି ହଳ କରିବା ପରେ ହିଡ ହାଣୁଥିଲେ । ଏହି ସମୟରେ ତାଙ୍କ କୋଦାଳରେ ପଥର ବାଜିବାର ଜୋର ଶବ୍ଦ ହେଲା । ପରେ ସେ ମାଟି ଭିତରୁ ଗୋଟିଏ ମନ୍ଦିର ଆକୃତି କଳା ମୁଗୁନି ପଥର ଶିଳାର ଚତୁଃପାର୍ଶ୍ୱରେ କୌଣସି ଭଗବାନଙ୍କ ଚିତ୍ର ଖୋଦେଇ ହୋଇଥିବାର ଦେଖିବାକୁ ପାଇଥିଲେ । ସେ ଏହା ଦେଖି ଚାଷକାର୍ଯ୍ୟ ଛାଡି ଭାବବିହ୍ୱଳ ହୋଇ ମୂର୍ତ୍ତିଟିକୁ ଗାଁକୁ ନେଇ ପଳାଇ ଆସିଥିଲେ ।

## ଉତ୍ତର ପ୍ରଦେଶରେ ଗୋଟିଏ ଦିନରେ ସର୍ବାଧିକ ୧.୧୫ ଲକ୍ଷ କରୋନା ନମୁନା ଯାଂଚ

**ରାଜ୍ୟରେ ମୋଟ ଯାଂଚ ସଂଖ୍ୟା ୨୩ ଲକ୍ଷ ପାର**

ଲକ୍ଷ୍ନୌ,୦୧।୮ (ନି.ପ୍ର): ପ୍ରଦେଶରେ ଦ୍ରୁତ ଗତିରେ ବଢୁଥିବା କରୋନାକୁ ଦେଖି ଯୋଗୀ ସରକାର ପ୍ରତିଦିନ ହେଉଥିବା ଯାଂଚକୁ ନେଇ ନୂଆ ରେକର୍ଡ଼ ସୃଷ୍ଟି କରିଛନ୍ତି । ଗତ ୨୪ ଘଂଟାରେ ରାଜ୍ୟରେ ୧,୧୫,୬୧୮ କରୋନା ନମୁନା ଯାଂଚ କରାଯାଇଛି । ଏଥି ସହିତ ଏବେ ସୁଦ୍ଧା ମୋଟ ଯାଂଚ କରାଯାଇଥିବା ସଂଖ୍ୟା ୨୩ ଲକ୍ଷ ପାର କରିଛି । ମୁଖ୍ୟମନ୍ତ୍ରୀଙ୍କ ସଚିବ ଆଲୋକ କୁମାର ଶୁକ୍ରବାର ଦିନ କହିଛନ୍ତି କି ରାଜ୍ୟରେ କରୋନା ଟେଷ୍ଟିଂ ଲଗାତର ବଢ଼ି ବଢ଼ି ଚାଲିଛି । ଗତ ୩ ଦିନରେ ଯାଂଚ ର ସଂଖ୍ୟା ୯୭ ହଜାରରୁ ଅଧିକ ରହିଛି । ଏଥି ସହିତ ଗୋଟିଏ ଦିନରେ ଅଧିକ ୪,୪୫୩ ସଂକ୍ରମଣ ମାମଲାକୁ ଚିହ୍ନଟ କରାଯାଇଛି । ରାଜ୍ୟରେ ସୋମବାରକୁ ନେଇ ଏବେ ସୁଦ୍ଧା ପ୍ରତିଦିନ ଯାଂଚ ଉପରେ ନଜର ଲଗାଇଲେ ଏଥିରେ ସର୍ବାଧିକ ଯାଂଚ ୨୭ ଜୁଲାଇରେ ୧,୦୬,୯୬୨ ହୋଇଛି । ଏହା ବାଦ ୨୮ ଜୁଲାଇରେ ୯୧,୮୩୦, ୨୯ ଜୁଲାଇରେ ୮୭,୭୫୪ ଏବଂ ୩୦ ଜୁଲାଇରେ ଯାଂଚ ସଂଖ୍ୟା ୮୮,୯୬୭ କରାଯାଇଛି । ଏହିପରି ଏହି ସପ୍ତାହରେ ଦ୍ୱିତୀୟଥର ୧ ଲକ୍ଷରୁ ଅଧିକ କରୋନା ନମୁନାର ଯାଂଚ ଗୋଟିଏ ଦିନରେ କରାଯାଇଛି । ପ୍ରଦେଶରେ ଏବେ ସୁଦ୍ଧା ମୋଟ ୨୩,୫୩,୪୨୮ କରୋନା ନମୁନା ର ପରୀକ୍ଷା ହୋଇସାରିଛି । ରାଜ୍ୟରେ ଯେତେବେଳେ ନମୁନା ପରୀକ୍ଷା ଆରମ୍ଭ କରାଗଲା ୨୪ ଜୁନ ସୁଦ୍ଧା ମୋଟ ୬,୦୩,୩୯୦ ଲକ୍ଷ ନମୁନାର ଯାଂଚ ହୋଇଥିଲା । ୨୪ ଜୁନରୁ ୩୧ ଜୁଲାଇ ମଧ୍ୟରେ ୧୭.୫୧ ଲକ୍ଷ ନମୁନା ଯାଂଚ ହୋଇଛି । ପ୍ରାୟ ଏକ ସପ୍ତାହ ଧରି ନିରନ୍ତର ପୁରା ଦେଶରେ ଉତର ପ୍ରଦେଶ ସବୁଠାରୁ ଅଧିକ ଯାଂଚ କରିଥିବା ରାଜ୍ୟ ଅଟେ ।

## ଛତିଶଗଡ଼ରେ ୮୮୫୬ ଜଣ କରୋନା ସଂକ୍ରମିତ, ୫୧ ମୃତ : ୨୮୮୪ ଆକ୍ଟିଭ କେସ୍

ରାୟପୁର,୦୧।୮ (ନି.ପ୍ର): ପ୍ରଦେଶରେ ଗତ ୧୦ ଦିନରେ ଲକ୍‌ଡାଉନ ଜାରି ଯୋଗୁ ଭଲ ପ୍ରଭାବ ପଡ଼ିଛି । ଗତ ଏକ ସପ୍ତାହରେ ଦ୍ରୁତ ଗତିରେ ବଢୁଥିବା କରୋନା ସଂକ୍ରମଣ ଏବେ ସାମାନ୍ୟ କମ୍ ଦେଖାଦେଇଛି । ଗତ ୨୪ ଘଂଟାରେ ୨୫୬ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଏହି ୨୪ ଘଂଟା ଭିତରେ ୨୮୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ରାଜ୍ୟରେ ଏବେ ସୁଦ୍ଧା ୮୮୫୬ କରୋନା ସଂକ୍ରମିତ ମିଳିଛନ୍ତି । ୫୧ ଜଣଙ୍କର ମୃତ୍ୟୁ ହୋଇଥିବ । ବେଳେ ୫୯୨୧ ଜଣ ସୁସ୍ଥ ହୋଇଛନ୍ତି । ଏବେ ରାଜ୍ୟରେ ୨୮୮୪ ଜଣ ରୋଗୀ ସକ୍ରିୟ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କୁହାଯାଇଥିବା ସଂଖ୍ୟା ଅନୁସାରେ ଗତ ୨୪ ଘଂଟାରେ ରାୟପୁର ଜିଲ୍ଲାରେ ୧୦୪, ରାଜନାନ୍ଦଗାଓ ଏବଂ ଜାଂଜଗିରରେ ୨୧-୨୧, କବୀରଧାମରେ ୧୭, ଦୁର୍ଗରେ ୧୫, କୋରିଆରେ ୧୩, ବିଳାସପୁରେରେ ୧୨, କୋଣ୍ଡାଗାଓଁରେ ୯, ସରଗୁଜାରେ ୮, ସୁରଜପୁରରେ ୬, ରାୟଗଡ଼ରେ ୫, ବଲୋଦା ବାଜାରରେ ୪, କାଂକେର ଏବଂ ନାରାୟଣପୁରରେ ୩-୩, ମୁଂଗେଲୀ, କୋରବା, ମହାସମୁନ୍ଦ, ଜଶପୁର, ବସ୍ତର ଏବଂ ଦଂନ୍ତେୱାଡ଼ା ରେ ୨-୨, ବେମେତରା, ଗରିୟାବନ୍ଦ ଏବଂ ବଳରାମପୁରରେ ୧-୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଗତ ୨୪ ଘଂଟାରେ ୩ ଡାକ୍ତର, ୨ ନର୍ସ ଏବଂ ସିଏଏଫ ର ୩୦ ଯବାନ ସଂକ୍ରମିତ ହେବା ପରେ ସରକାର ଚିନ୍ତାରେ ପଡ଼ିଯାଇଛନ୍ତି । ପୂର୍ବତନ ଭାଜପା ଅଧ୍ୟକ୍ଷ ବିକ୍ରମ ଓସେଂଡି, ତାଙ୍କ ପତ୍ନୀ ଏବଂ ପିଲା ମଧ୍ୟ କରୋନା ପଜିଟିଭରେ ଆକ୍ରାନ୍ତ ହୋଇଛନ୍ତି । ଏବେ ଯେଉଁ ନୂଆ ସଂକ୍ରମିତ ରୋଗୀ ମିଳିଛନ୍ତି ଏଥିରୁ ୮୫ ପ୍ରତିଶତ ସହର ମଧ୍ୟରୁ ଅଛନ୍ତି । ରିକଭରି ରେଟ୍ ମଧ୍ୟ ୭୮.୫ ପ୍ରତିଶତରୁ ଖସି ୬୫,୫ ପ୍ରତିଶତରେ ପହଂଚିଛି । ରାୟପୁର ଏମ୍ସ ଡାକ୍ତର ନୀତିନ ଏମ ନରଗରକରଙ୍କ କହିବା ଅନୁସାରେ ପ୍ରଦେଶରେ ସଂକ୍ରମିତଙ୍କ ସଂଖ୍ୟା ଅଚାନକ ବଢ଼ିବା ଆରମ୍ଭ କରିଦେଇଛି ଯାହାଫଳରେ ରିକଭରି ରେଟ୍ କମିଯାଇଛି । ସ୍ୱାସ୍ଥ୍ୟ ବିଭାଗର ପ୍ରବକ୍ତା ଡାକ୍ତର ସୁଭାଷ ପାଣ୍ଡେଙ୍କ କହିବା ଅନୁସାରେ ଏବେ ଦୈନିକ ୬ ହଜାର ପରୀକ୍ଷା କରାଯାଉଛି । ଅଗଷ୍ଟରେ ତାହାକୁ ବୃଦ୍ଧି କରି ଦୈନିକ ୧୦ ହଜାର ପରୀକ୍ଷା କରାଯିବ ।

## ପ୍ଲାଷ୍ଟିକ କାରଖାନା ଅନ୍ୟତ୍ର ସ୍ଥାନାନ୍ତର ଦାବୀରେ ଥାନା ସମ୍ମୁଖରେ ଧାରଣା

ନୂଆପଡା,୦୧।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧୧ ନଂ ୱାର୍ଡ ପୁଟୁପଡା ଠାରେ ନିର୍ମାଣ ହେବାକୁ ଥିବା ପ୍ଲାଷ୍ଟିକ କାରଖାନାକୁ ଅନ୍ୟତ୍ର ସ୍ଥାନାନ୍ତର ଦାବୀରେ ପଡାବାସୀ ପ୍ରବଳ ବିରୋଧ ପ୍ରଦର୍ଶନ କରି ଖଡିଆଳ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି । ଏହି ଧାରଣାରେ ପଡାର ଯୁବଗୋଷ୍ଠୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ସାମିଲ ଥିଲେ । ଜିଲ୍ଲା ପ୍ରଶାସନ ଏହି କାରଖାନାକୁ ଅନ୍ୟତ୍ର ସ୍ଥାନାନ୍ତର ନକଲେ ଆଗାମୀ ଦିନରେ ବ୍ୟାପକ ଭାବରେ ଆନ୍ଦୋଳନ କରାଯିବ ବୋଲି ପଡାବାସୀ ଚେତାବନୀ ଦେଇଛନ୍ତି । ଏହି ପ୍ଲାଷ୍ଟିକ କାରଖାନା ତିଆରି ହେଲେ ପ୍ରଦୂଷଣ ବଢିବା ସହ ପରିବେଶ କ୍ଷତିକାରକ ହେବ । ଫଳରେ ପଡାବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ବୋଲି ଅଭିଯୋଗ କରିଛନ୍ତି । ଏନେଇ ପଡାବାସୀ ଗତ ଦିନରେ ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଖଡିଆଳ ତହସିଲଦାର, ନୂଆପଡା ଜିଲ୍ଲାପାଳ ଏବଂ ପ୍ରଦୂଷଣ କଂଟ୍ରୋଲ ବୋର୍ଡଙ୍କୁ ମଧ୍ୟ ଦାବୀପତ୍ର ଦେଇ କାରଖାନାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବୀ କରିଥିଲେ । କିନ୍ତୁ କୌଣସି ପ୍ରକାରର ସୁଫଳ ନମିଳିବାରୁ ଶେଷରେ ଥାନା ସମ୍ମୁଖରେ ଧାରଣା ଦେଇଥିବା ଜଣାପଡିଛି । ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

## ମହାମାରୀରେ ମହଙ୍ଗା ମାଡ, ଅଣନିଶ୍ୱାସୀ ଖାଉଟି

ଭଦ୍ରକ, ୦୧/୮(ହି.ସ.) - ଗୋଟେ ପଟେ ମହାମାରୀ କରୋନା ସଂକଟ, ଅନ୍ୟପଟେ ମହଙ୍ଗା ମାଡ । ଏହାରି ଭିତରେ ଅଣନିଶ୍ୱାସୀ ହୋଇପଡିଲେଣି ସାଧାରଣ ଲୋକ । ବଜାରରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଆଳୁ ସମେତ ପନିପରିବାର ଆକାଶ ଛୁଆଁ ଦର ବୃଦ୍ଧି ନେଇ ବର୍ତମାନ ଚିନ୍ତାରେ ଖାଉଟି । ଦୀର୍ଘ ୪ ମାସରୁ ଉର୍ଦ୍ଧ୍ୱ ହେବ କରୋନା ପାଇଁ ଲକଡାଉନ୍ ଓ ସଟ୍‌ଡାଉନ୍ ଭିତରେ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତି ଏକ ପ୍ରକାର ଦୋହଲି ଯାଇଥିବାବେଳେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦର ବୃଦ୍ଧି ବୋଝ ଉପରେ ନଳିତା ବିଡା ସଦୃଶ୍ୟ ପାଲଟିଛି । ମହାମାରୀ କରୋନା ଯୋଗୁଁ ଜୀବନ ଓ ଜୀବିକା ବିପଦରେ ପଡିଥିବା ବେଳେ ପନିପରିବାର ଅହେତୁକ ଦର ବୃଦ୍ଧି ପ୍ରଭାବ ସିଧାସଳଖ ସାଧାରଣ ଲୋକଙ୍କ ଖାଦ୍ୟ ଥାଳି ଉପରେ ପଡିଛି । ଭଦ୍ରକରେ ଦୀର୍ଘ ଦିନ ହେବ ପନିପରିବା ଦର ଅହେତୁକ ବୃଦ୍ଧି ପାଇଥିବା ବେଳେ ବର୍ତମାନ ଆଳୁ କେଜି ୩୦ ଟଙ୍କା ଛୁଇଁଛି, ଯାହାକୁ ନେଇ ସାଧାରଣ ଲୋକଙ୍କ ଭିତରେ ଦେଖା ଦେଇଛି ଅସନ୍ତୋଷ । ରାଜ୍ୟ ସରକାର ତଥା ଭଦ୍ରକ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ବଜାର ଦର ନିୟନ୍ତ୍ରଣକୁ ନଆଣିଲେ ସମସ୍ୟା ଆହୁରି ଜଟିଳ ହେବ ବୋଲି କହିଛନ୍ତି ଖାଉଟି । ତେବେ ଲଗାତର ଭାବେ ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି ଯୋଗୁଁ ପରିବହନ ଖର୍ଚ୍ଚ ବୃଦ୍ଧି ଘଟିଛି । ଏଥିସହ ଶ୍ରାବଣ ମାସ ପାଇଁ ପନିପରିବା ଚାହିଦା ଅଧିକ ହେବାରୁ ଦର ବୃଦ୍ଧି ହୋଇଥିବା କହିଛନ୍ତି ବେପାରୀ । ସେହିପରି ଆଳୁ ଆମଦାନୀ ଉପରେ ଦର ବୃଦ୍ଧି ଯୋଗୁଁ ଏହାର ପ୍ରଭାବ ବଜାର ଦର ଉପରେ ପଡିଛି ବୋଲି କହିଛନ୍ତି ଆଳୁ ବେପାରୀ । ତେବେ ଏଭଳି ଏକ ଦୁର୍ଦ୍ଦିନ ସମୟରେ ବଜାରରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଏବେ ସାଧାରଣ ଲୋକଙ୍କ ଜୀବନକୁ ଆହୁରି ଦୁର୍ବିସହ କରିଦେଇଛି ।

## ୩ ଟି ସ୍ୱତନ୍ତ୍ର ଟ୍ରେନ ସେବା ଅଗଷ୍ଟ ୧୨ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୦୧।୮ (ନି.ପ୍ର): ୦୨୮୬୧/୦୨୮୬୨ ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ସେବାକୁ ଅଗଷ୍ଟ ମାସ ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କାଯିବାକୁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ ଅଗଷ୍ଟ ୩ ତାରିଖ ରୁ ୧୨ ତାରିଖ ମଧରେ ଶନିବାର ଓ ରବିବାର ବ୍ୟତୀତ ରାଉରକେଲା ଠାରୁ ପ୍ରତିଦିନ ଭୋର ୫ଟା୧୦ମି.ରେ ଛାଡିବାକୁ ଥିବା ବେଳେ ଭୁବନେଶ୍ୱର ଠାରୁ ଏହା ଅପରାହ୍ନ ୨ଟା୧୦ମି.ରେ ଛାଡିବ । ଏହି ଟ୍ରେନ ରାଉରକେଲା ଓ ଭୁବନେଶ୍ୱର ମଧରେ ଉଭୟ ଦିଗରୁ ରାଜଗାଙ୍ଗପୁର, ବାମରା, ଝାରସୁଗୁଡା, ରେଙ୍ଗାଲି, ସମ୍ବଲପୁର ସିଟି, ରେଢ଼ାଖୋଲ, ବଇଣ୍ଡା, ଅନୁଗୁଳ, ତାଳଚେର ରୋଡ଼, ଢେଙ୍କାନାଳ ଏବଂ ନାରାଜ ମାର୍ଥାପୁର ଷ୍ଟେସନ ମାନଙ୍କରେ ରହଣି କରିବ । ଏହା ବ୍ୟତୀତ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ (୦୮୪୯୩/୦୮୪୯୪) ଅଗଷ୍ଟ ପହିଲା ଠାରୁ ୧୨ ତାରିଖ ମଧରେ ଶନିବାର ଓ ରବିବାର ବ୍ୟତୀତ ଅନ୍ୟ ଦିନମାନଙ୍କରେ ଭୁବନେଶ୍ୱର ଠାରୁ ସକାଳ ୬ଟା୩୦ମି.ରେ ଏବଂ ବଲାଙ୍ଗୀର ଠାରୁ ଅପରାହ୍ନ ୨ଟା୪୫ମି.ରେ ଛାଡିବ । ଏହି ଟ୍ରେନ୍ ଭୁବନେଶ୍ୱର ଓ ବଲାଙ୍ଗୀର ମଧରେ ମଂଚେଶ୍ୱର, ନରାଜମାର୍ଥାପୁର, ଢେଙ୍କାନାଳ, ମେରାମଣ୍ଡଳୀ, ତାଳଚେର ରୋଡ଼, ଅନୁଗୁଳ, ବୋଇଣ୍ଡା, ବାମୁର, ରେଢ଼ାଖୋଲ, ସମ୍ବଲପୁର, ହୀରାକୁଦ, ବରଗଡ଼ ରୋଡ଼, ବରପାଲି ଏବଂ ଲୋଇସିଂହା ଷ୍ଟେସନ ମାନଙ୍କଠାରେ ରହଣି କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଭୁବନେଶ୍ୱର-କୋରାପୁଟ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଭାୟା ସମ୍ବଲପୁର (୦୮୪୪୭/୦୮୪୪୮) ଅଗଷ୍ଟ ପହିଲା ଠାରୁ ୧୨ ତାରିଖ ମଧରେ ଭୁବନେଶ୍ୱର ଠାରୁ ପ୍ରତି ସୋମ, ବୁଧ ଓ ଶୁକ୍ରବାର ଦିନ ସନ୍ଧ୍ୟା ୬ଟା୩୦ମି.ରେ ଛାଡିବାକୁ ଥିବା ବେଳେ କୋରାପୁଟ ଠାରୁ ପ୍ରତି ମଙ୍ଗଳ, ଗୁରୁ ଓ ରବିବାର ଦିନ ସନ୍ଧ୍ୟା ୫ଟା୩୦ମି.ରେ କୋରାପୁଟ ଠାରୁ ଛାଡିବ । ଏହି ଟ୍ରେନ୍ ଭୁବନେଶ୍ୱର ଓ କୋରାପୁଟ ମଧରେ କଟକ, ଢେଙ୍କାନାଳ, ମେରାମଣ୍ଡଳୀ, ତାଳଚେର ରୋଡ଼, ଅନୁଗୁଳ, ବୋଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ହୀରାକୁଦ, ବରଗଡ଼ ରୋଡ଼, ବରପାଲି, ଡୁଙ୍ଗୁରିପାଲି, ଲୋଇସିଂହା, ବଲାଙ୍ଗୀର, ବଡ଼ମାଳ, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡା, ଥେରୁବାଲି, ରାୟଗଡା, ଟିକିରି, ଲକ୍ଷ୍ମୀପୁର, କାକିରିଗୁମା, ବାଇଗୁଡ଼ା ଏବଂ ଦାମନଯୋଡି, ଷ୍ଟେସନ ମାନଙ୍କଠାରେ ରହଣି କରିବ । ରେଳବାଇ ରିଜର୍ଭେସନ କାଉଂଟର ଓ ଆଇଆରସିଟିସି ୱେବସାଇଟ ମାଧମରେ ଟିକେଟ ବୁକ୍ କରିହେବ । କେବଳ କନଫର୍ମ ଟିକେଟ ଥିବା ଯାତ୍ରୀ ମାନେ ଟ୍ରେନ ରେ ଯାତ୍ରା କରିପାରିବେ । ଅନ୍ୟ ସ୍ୱତନ୍ତ୍ର ଟ୍ରେନ ଯଥା ନୂଆଦିଲ୍ଲୀ-ଭୁବନେଶ୍ୱର, ଭୁବନେଶ୍ୱର-ମୁମ୍ବାଇ ଏବଂ ଭୁବନେଶ୍ୱର-ହାଇଦ ସ୍ୱତନ୍ତ୍ର ଟ୍ରେନ ଗୁଡିକ ପୂର୍ବ ବିଜ୍ଞପ୍ତି ଅନୁଯାଇ ଚଳାଚଳ କରିବ ।

# ବାଲେଶ୍ୱରରେ ସପ୍ତାହାନ୍ତ ସଟଡାଉନ୍ : ଜନଶୂନ୍ୟ ସହର ବଜାର

ବାଲେଶ୍ୱର,୧।୮ (ନି.ପ୍ର): ସମ୍ପ୍ରତି ଦେଶରେ କରୋନା ସଂକ୍ରମଣ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ ପ୍ରଥମେ ଲକ୍ ଡାଉନ୍, ଅନ୍‌ଲକ୍-୧ ଓ ଅନଲକ୍-୨ପରେ ଅଗଷ୍ଟର ପହିଲାରୁ ଆରମ୍ଭ ହୋଇଛି ଅନଲକ୍-୩। ତେବେ ଏଥିରେ କେନ୍ଦ୍ର ସରକାର କଟକଣା କିଛି କୋହଳ କରିଥିବା ବେଳେ ଓଡ଼ିଶାରେ ରାଜ୍ୟ ସରକାର କେବଳ ଖୋର୍ଦ୍ଧା, ଗଞ୍ଜାମ, ଗଜପତି ଓ କଟକ ଜିଲ୍ଲା ସମେତ ରାଉରକେଲା ମହାନଗରରେ ସପ୍ତାହ ଅନ୍ତ ଦୁଇଦିନିଆ ସଟଡାଉନ୍ ଲାଗୁ କରିବା ସହ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରଖିଛନ୍ତି। ମାତ୍ର ବାଲେଶ୍ୱର ଜିଲ୍ଲାରେ କରୋନା ସଂକ୍ରମଣ କ୍ରମାଗତ ବୃଦ୍ଧିକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ପୂର୍ବଭଳି ସମଗ୍ର ଜିଲ୍ଲାରେ ସପ୍ତାହାନ୍ତ ସଟଡାଉନ କଟକଣା ଲାଗୁ କରିଛନ୍ତି। ଏହା ସହିତ ଜୁଲାଇ ମାସର ରାତ୍ରିକାଳୀନ କର୍ଫ୍ୟୁ ନିୟମରେ କିଛ ପରିବର୍ତ୍ତନ ନକରି ଅଗଷ୍ଟ ମାସରେ ମଧ୍ୟ ଅନୁରୂପ କଟକଣା ବଳବତ୍ତର ରଖିଛନ୍ତି। ଅର୍ଥାତ ଜିଲ୍ଲାର ସମସ୍ତ ଦୋକାନ ବଜାର ସଂଧ୍ୟା ୭ଟା ବନ୍ଦ ହେବା ସହ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିବ। ଏହି କ୍ରମରେ ଅଗଷ୍ଟ ମାସର ପ୍ରଥମ ସପ୍ତାହାନ୍ତ ଦୁଇଦିନିଆ ସଟ୍ ଡାଉନ୍‌ର ପ୍ରଥମ ଦିନରେ ଆଜି ରାସ୍ତାଘାଟ ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଥିଲା। ବାଲେଶ୍ୱର ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ଡାଉନ୍ ନିୟମକୁ ବେଶ୍ ଗୁରୁତ୍ୱର ସହ ପାଳନ କରିଥିବା ଦେଖିବାକୁ ମିଳିଥିଲା। ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ କ୍ଷେତ୍ରରେ ପଲିସ ଓ ପ୍ରଶାସନର ଅନୁମତି ନେଇ କାଁଭାଁ ଲୋକେ ବାହାରକୁ ବାହାରିଥିଲେ। ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ ସହ ପୁଲିସ ପକ୍ଷରୁ କଡ଼ା ପହରା ଓ ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା। ଏହା ବ୍ୟତୀତ ସହରର ବିଭିନ୍ନ ଛକରେ ଦଳ ଦଳ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସଟ୍ ଡାଉନ୍‌ରେ ଘରୁ ବାହାରିବାର କାରଣ ପଚାରିବା ସହ ଯାଞ୍ଚ ବି କରୁଥିଲେ। ଅନ୍ୟ ପକ୍ଷରେ ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହିତ ସଟ୍ ଡାଉନ୍‌ର ସ୍ଥିତି ଅନୁଧ୍ୟାନ କରୁଥିଲା। ସେହିଭଳି ପଦସ୍ଥ ପୁଲିସ ଅଧିକାରୀମାନେ ମଧ୍ୟ ସହରର ବିଭିନ୍ନ ଅଞ୍ଚଳ ବୁଲିବା ସହିତ ସଟ ଡାଉନ୍ କାର୍ଯ୍ୟକାରିତା ଉପରେ ନଜର ରଖୁଛନ୍ତି। ମୋଟ୍ ଉପରେ ସଚେତନ ଜିଲ୍ଲାବାସୀଙ୍କ ସହଯୋଗରୁ ବାଲେଶ୍ୱରରେ ଅନଲକ୍-୩ର ପ୍ରଥମ ସପ୍ତାହାନ୍ତ ସଟ୍ ଡାଉନ୍ ବାଲେଶ୍ୱରରେ ବେଶ ପ୍ରତିଫଳିତ ହେଉଥିବା ଲକ୍ଷ୍ୟ କରାଯାଇଛି। ଏଭଳି ସ୍ଥିତିରେ ଚଳିତ ଅଗଷ୍ଟ ମାସରେ କରୋନା ସଂକ୍ରମଣର ସ୍ଥିତି କ'ଣ ରହିବ ତାହାକୁ ନେଇ ଜନସାଧାରଣ ଆଶଙ୍କାରେ ରହିଛନ୍ତି। ତେବେ ବଢୁଥିବା କରୋନା ସଂକ୍ରମଣ ରୋକିବା ପାଇଁ ସବୁ ମହଲରୁ ସତର୍କତା ଅବଲମ୍ବନ ସହ ସାମାଜିକ ଦୂରତ୍ୱ ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି।

## ଗଞ୍ଜେଇ ଜବତ, ଜଣେ ମହିଳା ସମେତ ୩ ଗିରଫ

ଜୟପୁର,୧।୮ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅଧିକାରି ଲମତାପୁଟ ଠାରୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ପାତ୍ରପୁଟ ବ୍ରିଜ୍ ନିକଟରେ ସଦଳବଳେ ଚଢ଼ଉ କରିଥିଲେ। ମାରୁତି କାର୍ ନଂ ଡବ୍ଲ୍ୟୁବି- ୭୪ - ୟୁ- ୨୩୨୦ ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ଉ କରି ଜଣେ ମହିଳା ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବିହାରର ଅରବିନ୍ଦ କୁମାର (୨୮), ଡ୍ରାଇଭର ଆସାମର କମୋଳ ସୋନାର (୩୨) ଓ ମହିଳା ଜଣକ ହେଲେ ଶିଳ୍ପି ଆଚାରି ଓରଫ ସୋନାର (୩୮)। ଏହି ମାମଲାରେ ଗଞ୍ଜେଇ ଯୋଗାଉଥିବା ହେପି ଏଲିୟସ ଆଲେକ୍ସ ଖ୍ରିଷ୍ଟିଆନ, ସମିର ଏଲୟସ ସୁନାଧର ପାଙ୍ଗି, ଉପେନ୍ଦ୍ର ପାଙ୍ଗିଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିବା ବେଳେ ଶିଘ୍ର ସେମାନଙ୍କୁ ଖୁବ୍ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଚାଲାଣକାରିଙ୍କ ଠାରୁ ସଦର ପୋଲିସ ୨୨ ପ୍ୟାକେଟରୁ ୧୧୨.୮୦୦ କେଜି ଗଞ୍ଜେଇ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ୫୦ ହଜାର ହେବ ବୋଲି ପୋଲିସ ସୂଚନା ଦେଇଥିବା ବେଳେ ଗିରଫ ଅଭିଯୁକ୍ତଙ୍କ ଠାରୁ ୪ଟି ମୋବାଇଲ, ୫ ଶହ ୫୦ ଟଙ୍କା ଜବତ କରି କୋର୍ଟ ଚାଲାଣ କରିଛି।

## ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତର ଚଳାଇଛନ୍ତି କୋଭିଡ ହେଲ୍‌ଥ ସେଂଟର

### ସ୍ୱଳ୍ପ ଦରମା ଏବଂ ଅସ୍ଥାୟୀ ନିଯୁକ୍ତିରେ ଜୀବନକୁ ବାଜି ଲଗାଇ କରୁଛନ୍ତି କରୋନା ରୋଗୀଙ୍କର ଚିକିତ୍ସା

ବାରିପଦା ,୧।୮ (ନି.ପ୍ର): କରୋନା ମହାମାରୀ ସାରା ବିଶ୍ୱରେ ଆତଙ୍କ ଖେଳାଇ ତାର କାୟା ବିସ୍ତାର କରିଚାଲିଛି। ଭାରତ ବର୍ଷରେ ମଧ୍ୟ ଏହି ମହାମାରୀ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଥିବା ବେଳେ ଓଡିଶାରେ ବଢି ଚାଲିଛନ୍ତି ପଜିଟିଭ ରୋଗୀଙ୍କ ସଂଖ୍ୟା। ଏହା ଏକ ସଂକ୍ରାମକ ରୋଗ ହୋଇଥିବାରୁ ଏବଂ ଏହାର କୌଣଷି ପ୍ରତିଶେଧକ ବା ଔଷଧ ବାହାରି ନଥିବାରୁ କେବଳ ସଚେତନତା ଓ ସତର୍କତା ହିଁ ଏହାର ସଂକ୍ରମଣକୁ ରୋକିବାରେ ସହାୟକ ହେଉଛି। ଏଭଳି ପରିପ୍ରେକ୍ଷୀରେ ଓଡିଶା ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମୟ ମୁତାବକ ଗ୍ରହଣ କରିଥିବା ହେତୁ ସାରା ଦେଶ ତଥା ବିଶ୍ୱରେ ଓଡିଶାର ସଂକ୍ରମଣ ଏବଂ କରୋନା ଜନିତ ମୃତ୍ୟୁହାର ଯଥେଷ୍ଟ କମ ରହିଛି। ଓଡିଶା ସରକାର ପ୍ରଥମେ ପ୍ରତି ଗ୍ରାମପଂଚାୟତରେ କ୍ୱାରେଂଟାଇନ ସେଂଟର ଖୋଲିବା, ପ୍ରବାସୀ ବା ସଂଦିଗ୍ଧ ଲୋକଙ୍କୁ ସେଠାରେ ସଂଗରୋଧରେ ରଖାଯାଇ କୋଭିଡର ଚେନକୁ ରୋକିବାକୁ ପ୍ରୟାସ କରିଥିଲେ। ପୁଣି ବିଭିନ୍ନ ପ୍ରମୁଖ ସ୍ଥାନରେ କୋଭିଡ କେୟାର ସେଂଟର ସ୍ଥାପନ କରି ସଂଦିଗ୍ଧ ଲୋକଙ୍କୁ ସେଠାରେ ରଖାଯାଇ ସେମାନଙ୍କର ଯତ୍ନ ନିଆଯାଉଥିଲା। କୋଭିଡ ହସପିଟାଲ ମାନ ସ୍ଥାପନ କରାଯାଇ ରୋଗୀଙ୍କର ଚିକିତ୍ସା ପାଇ ସର୍ବପ୍ରଥମେ ଓଡିଶାରେ ପ୍ରୟାସ କରାଯାଇ ସଫଳତା ହାସଲ କରାଯାଇଛି। ତେବେ ଓଡିଶାରେ ଦିନକୁ ଦିନ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଘଟଣାକୁ ଲକ୍ଷ୍ୟରେ ରଖି କେତେକ କୋଭିଡ କେୟାର ସେଂଟରକୁ କୋଭିଡ ହେଲ୍‌ଥ ସେଂଟରରେ ରୂପାନ୍ତରିତ କରାଯାଇ ସେଠାରେ ମଧ୍ୟ ପଜିଟିଭ ରୋଗୀଙ୍କୁ ରକାଯାଇ ଚିକିତ୍ସା କରାଯାଉଛି। ଓଡିଶା ସରକାର କରୋନାର ସ୍ଥିତିକୁ ଦୃଷ୍ଟିରେ ରଖି ବହୁ ଅସ୍ଥାୟୀ ଆୟୁଷ ଡାକ୍ତର, ଫାର୍ମାଶିଷ୍ଟ, ନର୍ସ, ସ୍ୱାସ୍ଥ୍ୟକର୍ମୀ ଆଦି ପଦବୀ ସୃଷ୍ଟି କରିଥିଲେ। ବର୍ତମାନ କୋଭିଡ ହସପିଟାଲ ତଥା କୋଭିଡ ହେଲ୍‌ଥ ସେଂଟର ଗୁଡିକରେ ଏହି ଅସ୍ଥାୟୀ ଡାକ୍ତର, ଫାର୍ମାଶିଷ୍ଟ, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ମାନେ କାର୍ଯ୍ୟରତ। ତେବେ ବାରିପଦା ଲକ୍ଷ୍ମୀପୋଷୀ ଅନ୍ୱେଷା ବିଲଡିଂ ଠାରେ ମେ ମାସ ୭ତାରିଖରୁ କୋଭିଡ କେୟାର ସେଂଟର ସ୍ଥାପିତ ହୋଇଥିବା ବେଳେ ଗତ ଜୁଲାଇ ୭ ତାରିଖରୁ ଏହାକୁ କୋଭିଡ ହେଲ୍‌ଥ ସେଂଟର ଭାବରେ ରୁପାନ୍ତରିତ କରାଯାଇ ଏଠାରେ ମଧ୍ୟ ପଜିଟିଭ ରୋଗୀଙ୍କର ଚିକିତ୍ସା କରାଯାଉଛି। ବର୍ତମାନ ଏଠାରେ ୪୭ ଜଣ ରୋଗୀ ଚିକିତ୍ସିତ ହେଉଥିବାର ଜଣାଯାଇଛି। ଏଠାରେ ତିନିଜଣ ଆୟୁଷ ଡାକ୍ତର ଡଃ ଜୟନ୍ତ କୁମାର ବେହେରା, ଡଃ ସ୍ୱାଗତ କୁମାର ଦାସ ମହାପାତ୍ର, ଡଃ ସ୍ମୃତିରନ ବେହେରା ଙ୍କ ସହିତ ୩ଜଣ ଫାର୍ମାଶିଷ୍ଟ, ୬ଜଣ ଷ୍ଟାଫନର୍ସ, ୬ଜଣ ସ୍ୱାସ୍ଥ୍ୟକର୍ମୀ ଏବଂ ଅନ୍ୟକର୍ମଚାରୀ ମାନେ କାର୍ଯ୍ୟରତ ରହିଛନ୍ତି। ଏହି କୋଭିଡ ହେଲ୍‌ଥ ସେଂଟର ପ୍ରଥମେ ଖୋଲା ହେବା ପରେ ଡାକ୍ତରଙ୍କ ଡ୍ୟୁଟି ତାଲିକାରେ ଉକ୍ତ ତିନିଜଣ ଆୟୁଷ ଡାକ୍ତରଙ୍କ ସହିତ ସିଫ୍ଟ ୱାଇଜ ତିନିଜଣ ଏମ.ବି.ବି.ଏସ. ଡାକ୍ତରଙ୍କୁ ଡ୍ୟୁଟି ଦିଆଯାଇଥିଲା। ମାତ୍ର ଡ୍ୟୁଟି ଦିଆଯାଇଥିବା ଏମ.ବି.ବି.ଏସ. ଡାକ୍ତର ମାନେ ଡ୍ୟୁଟିକୁ ଆସି ନଥିଲେ। ଗତ ତା ୨୫/୭/୨୦ ରିଖ ଜାରି କରାଯାଇଥିବା ନୂଆ ଡାକ୍ତର ଡ୍ୟୁଟି ତାଲିକାରେ ଏମ.ବି.ବି.ଏସ. ଡାକ୍ତର ଙ୍କୁ ଡ୍ୟୁଟି ଦିଆଯାଇ ନାହିଁ। ତେବେ କମ ଦରମାରେ ଅସ୍ଥାୟୀ ଚାକିରି କରୁଥିବା ଉକ୍ତ ତିନିଜଣ ଆୟୁଷ ଡାକ୍ତର ବେଶ ସାହସିକତାର ସହିତ ନିଜ ଜୀବନକୁ ବାଜି ଲଗାଇ ରୋଗୀମାନଙ୍କର ଚିକିତ୍ସା କରିଚାଲିଛନ୍ତି। ସେମାନଙ୍କ ସହିତ ଯଦି ଏମ.ବି.ବି.ଏସ. ଡାକ୍ତରଙ୍କୁ ଡ୍ୟୁଟିରେ ରଖାଯାଏ ତେବେ ରୋଗୀମାନଙ୍କୁ ଆହୁରି ଉନ୍ନତ ଚିକିତ୍ସା ଯୋଗାଇ ଦେବା ସମ୍ଭବ ହୋଇପାରନ୍ତା। ପୁନଶ୍ଚ ଏହି ଅସ୍ଥାୟୀ ଡାକ୍ତର, ନର୍ସ, ଫାର୍ମାଶିଷ୍ଟ ତଥା ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ସରକାର ସ୍ୱତନ୍ତ୍ର ସହାୟତା ଯୋଗାଇ ଦେବାର ଘୋଷଣା କରିଥିଲେ ମଧ୍ୟ ଅଦ୍ୟାବଧି ତାହା ସେମାନେ ପାଇ ନାହାନ୍ତି। ଏହି ଅସ୍ଥାୟୀ ଆୟୁଷ ଡାକ୍ତର, ନର୍ସ , ଫାର୍ମାଶିଷ୍ଟ ଏବଂ ସ୍ୱାସ୍ଥ୍ୟକର୍ମୀ ମାନେ ସ୍ୱଳ୍ପ ବେତନରେ ଜୀବନକୁ ବାଜିଲଗାଇ ରୋଗୀ ଚିକିତ୍ସା ଓ ସେବା କରୁଥିବାରୁ ଏମାନଙ୍କର ଭବିଷ୍ୟତ ପାଇଁ ସରକାର ଚିନ୍ତା କରିବା ଦରକାର ବୋଲି ବୁଦ୍ଧିଜିବୀ ମହଲରେ ଦାବୀ ହେଉଛି।

## ୧୪ ତାରିଖ ମଧରାତ୍ର ଯାଏ କୋରାପୁଟ ଲକ୍ ଡାଉନ

ଜୟପୁର, ୧ ଅଗଷ୍ଟ (ହି.ସ.)- କୋରାପୁଟ ଜିଲାରେ ଜାରୀ ହୋଇଥିବା ୪୮ ଘଂଟିଆ ସଟ୍ ଡାଉନ ଆଜି ମଧ ରାତ୍ରରେ ସରୁଛି। ତେବେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାକୁ ଲକ୍ ଡାଉନ ଘୋଷଣା କରିଛନ୍ତି ଜିଲାପାଳ ମଧୁସୁଦନ ମିଶ୍ର। ଆଜି ମଧ ରାତ୍ରରୁ ଆସନ୍ତା ୧୪ ତାରିଖ ମଧ ରାତ୍ର ଯାଏଁ ସମ୍ପୂର୍ଣ୍ଣ ଜିଲାରେ ଲକ୍ ଡାଉନ ଜାରୀ ରହିବ। ଲକ୍ ଡାଉନ ସମୟରେ ସକାଳ ୫ଟାରୁ ଦିନ ୧ ଟା ଯାଏ ଦୋକାନ ବଜାର ଖୋଲା ରହିବ। ଏଥି ସହ ପୂର୍ବ ପରି ଜରୁରିକାଳୀନ ସେବା ଜାରି ରହିବ ବୋଲି ଜିଲାପାଳ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ବର୍ତମାନ ସୁଦ୍ଧା କୋରାପୁଟ ଜିଲାରେ ୮୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପାରାଦ୍ୱୀପରେ ରିଫାଇନାରୀ ପକ୍ଷରୁ ସ୍ଥାପିତ ହେବ ପିଏକ୍ସ-ପିଟିଏ କମ୍ପ୍ଲେକ୍ସ

### ବିନିଯୋଗ ହେବ ୧୩,୮୦୫ କୋଟି ଟଙ୍କା

ପାରାଦ୍ୱୀପ ,୧।୮ (ନି.ପ୍ର): ପାରାଦ୍ୱୀପ ରିଫାଇନାରୀ ରେ ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସିଏଲ) ପକ୍ଷରୁ ପାରାକ୍ସିଲିନ୍ (ପିଏକ୍ସ ) ଆଣ୍ଡ ପିୟୁରିଫାଏଡ୍ ଟେରେପ୍‌ଥାଲିକ୍ ଏସିଡ୍(ପିଟିଏ) କମ୍ପ୍ଲେକ୍ସ ସ୍ଥାପିତ ହେବ ବୋଲି ଇଣ୍ଡିଆନ ଅଏଲ୍ର ଅଧକ୍ଷ ଏସ୍.ଏମ୍ ବୈଦ୍ୟ ସୂଚନା ଦେଇଥିବା ପାରାଦ୍ୱୀପ ରିଫାଇନାରୀ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରୁ ଜଣାପଡିଛି। ଏଥି ସହିତ ଏମ୍ ଜିସି ପ୍ଲାଣ୍ଟ ମଧ ସ୍ଥାପିତ ହେବ। ୩୭୫ କିଲୋଟନ୍ ବାର୍ଷିକ ଉତ୍ପାଦନ ଲକ୍ଷ୍ୟ ଥିବା ଏହି ପ୍ଲାଣ୍ଟ ଭଦ୍ରକ ଠାରେ ପ୍ରସ୍ତାବିତ ଟେକ୍ସଟାଇଲ ୟାନ୍ ଉତ୍ପାଦନ ପ୍ରକଳ୍ପ ନିମନ୍ତେ ସହାୟକ ହେବ, ଏହି ପ୍ରକଳ୍ପ ଆତ୍ମ ନିର୍ଭର ଭାରତ ଓ ମେକ୍‌ଇନ୍ ଇଣ୍ଡିଆ ଯାହା ଆମ ଦେଶର ଲକ୍ଷ୍ୟ ସେ ଦିଗରେ ସହାୟକ ହେବ ବୋଲି ଜଣା ପଡିଛି। ପିଏକ୍ସ-ପିଟିଏ କମ୍ପ୍ଲେକ୍ସ ୨୦୨୪ ମସିହା ସୁଦ୍ଧା କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ ରଖାଯାଇଛି। ପେଟ୍ରୋକେମିକାଲ କମ୍ପ୍ଲେକ୍ସ ରେ ପିଏକ୍ସ ଉତ୍ପାଦନ କ୍ଷମତା ୮୦୦,୦୦୦ଟନ୍ ବାର୍ଷିକ ଉତ୍ପାଦନ କରିପାରିବ। ପିଟିଏ ବାର୍ଷିକ ୧,୨୦୦,୦୦୦ ଟନ୍ ଉତ୍ପାଦନ ହେବ। ଏମ୍‌ଇଜି ପ୍ରକଳ୍ପ ୨୦୨୧ ସୁଦ୍ଧା କାର୍ଯ୍ୟ ହେବାର ଲକ୍ଷ୍ୟ ରହିଥିବା ପ୍ରେସ୍ ବିଜ୍ଞପ୍ତି ରୁ ସୂଚନା ମିଳିଛି। ପିଟିଏ ପଲିଷ୍ଟର, ଫାଇବର, ପେଟ୍ ବଟଲ ର କଞ୍ଚାମାନ ଭାବେ ବିନିଯୋଗ ହେବ। ପିଟିଏ ଓ ଏମଇଜି ର ମିଶ୍ରଣ ରେ ପଲିଷ୍ଟର ଉତ୍ପାଦନରେ ସହାୟକ ହୋଇପାରିବ। ପିସିପିଆଇଆର୍ ପାରାଦ୍ୱୀପ ଠାରେ ଏକତ୍ର ଭାବେ ବିଶ୍ୱସ୍ତରୀୟ କଞ୍ଚାମାନ ଗୋଟିଏ ଛାତ ତଳେ ମିଳିପାରିବ। ଏହି ପ୍ରସ୍ତାବିତ ପିଏକ୍ସ ପିଟିଏ ପ୍ରକଳ୍ପ ପାଞ୍ଚ ମିଲିୟନ ଶ୍ରମଦିବସ ସୃଷ୍ଟି କରିବା ସହ ଦୁଇହଜାର କୁଶଳୀ, ଅର୍ଦ୍ଧକୁଶଳୀ , ଅଣକୁଶଳୀ ଶ୍ରମିକ ଙ୍କ ର ଯୋଗ ଦାନ ରହିବ ବୋଲି ପାରାଦ୍ୱୀପ ରିଫାଇନାରୀରେ କର୍ପୋରେଟ୍ ମ୍ୟାନେଜର ଏସ୍.ଏସ୍.ପାତ୍ରଙ୍କ ଦ୍ୱାରା ଜାରୀ ହୋଇଥିବା ପ୍ରେସ୍ ବିଜ୍ଞପ୍ତିରୁ ଜଣାପଡିଛି।

## ଅମର ସିଂହଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧।୮ (ନି.ପ୍ର): ବରିଷ୍ଠ ରାଜନେତା ତଥା ରାଜ୍ୟସଭା ସାଂସଦ ଅମର ସିଂହଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ବରିଷ୍ଠ ରାଜନେତା ତଥା ରାଜ୍ୟସଭା ସାଂସଦ ଅମର ସିଂହଙ୍କ ବିୟୋଗ ଖବର ପାଇ ସେ ଦୁଃଖିତ। ସେ ତାଙ୍କର ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି।


**e-Procurement Notice for Road & Building Works Identification No.**

**04/EERW/JLS/2020-21**

| | |
|---|---|
| 1. Procurement Officer | :-Executive Engineer Rural Works Division, Jaleswar |
| 2. Name of the work | :- Road |
| 3.Total No of Works | :- 1 No. |
| 4. Estimated Cost | :- Approx, Estimated Cost (Rs) 380.21 Lakh |
| 5. Class of Contractor | :- A' & Special Clss |
| 6. Time of Completion | :- Nine months (As per annexure) |
| 7. Avaliability of tender On-line for bidding | :- From 06.08.2020 at 11.00 A.M to 12.08.2020 upto 3.00 P.M. |
| 8. Last date & time of Seeking tender Clarifacation | :- 10.08.2020 upto 3.00 P.M. |
| 9. Date & Time of Opening of tender in the office of the Excutive Engineer, R.W. Division, Jaleswar | :- Date & time Opening of Techinicial bid - 13.08.2020 at 11.00 A.M Date & time Opening of Financial bid - 17.08.2020 at 11.00 A.M |

Further details can be seen from the web site- www.tendersodisha.gov.in

**Executive Engineer**
**R.W.Division, Jaleswar**


## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଘଟଣା- ଆଉ ଜଣେ ଗିରଫ

ନୂଆପଡା,୧।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅରେଡା ପ ।ୟତର ମୋହରା ଗ୍ରାମ ଠାରେ ପୂର୍ବ ଶତୃତାକୁ କେନ୍ଦ୍ର କରି ପଟେଲ ଏବଂ ମଲ୍ଲିକ ଗୋଷ୍ଠୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦରେ ଖଡିଆଳ ପୁଲିସ ଆଜି ପର୍ଯ୍ୟନ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶନିବାର ଆଉ ଜଣେ ଆସାମୀ ଦିଲ୍ଲୀପ ମଲ୍ଲିକ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ପୂର୍ବରୁ ୩ ଜଣ ଅଜିତ ମଲ୍ଲିକ, ଆଶିଷ ମଲ୍ଲିକ ଏବଂ ଜୀବନ୍ୟାସ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ ହୋଇ ସାରିଛନ୍ତି। ସୂଚନାମତେ ପୂର୍ବ ଶତୃତାକୁ କେନ୍ଦ୍ର କରି ମଲ୍ଲିକ ଗୋଷ୍ଠୀର ୮ ରୁ ୧୦ ଜଣ ପୂର୍ବ ଯୋଜନା ମୁତାବକ ଧାରୁଆ ଅସ୍ତ୍ର ଟାଙ୍ଗିଆ ଏବଂ ଲୁହା ରଡ ସାହାର୍ଯ୍ୟରେ ପଟେଲ ଗୋଷ୍ଠୀର ପ୍ରାଣେଶ୍ୱର ପଟେଲ, ସନ୍ତୋଷ ପଟେଲ, ପଦ୍ମନ ପଟେଲ ଏବଂ ହେମରାଜ ପଟେଲଙ୍କୁ ଗତ ୧୮ ତାରିଖ ଶନିବାର ସକାଳ ସମୟରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୪ ଜଣଙ୍କ ଗୋଟିଏ ଲେଖାଏଁ ଗୋଡ ଏବଂ ହାତକୁ ଭାଙ୍ଗି ଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବ୍ରହ୍ମପୁରରେ ଆଉ...

କୋଭିଡ ଯୋଦ୍ଧା ମାନଙ୍କର ତ୍ୟାଗ, ନିଷ୍ଠା ଏବଂ ଗଞ୍ଜାମର ଜନସାଧାରଣଙ୍କର ସହଯୋଗ ଯୋଗୁ ଗଞ୍ଜାମ ଜିଲ୍ଲା ଏହି ମହାମାରୀ ବିରୁଦ୍ଧରେ ସଫଳତାର ସହ ଲଢେଇ ଜାରି ରଖିଛି। ଏଥିପାଇଁ ଜିଲ୍ଲା ପ୍ରଶାସନକୁ ଏବଂ ଗଞ୍ଜାମର ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ । କରୋନା ମହାମାରୀ କବଳରୁ ଲୋକମାନଙ୍କ ଜୀବନରକ୍ଷା ନିମନ୍ତେ ସରକାର ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ସାମାଜିକ ଦୂରତ୍ୱ ନିୟମକୁ କଡାକଡି ଭାବରେ ପାଳନ କରିବାକୁ ଗୁରୁତ୍ୱ ଦେଇଥିଲେ। ବ୍ରହ୍ମପୁରର ଏହି ଦୁଇଟି ହସ୍‌ପିଟାଲ ଜିଲ୍ଲାର ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାରେ ସହାୟକ ହେବ ବୋଲି ଜଂଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ଆଶାପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁରର ସାଂସଦ ଶ୍ରୀ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ଶ୍ରୀ ବିକ୍ରମ ପଣ୍ଡା ଯୋଗ ଦେଇଥିଲେ । ଗଞ୍ଜାମ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ । ବ୍ରହ୍ମପୁର ମ୍ୟୁନିସ୍‌ପାଲ କମିଶନର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ଉନ୍ନୟନ କମିଶନର, ଅତିରିକ୍ତ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ପୁଞ୍ଛରେ ପାକିସ୍ତାନର...

ଏବଂ ଆବାସିକ ଅଂଚଳକୁ ଟାର୍ଗେଟ କରି ମୋର୍ଟାର ମାଡ କରିଥିଲା। ଏହି ଗୁଳି ବିନିମୟରେ ଭାରତୀୟ ସୈନିକ ରୋହନ କୁମାର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତି କରାଯାଇଥିଲା ଯେଉଁଠାରେ ଚିକିତ୍ସା ସମୟରେ ଯବାନଙ୍କର ମୃତ୍ୟୁ ହୋଇଥିଲା।

### ପଂଜାବ ବିଷାକ୍ତ...

ତେବେ ପଞ୍ଜାବ ସରକାରଙ୍କ କୌଣସି ପ୍ରତିନିଧୀ ଏହି ଗ୍ରାମରେ ପହଂଚି ନାହାଁନ୍ତି। ପଞ୍ଜାବର ଡିଜିପି ଦିନକର ଗୁପ୍ତାଙ୍କ ଅନୁଯାୟୀ ପୋଲିସ କ୍ରମାଗତ ଭାବେ ଚଢାଉ କରୁଛି। ଅପରାଧୀଙ୍କୁ ଗିରଫ କରାଯାଉଛି। ପୋଲିସର ଆଠଟି ଟିମ୍ କ୍ରମାଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। କୌଣସି ଅଭିଯୁକ୍ତଙ୍କୁ ଛଡାଯିବ ନାହିଁ।

### ଓଡିଶାରେ ରହିଛି...

ଓଡିଶାରେ ସ୍ଥାନୀୟ ବିବର୍ତନରୁ ସୃଷ୍ଟି ହୋଇଛି ଏବଂ ଏହି ୨୦-ସି ଭୁତାଣୁ ଓଡିଶାରୁ ଅନ୍ୟ ରାଜ୍ୟକୁ ବ୍ୟାପି ନାହିଁ । ଅନ୍ୟପଟେ ୧୯-ଏକୁ ଉହାନ ଭୁତାଣୁ ଭାବେ ଚିହ୍ନଟ କରାଯାଉଛି । ୧୯-ବି ଭୁତାଣୁ ୟୁରୋପ ଓ ଦକ୍ଷିଣ-ପୂର୍ବ ଏସିଆରୁ ଆସିଥିବା ଜଣାପଡିଛି । ତେବେ କେଉଁ କାରଣରୁ ୨୦-ସି, ଭୁତାଣୁ କେବଳ ଓଡିଶାରେ ରହିଛି, ଅନ୍ୟପଟେ କାହିଁକି ସଂକ୍ରମିତ ହୋଇପାରି ନାହିଁ, ସେ ଉପରେ ଅଧିକ ଗବେଷଣା କରାଯାଉଛି । ଜୁନ ୧୮ ପରେ ଆରଏମଆରସି ଓ ଆଇଏଲଏସର ମିଳିତ ଉଦ୍ୟମରେ ସଂଗ୍ରହ କରାଯାଇଥିବା ନମୂନା ଉପରେ ଏବେ ଅଧିକ ଗବେଷଣ କରାଯାଉଛି ବୋଲି ଶ୍ରୀ ପରିଡା କହିଛନ୍ତି।

### ଅମାନିଆଙ୍କୁ ସାବାଡ୍ ...

ଭିଡିଓ, ଟେକ୍ସଟ, ଫଟୋ ପଠାଇବାକୁ କହିଛନ୍ତି ଡିସିପି। କରୋନା ମହାମାରୀ ବୃଦ୍ଧି ପାଉଥିବା ବେଳେ ମାସ୍କ ପିନ୍ଧିବା ଏବଂ ଗହଳି ନକରିବାକୁ ପରାମର୍ଶ ଦିଆଯାଇଛି। ମାତ୍ର କିଛି ଅମାନିଆ ଏହାକୁ ବାରବାର ଉଲ୍ଲଂଘନ କରୁଥିବାର ପରିଲକ୍ଷିତ ହେଉଛି। ତେଣୁ ଏଭଳି କଟକଣା ଉଲ୍ଲଂଘନ ହେଉଥିବାର ଦେଖିଲେ ହ୍ୱାଟସ୍ ଆପ୍ ନମ୍ବର ମାଧ୍ୟମରେ ଜଣାଇବାକୁ ଡିସିପି ଅନୁରୋଧ କରିଛନ୍ତି।

### ହରିଦାସପୁର-ପାରାଦୀପ...

ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବା ନିମନ୍ତେ ବହୁ ନିରାପତା ଭିତିକ କାର୍ଯ୍ୟର ଆବଶ୍ୟକତା ରହିଛି ଏବଂ ଯାତ୍ରୀ ସୁବିଧା ଯୋଗାଣ କାର୍ଯ୍ୟ ମଧ କରାଯିବା ଆବଶ୍ୟକ। ପରୀକ୍ଷାମୂଳକ ମାଲ୍‌ବାହୀ ଟ୍ରେନ୍ ଚଳାଚଳ ହେଉଛି, ପାସେଞ୍ଜର ଟ୍ରେନ୍ ଚଳାଚଳ କରିବା ନିମନ୍ତେ ପ୍ରାଥମିକ ପଦକ୍ଷେପ ଏବଂ ଏଥି ନିମନ୍ତେ ଅତ୍ୟାବଶ୍ୟକୀୟ ନିରାପତା କାର୍ଯ୍ୟ ଶେଷ କରିବା ସହ ଯାତ୍ରୀ ସୁବିଧା ଉପଲବ୍ଧ କରାଇବା। ଗତକାଲିପରି ମାଲବାହୀ ଟ୍ରେନ୍‌ର ଟ୍ରାଏଲ୍ ରନ୍‌କୁ ବାଧାପ୍ରାପ୍ତ କଲାଭଳି କାର୍ଯ୍ୟ ଯଦି କରାଯାଏ ତେବେ ଏହି ଲାଇନ୍‌ରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ଫିଟ୍ ବା ଉପଯୁକ୍ତ କରାଯିବାର ସମସ୍ତ ପ୍ରଣାଳୀ ଭବିଷ୍ୟତରେ ଆହୁରି ବିଳମ୍ବ ଆଡ଼କୁ ଟାଣି ହୋଇଯିବ। ତେଣୁ, ନିକଟ ଭବିଷ୍ୟତରେ ଚଳାଚଳ କରିବାକୁ ଥିବା ପାସେଞ୍ଜର୍ ଟ୍ରେନ୍ ପାଇଁ ଏହି ରେଳପଥକୁ ଫିଟ୍ ବା ଉପଯୁକ୍ତ କରିବା ନିମନ୍ତେ ମାଲବାହୀ ଟ୍ରେନ୍‌ର ପରୀକ୍ଷାମୂଳକ ଚଳାଚଳକୁ ବାଧାପ୍ରାପ୍ତ ନକରି ସୁରୁଖୁରୁରେ ଯାତ୍ରା କରିବାକୁ ଦିଆ ଯିବାକୁ ପୂର୍ବ ତଟ ରେଳପଥ ନିବେଦନ କରିଛି।

## ପାରାଦ୍ୱୀପ କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟିତ



ପାରାଦ୍ୱୀପ ,୧।୮ (ନି.ପ୍ର): ପାରାଦ୍ୱୀପର ଟ୍ରେଡ୍ ସେଣ୍ଟର ଠାରେ ୨୦୦ ଶର୍ଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ପାରାଦ୍ୱୀପ ପୋର୍ଟ ଅଧକ୍ଷ ଶ୍ରୀ ରିଙ୍କେଶ ରାୟ ଏବଂ ଜଗତସିଂହପୁର ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଅଛି । ଏହି କୋଭିଡ୍ କେୟାର ସେଣ୍ଟରରେ ଲକ୍ଷଣ ବିହୀନ, ସ୍ୱଳ୍ପ ଲକ୍ଷଣ ଥିବା କୋଭିଡ୍ ରୋଗୀ ଚିକିତ୍ସିତ ହେବେ । ସ୍ୱଳ୍ପ ସମୟ ଭିତରେ ପାରାଦ୍ୱୀପ ପୋର୍ଟ ପକ୍ଷରୁ ପ୍ରସ୍ତୁତ ହୋଇଥିବା କୋଭିଡ୍ କେୟାର ସେଣ୍ଟର ପାଇଁ ଜିଲ୍ଲାପାଳ ପୋର୍ଟ ଅଧକ୍ଷ ରିଙ୍କେଶ ରାୟଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଜଗତସିଂହପୁର ଜିଲ୍ଲାରେ ଲକ୍ଷଣ ବିହୀନ ଓ ସ୍ୱଳ୍ପ ଲକ୍ଷଣ ଥିବା କୋଭିଡ୍ ରୋଗୀଙ୍କ ପାଇଁ ପାରାଦ୍ୱୀପ ଟ୍ରେଡ୍ ସେଣ୍ଟରରେ ୨୦୦ ଶଯ୍ୟା, ଜଗତସିଂପୁର ସରଳାଦେବୀ କଲ୍ୟାଣ ମଣ୍ଡପରେ ୩୦ ଶଯ୍ୟା, ଆଶ୍ରା ବିଲ୍ଡିଂରେ ୮୦ ଶଯ୍ୟା, ଜିଲ୍ଲା ନିୟୋଜନ କାର୍ଯ୍ୟାଳୟଠାରେ ୫୦ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ପାରାଦ୍ୱୀପ ଟ୍ରେଡ୍ ସେଣ୍ଟରରେ କୋଭିଡ୍ କେୟାର ସେଣ୍ଟର ଉଦଘାଟନୀ ଉତ୍ସବରେ ପାରାଦ୍ୱୀପର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କାହ୍ନୁଚରଣ ଧିର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟା ପଣ୍ଡା, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ମାନେ ଉପସ୍ଥିତ ଥିଲେ।

## ବିଚାରାଧିନ କଏଦିଙ୍କ ଲାଗି ଲେଖିଲେ ସବ୍‌ଜେଲର୍

ଜଳେଶ୍ୱର, ୧/୮ (ନିପ୍ର): କରୋନା ଲକ୍ଷଣ ପ୍ରକାଶ ପାଇନଥିଲେ ମଧ୍ୟ ଜଳେଶ୍ୱର ସବ୍‌ଜେଲ୍‌ରେ ରହୁଥିବା କଏଦି ମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଜାଣିବାଲାଗି ସେମାନଙ୍କ ଠାରୁ ସ୍ୱାବ ସଂଗ୍ରହ କରିବାଲାଗି ଜଳେଶ୍ୱର ସବ୍‌ଜେଲର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇଛନ୍ତି । ଏହାପୂର୍ବରୁ ସତର୍କତା ମୂଳକ କେତେକ ପଦକ୍ଷେପ ସବ୍‌ଜେଲର ନେଇଥିବା ଜଣାଯାଇଛି। ସବ୍‌ଜେଲ୍ ଭିତରେ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଅନ୍ତେବାସୀଙ୍କ ଲାଗି ସାବୁନ୍ ଓ ମାସ୍କର ବ୍ୟବସ୍ଥା କରାଯାଇଛି । ଏପରିକି ନୂତନଭାବେ ଆସୁଥିବା କଏଦି ମାନଙ୍କୁ ସ୍ୱତନ୍ତ୍ର ଅଲଗା କୋଠରୀରେ ୧୪ଦିନ ସଂଗରୋଧରେ ରହିବାପରେ ଲକ୍ଷଣ ନଥିଲେ ସେମାନଙ୍କୁ ଅନ୍ୟମାନଙ୍କ ସହିତ ମିଶିବାର ସୁଯୋଗ ଦିଆଯାଉଛି । ନିର୍ଦ୍ଧାରିତ ସମୟରେ ସବ୍‌ଜେଲ୍‌କୁ ଦମକଳବାହିନୀ ଦ୍ୱାରା ବିଶୋଧନ କରାଯାଉଛି । ବିଚାରାଧିନ କଏଦି ମାନଙ୍କ ଶୁଣାଣି ଦିନ ଅନ୍ତେବାସୀଙ୍କୁ କୋର୍ଟକୁନିଆନଯାଇ ଭିଡିଓ କନ୍‌ଫାରେନ୍ସିଂ ଦ୍ୱାରା କୋଟରେ ହାଜର କରାଯାଉଛି । କୌଣସି ସମ୍ପର୍କୀୟ ବ୍ୟକ୍ତି ସାକ୍ଷାତ କରିବାକୁ ଆସିଲେ କେବଳ ଫୋନ ମାଧ୍ୟମରେ କଥାବାର୍ତ୍ତା ହେବାର ସୁଯୋଗ ଦିଆଯାଉଛି । ଜେଲ୍ ଭିତରେ ୨ଟି କୋଠରୀକୁ ସଂଗରୋଧ କେନ୍ଦ୍ରରୂପେ ବ୍ୟବହାର କରାଯାଉଥିବା ସବ୍‌ଜେଲର ଅନୁସୂୟା ଷଡଙ୍ଗୀ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି । ମୋଟ ୩୮ଜଣ କଏଦି ସବ୍‌ଜେଲ୍‌ରେ ରହୁଥିବା ବେଳେ ୫ଜଣ ନୂତନ କଏଦିଙ୍କୁ ୨ଟି ସଂଗରୋଧ କେନ୍ଦ୍ରରେ ରଖାଯାଇଥିବାର ସେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ସମସ୍ତ ଅନ୍ତେବାସୀଙ୍କର ସ୍ୱାବ ଟେଷ୍ଟ କରାଯିବାକୁ ସେ ଜିଲା ମୁଖ୍ୟଚିକିତ୍ସାଧିକାରୀଙ୍କୁ ଜଣାଇଛନ୍ତି ।

ରବିବାର,୦୨ ଅଗଷ୍ଟ ୨୦୨୦

ଧ୍ୱନି ପ୍ରତିଧ୍ୱନି



# ଗୋଷ୍ଠି ସଂକ୍ରମଣ ସୂଚନା ଓ ଲକ୍ଷଣଯୁକ୍ତଙ୍କ ସ୍ୱାସ୍ଥ୍ୟସେବା ଲାଗି ସ୍ୱାବ ସଂଗ୍ରହ

ଜଳେଶ୍ୱର,୧୮ (ନି.ପ୍ର): ଜଳେଶ୍ୱର ବ୍ଲକର ଉପାନ୍ତ ଗ୍ରାମ ଓ ସମ୍ବେଦନଶୀଳ ଗ୍ରାମଗୁଡିକରୁ ଏଣିକି ସ୍ୱା ସଂଗ୍ରହ କରାଯାଉଥିବା ଜଣାଯାଇଛି । ଏଥିରୁ ଗୋଷ୍ଠୀ ସଂକ୍ରମଣର ସୂଚନା ଓ ଲକ୍ଷଣଯୁକ୍ତ ବ୍ୟକ୍ତି ବିଶେଷଙ୍କୁ କରୋନାର ସ୍ୱାସ୍ଥ୍ୟସେମା ଲାଗି ସ୍ୱା ଗ୍ରହଣ କରାଯାଉଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପ୍ରକାଶ । ଗତ ୩୦ ତାରିଖରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତଦ ସୁବର୍ଣ୍ଣରେଖା କୂଳ ତଥା ପର୍ଶ୍ଚିମବଂଗ ସୀମା ନିକଟରେ ଥିବା ମାକିଡିଆ ଗାଁରୁ ୧୦୦ ସ୍ୱାବ ସଂଗ୍ରହ ଲାଗି ବାଲେଶ୍ୱରରୁ ଏକ ଟିମ୍ ଡିପିଏମ୍ ଡ. ଅନୀଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଆସିଥିବା ବେଳେ ସ୍ଥାନୀୟ ଲୋକେ ସ୍ୱାବ ନ ଦେବାଲାଗି ଦୀର୍ଘ ସମୟ ଯୁକ୍ତିତର୍କ କରିଥିଲେ । ପରେ ସେଠାରୁ ୩୬ଟି ସ୍ୱାବ ଓ ୫ଟି ଏନ୍ଟି ଜେନ୍ ଟେଷ୍ଟ ଲାଗି ରକ୍ତ ଓ ସ୍ୱାବ ଗ୍ରହଣ କରାଯାଇଥିଲା । ସେଥିରୁ ୩ଜଣ ଏନ୍ଟିଜେନ୍ ପଜେଟିଭ୍ ଥିବାର ଜଣାଯାଇଛି । ସେହିପରି ସେହିଦିନ ରାଇବଣିଆରେ ୨୭ଜଣଙ୍କର ସ୍ୱାବ ଗ୍ରହଣ କରାଯାଇଛି । ପୂର୍ବରୁ ଚୁଡାମଣିପୁର, ଓଲମରା, ଚାଫଲା, ପୁରୁଣାପାଣି, ଖୁଆଡ, ମାଳିପାଳ ଇତ୍ୟାଦିରୁ ସଂଗ୍ରହ କରାଯାଇଥିବା ବେଳେ ଆସନ୍ତା ଦିନରେ କୁଅଁରପୁର, ମୁଣ୍ଡୁତୁଣିଆ, ଦକ୍ଷିଣ ପ୍ରହରାଜପୁରରୁ ସ୍ୱାବ ଗ୍ରହଣ କରାଯିବାର ପ୍ରସ୍ତାବ ରହିଛି । ଏହା ଦ୍ୱାରା ଗୋଷ୍ଠୀ ସଂକ୍ରମଣ ହୋଇଛିକି ନାହିଁ ତାହା ସ୍ୱଷ୍ଟ ହେବା ସହ ଲକ୍ଷଣଯୁକ୍ତ ବ୍ୟକ୍ତି ତଥା ସମ୍ବେଦନଶୀଳ ସ୍ଥାନ ଗୁଡିକରୁ କରୋନା ସଂପକରେ ତଥ୍ୟ ମିଳିପାରିବା ସଂପକରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି । ଏଣିକି କୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ସ୍ୱାକ ଗ୍ରହଣ କରାନଯାଇ ବିଭିନ୍ନ ସମ୍ବେଦନଶୀଳ, ସଂକ୍ରମିତ ସ୍ଥାନ ଓ ସନ୍ଦେହଯୁକ୍ତ ଗ୍ରାମମାନଙ୍କୁ ସ୍ୱାବ ଗ୍ରହଣ କରାଯିବା ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

## ୪ କୋଭିଡ୍ କେୟାର ହୋମ୍ ପ୍ରତିଷ୍ଠା କଲା ଓଏମସି

ଭୁବନେଶ୍ୱର,୧୮ (ନି.ପ୍ର): କୋଭିଡ -୧୯ ମହାମାରୀକୁ ଦୃଷ୍ଟିରେ ରଖି ଓଡିଶା ମାଇନିଂ କର୍ପୋରେସନ୍ ଲିମିଟେଡ୍ (ଓଏମସି) ଶନିବାର ଭୁବନେଶ୍ୱର ସମେତ ଦକ୍ଷିଣ କାଳିଆପାଣି, ଗାନ୍ଧମାର୍ଦ୍ଦନ ଏବଂ ଦଇତାରିରେ କୋଭିଡ କେୟାର ହୋମ (ସିସିଏଚ୍) ପ୍ରତିଷ୍ଠା କରିଛି । ପ୍ରତ୍ୟେକ ସିସିଏଚ୍ ଗୁଡିକରେ ୨୦ ଶଯ୍ୟା ଆଇସୋଲେସନ୍ ବ୍ୟବସ୍ଥା ରହିଥିବା ବେଳେ କୋଭିଡ୍-୧୯ ସନ୍ଦିଗ୍ଧ କିମ୍ବା ପଜିଟିଭ୍ ଚିହ୍ନଟ ବ୍ୟକ୍ତିଙ୍କୁ ରଖାଯିବ । ସିସିଏଚ୍ ଗୁଡିକ କେବଳ ଲକ୍ଷଣହୀନ ବା ସାମାନ୍ୟ ଲକ୍ଷଣ ଥିବା ଓଏମସି କର୍ମଚାରୀ ଏବଂ ଏହାର ଶ୍ରମିକମାନଙ୍କ ପାଇଁ । ଦ୍ୱିତୀୟ ପର୍ଯ୍ୟାୟରେ ଓଏମସି କୋଇଡା ଅଂଚଳର କୁରିମିତାର, ବଡବିଲ ଅଂଚଳର ସେରେମଡା, ବାଙ୍ଗୁର ଏବଂ ରାୟାଗଡା ଅଂଚଳର କୋଡିଙ୍ଗାମାଲିରେ କୋଭିଡ କେୟାର ହୋମ ଆରମ୍ଭ କରିବ ଏବଂ ପ୍ରତ୍ୟେକ ଅଂଚଳରେ ୧୦ ଶଯ୍ୟା ବିଶିଷ୍ଟ ସୁବିଧା ରହିବ । ଉଲ୍ଲେଖ୍ୟଯୋଗ୍ୟ ଯେ ଓଏମସି ଗତ ମାର୍ଚ୍ଚ ମାସରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫୦୦ ଟଙ୍କା ଦାନ କରିଥିଲା । ଏହାସହ ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ମଧବର୍ତୀ ଡିଭିଡେଣ୍ଡ ଭାବରେ ୨୫୦ କୋଟି ପ୍ରଦାନ କରିଥିଲା । ସେହିପରି ଗତ ମାର୍ଚ୍ଚ ୨୬ ରେ, ଓଏମସି ୫୦୦ ଶଯ୍ୟା ବିଶିଷ୍ଟ ଏକ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଓ କିମସ୍ ହସପିଟାଲ ସହ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର କରିଥିଲା । ଏହା ବ୍ୟତୀତ ରାଜ୍ୟର ୮ଟି ଜିଲ୍ଲାରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଓଏମସି ଅନୁଦାନ ପ୍ରଦାନ କରିଛି ।

# ହଜାରେ ଟପିଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

## ସଙ୍ଗୀନ ସ୍ଥିତିରେ ରେମୁଣା-ବାଲେଶ୍ୱର ପୌରାଞ୍ଚଳ

ବାଲେଶ୍ୱର,୧୮ (ନି.ପ୍ର): ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବାନୁମାନ ଅନୁସାରେ ଅଗଷ୍ଟ ମାସରେ ଦେଶର କରୋନା ସଂକ୍ରମଣ ସଙ୍ଗୀନ ସ୍ଥିତିରେ ପହଞ୍ଚିବାର ଆଶଙ୍କା ଏବେ ସୃଷ୍ଟି ହୋଇଛି । ଆଜି ସୁଦ୍ଧା ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୬ ଲକ୍ଷ ୪୩ ହଜାର ୬୮୩ ଛୁଇଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୩୫ହଜାର ୮୧୭ରେ ପହଞ୍ଚିଛି । ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୬୦୨ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୩ହଜାର ୪୭୯ରେ ପହଞ୍ଚିଛି । ଆଜି ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ ଅଦ୍ୟାବଧି କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୧୮୭ରେ ପହଞ୍ଚିଛି । ସେହିଭଳି ବାଲେଶ୍ୱରରେ ଗତ କିଛିଦିନ ଧରି କ୍ରମାଗତ ବର୍ଦ୍ଧି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହେଲାଣି । ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ୨୯ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୧ରେ ପହଞ୍ଚିଛି । ଅଦ୍ୟାବଧି ୭୧୭ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୨୭୭ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ ଆଜି ନୂଆ ଭାବେ ଚିହ୍ନଟ ହୋଇଥିବା ୨୯ ଜଣଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍ ସେଣ୍ଟରରେ ୬ ଜଣ ଥିବା ବେଳେ ଅନ୍ୟ ୨୩ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । କ୍ୱାରେଣ୍ଟାଇନ୍ କେନ୍ଦ୍ରରେ ଥିବା ସମସ୍ତ ବ୍ୟକ୍ତି ଅନ୍ୟରୋଗ ଚିକିତ୍ସା ପାଇଁ ବିଭିନ୍ନ ହସପିଟାଲରେ ଭର୍ତ୍ତି ହୋଇଥିବା ବେଳେ ସେଠାରେ ସେମାନେ କରୋନା ପଜିଟିଭ୍ ଭାବେ ଚିହ୍ନଟ ହୋଇଛନ୍ତି । ସେହିଭଳି ଜିଲ୍ଲାର ୨୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ରେମୁଣାର ୭ ଜଣ ଓ ବାଲେଶ୍ୱର ସହରର ୧୧ ଜଣ ଚିହ୍ନଟ ହୋଇଛନ୍ତି । ଗତ କିଛିଦିନ ଧରି ରେମୁଣା ଓ ବାଲେଶ୍ୱର ପୌରାଞ୍ଚଳରେ ସ୍ଥାନୀୟ ସଂକ୍ରମଣ ହାର ବୃଦ୍ଧି ଗୋଷ୍ଠୀ ସଂକ୍ରମଣକୁ ଏକପ୍ରକାର ଇଙ୍ଗିତ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ କରୋନା ପିଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି । ଜିଲ୍ଲାରେ କରୋନା ସଂକ୍ରମଣ ବଢ଼ିଚାଲିଥିବା ବେଳେ ଚଳିତ ଅଗଷ୍ଟ ମାସରେ ସ୍ଥିତି କ'ଣ ରହିବ ତାହାକୁ ନେଇ ସବୁ ମହଲରେ ଉଦବେଗ ଲକ୍ଷ୍ୟ କରାଯାଇଛି ।

## ଅନ୍‌ଲାଇନ୍ କ୍ଲାସ ବେଳେ ଗ୍ରୁପ୍‌ରେ ଅଶ୍ଳୀଳ ଫଟୋ : ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୮ (ନି.ପ୍ର): ଅନ୍‌ଲାଇନ୍ କ୍ଲାସ ବେଳେ ଗ୍ରୁପ୍ ରେ ଅଶ୍ଳୀଳ ଫଟୋ ପଡ଼ିବା ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ । କଟକ ଡିଇଓଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସୋମବାର ସୁଦ୍ଧା ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି । ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ସୂଚନା ଅନୁଯାୟୀ କଟକର ଏକ ସରକାରୀ ସ୍କୁଲ ର ଛାତ୍ରଛାତ୍ରୀଙ୍କର ଅନଲାଇନ୍ କ୍ଲାସ୍ ଚାଲିଥିବା ବେଳେ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ଗ୍ରୁପ୍ ରେ ଅଶ୍ଳୀଳ ଫଟୋ ପକାଇଥିବା ଅଭିଯୋଗ ହୋଇଥିଲା । ଏସମ୍ପର୍କରେ ଜଣେ ପୂର୍ବତନ କର୍ପୋରେଟର ସୋସିଆଲ ମିଡିଆରେ ଅଭିଯୋଗ କରିଥିଲେ ।

# ଶିକ୍ଷା ପ୍ରତି ସରକାରୀ ଉଦାସୀନତାକୁ ନେଇ ଉଦ୍‌ବେଗ !

## ପ୍ରତିବାଦ ପାଇଁ ପ୍ରଦେଶ ଛାତ୍ର କଂଗ୍ରେସ ସଂଯୋଜକଙ୍କ ଆହ୍ୱାନ




ବାଲେଶ୍ୱର,୧୮ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ କମିଟି ରାଜ୍ୟ ସଂଯୋଜକ ୟାସିର ନୱାଜ୍ ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳର ଛାତ୍ରନେତା ଓ କର୍ମୀଙ୍କ ସହ ଆଲୋଚନା କରିଛନ୍ତି । ବାଲେଶ୍ୱର ଜିଲ୍ଲା କଂଗ୍ରେସ ଭବନରେ ଆୟୋଜିତ ଏକ ବୈଠକରେ ୟାସିର ନୱାଜ୍ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ଉପରେ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଛାତ୍ର ବିରୋଧୀ ନୀତି ଏବଂ କରୋନା ସଂକ୍ରମଣ ସମୟରେ ଶିକ୍ଷା ପ୍ରତି ଉଦାସୀନତାକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ବ୍ଲକସ୍ତରରେ ପ୍ରତିବାଦ ପାଇଁ ସେ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ରାଜ୍ୟ ସଂଯୋଜକ ତାରାପ୍ରସାଦ କର, ସାଗର ପଟ୍ଟନାୟକ, ଜିଲ୍ଲା ଉପ-ସଭାପତି ଜୀବନ ମହାପାତ୍ର, ଦେବଦତ୍ତ ଦାସ, ରଂଜନ ଦାସ, ସୌରଭ ବେହେରା, ମନୋଜ ନାୟକ, ସୁଦାମ ଶେଖର ଜେନା, ନବ ପ୍ରସାଦ ଭୂୟାଁ, ପ୍ରଦୀପ କୁମାର ନାୟକ, ତୁଷାରକାନ୍ତି ତପସ୍ୱୀ, ଶଶାଙ୍କ ପାଢ଼ୀ, ଭବାନୀ ଶଙ୍କର ବେହେରା, ରଶ୍ମିକାନ୍ତ ନାୟକ, ରେହେମତ ଅଲ୍ଲି, ସତ୍ୟଜିତ୍ ପ୍ରଧାନ, ସନ୍ତୋଷ ମହାପାତ୍ର, ଡମ୍ବରୁଧର ବେହେରା, ଆଦର୍ଶ ଗୌରବ ଦାସ, ଅଜିତ୍ ପ୍ରଧାନ ପ୍ରମୁଖ ଛାତ୍ରନେତାମାନେ ଉପସ୍ଥିତ ଥିଲେ । ପୂର୍ବରୁ ୟାସିର ନୱାଜ୍ ଜିଲ୍ଲାର ସୋର, ରେମୁଣା ଓ ନୀଳଗିରି ପ୍ରଭୃତି ବ୍ଲକରେ ଛାତ୍ର କଂଗ୍ରେସ ନେତାମାନଙ୍କୁ ଭେଟିଥିଲେ । ଏହି ଅବସରରେ ସୋରଠାରେ ମ୍ୟାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୫ ଜଣ ଛାତ୍ରଛାତ୍ରୀ, ରେମୁଣାରେ କୃତୀଛାତ୍ର ଜିତେନ୍ ମହାଲିକଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ ୟାସିର ନୱାଜ୍ ସମ୍ବର୍ଦ୍ଧିତ କରିଥିଲେ ।

# କମ୍ପାନୀର ଦାୟିତ୍ୱହୀନତା ଯୋଗୁଁ ଓମାନ୍‌ରେ ଓଡିଆ ଯୁବକ ମୃତ : ଗାଁରେ ଆଲୋଡନ

ଜଳେଶ୍ୱର,୧୮ (ନି.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଇଗଣବାଡିଆ ପଂଚାୟତର କାଳିକାପୁର ଗାଁର ଧନଞ୍ଜୟ ବେହେରା୨୦୧୬ ମସିହାରୁ ଓମାନ୍‌ର ମସ୍କଟ ସହରରେ ଥିବା ରେନାଇସେନ୍‌ସ୍ କମ୍ପାନୀରେ କାର୍ଯ୍ୟକରି ଆସୁଥିଲେ । କିନ୍ତୁ କମ୍ପାନୀର ଦାୟିତ୍ୱ ହୀନତା ଯୋଗୁଁ ତାଙ୍କର କରୋନାରେ ଗତ ଶୁକ୍ରବାର ଦିନ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ଜଣାଯାଇଛି । ଘଟଣାରୁ ପ୍ରକାଶ ୨୦୧୬ରେ ଧନଞ୍ଜୟ ମ୍ସସଟସ୍ଥିତ ଏକକମ୍ପାନୀରେ ଚାକିରୀ କରିଆସୁଥିଲେ । ଗାଁରେ ତାଙ୍କ ବାପା ଅନନ୍ତ, ମା, ସ୍ତ୍ରୀ ସ୍ରୋତସ୍ୱିନୀ, ୧୦ବର୍ଷର ଝିଅ ଓ ୪ବର୍ଷର ପୁଅ ବାସ କରି ଆସୁଥିଲେ । କିନ୍ତୁ ଗତ ଜୁନ୍ ୪ତାରିଖରେ ଧନଞ୍ଜୟଙ୍କ ସ୍ୱାବ ଟେଷ୍ଟ ହୋଇଥିଲା । ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ଦୀର୍ଘ ୧ମାସ ପରେ ଜୁଲାଇ ୪ ତାରିଖରେ କରୋନା ହୋଇଥିବାର ସୂଚନା ଦେବା ସହିତ ତାଙ୍କୁ ଚିକିତ୍ସାର ବ୍ୟବସ୍ଥା କରାଇଥିଲେ । କିନ୍ତୁ ଅବସ୍ଥା ଗୁରୁ ତର ହେବାରୁ ତାଙ୍କୁ ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ । କିନ୍ତୁ ଗାଁରୁ ବାପା, ମା, ସ୍ତ୍ରୀ ଙ୍କ ନିବେଦନ ଓ ଅନୁରୋଧ କ୍ରମେ ସମାଜସେବୀ ସୁଦର୍ଶନ ଦାସ ଓମାନ୍‌ର ଓଡିଆ ସମାଜ ସହିତ ସଂପର୍କ ରକ୍ଷା କରି ଚିକିତ୍ସାରେ ଆସୁ ସହାୟତା କରିଥିଲେ । କିନ୍ତୁ ଦୁଃଖର ବିଷୟ ଗତ ୩୧ ତାରିଖରେ ଧନଞ୍ଜୟ ଶେଷ ନିଶ୍ୱସ ତ୍ୟାଗ କରିଥିବା ତାଙ୍କ ସ୍ତ୍ରୀ ସ୍ରୋତତ୍ୱନୀ କରୁଣ ଚିତ୍ର ପ୍ରଦାନ କରିଛନ୍ତି । ସତର୍କତାର ତାଙ୍କ ଶବ ଗାଁ ମାଟିକୁ ପଠାଇବାଲାଗି ଗ୍ରାମବାସୀ ଓ ପରିବାରବର୍ଗ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ଜିଲା ପ୍ରଶାସନ, ରାଜ୍ୟ ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୮ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୩୦୮ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୦୬୭୨ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୩୪୫, ବାଲେଶ୍ୱର ଜିଲ୍ଲାରେ ୧୦୦୦, ବରଗଡ ଜିଲ୍ଲାରେ ୪୨୫, ଭଦ୍ରକ ଜିଲ୍ଲାରେ ୬୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୪୬୩ . ବୌଦ୍ଧ ଜିଲ୍ଲାରେ ୧୪୬, କଟକ ଜିଲ୍ଲାରେ ୨୧୨୫, ଦେବଗଡ ଜିଲ୍ଲାରେ ୯୪, ଢେଙ୍କାନାଳ ଜିଲ୍ଲାରେ ୩୪୫. ଗଜପତି ଜିଲ୍ଲାରେ ୧୫୧୦, ଜଗତସିଂହପୁର ଜିଲ୍ଲାରେ ୭୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୨୮୮, ଝାରସୁଗୁଡା ଜିଲ୍ଲାରେ ୩୧୭, କଳାହାଣ୍ଡି ଜିଲ୍ଲାରେ ୨୩୭, କନ୍ଧମାଳ ୫୭୨, କେନ୍ଦ୍ରାପଡା ଜିଲ୍ଲାରେ ୪୯୨, କେନ୍ଦୁଝର ଜିଲ୍ଲାରେ ୭୮୮, ଖୋର୍ଦ୍ଧା ଜିଲ୍ଲାରେ ୪୪୮୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୮୧୭ , ମାଲକାନଗିରି ଜିଲ୍ଲାରେ ୫୬୬, ମୟୁରଭଂଜ ଜିଲ୍ଲାରେ ୬୯୧. ନବରଙ୍ଗପୁର ଜିଲ୍ଲାରେ ୨୭୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୬୫୬, ନୂଆପଡା ଜିଲ୍ଲାରେ ୧୪୩ , ପୁରୀ ଜିଲ୍ଲାରେ ୮୦୩, ରାୟଗଡା ଜିଲ୍ଲାରେ ୮୯୭. ସମ୍ବଲପୁର ଜିଲ୍ଲାରେ ୪୩୭. ସୁବର୍ଣ୍ଣପୁର ଜିଲ୍ଲାରେ ୯୭ ଓ ସୁନ୍ଦରଗଡ ଜିଲ୍ଲାରେ ୧୪୩୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଜଳେଶ୍ୱର ମ୍ୟୁନିସିପାଲଟିରେ ଦୁର୍ନିତୀର ଅଭିଯୋଗ

## ୩ ଲକ୍ଷରେ ହେଉଥିଲା, ୮ଲକ୍ଷ ୭୬ ହଜାରରେ ହେଉନି ସଫେଇ

ଜଳେଶ୍ୱର,୧୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟି ପର୍ଶ୍ଚିମବଂଗ ପ୍ରଦେଶକୁ ଲାଗି ରହିଛି । ୨୦୧୪ ମସିହାରେ ଏନ୍‌ଏସିରୁ ମ୍ୟୁନିସିପାଲଟିକୁ ମାନ୍ୟତା ପାଇବା ପୂର୍ବରୁ ଏହାର ୧୭ଟି ୱାର୍ଡର ସଫେଇ ପାଇଁ ମାସକୁ ୨ଲକ୍ଷ ୯୮ହଜାର ଟଙ୍କା ଏକ ଘରୋଇ କମ୍ପାନୀ ଦ୍ୱାରା କରାଯାଉଥିଲା । ୨୦୧୮ ମସିହାଠାରୁ ମାସକୁ ୮ଲକ୍ଷ ୭୬ ହଜାର ଟଙ୍କା ଖର୍ଚ୍ଚରେ ୧୭ଟି ୱାର୍ଡରେ ସଫେଇ କରିବା ପାଇଁ ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିଲେ ମଧ୍ୟ ଜଳେଶ୍ୱରର ମୁଖ୍ୟ ରାସ୍ତାକୁ ଛାଡି ଅନ୍ୟ ଗ୍ରାମାଞ୍ଚଳ ରାସ୍ତାକୁ ସଫେଇ କରାଯାଉ ନଥିବାର ଅଭିଯୋଗ ହୋଇଛି । ଠିକାଦାର ପ୍ରତିଦିନ ୬୨ଜଣ ସଫେଇ କର୍ମଚାରୀଙ୍କ ଦ୍ୱାରା ସଫେଇ କରାଯିବାର ଚୁକ୍ତି ହୋଇଥିଲେ ମଧ୍ୟ ସେମାନଙ୍କର ନାମ ପ୍ରକାଶ କରାଯାଉନାହିଁ । ସ୍ୱଳ୍ପ ଲୋକଙ୍କ ନେଇ ଏପରି କାର୍ଯ୍ୟ କରି ଠିକାଦାର ମାଲେମାଲ ହେଉଥିବା ବେଳେ ପୌର ଅଧିକାରୀଙ୍କ ସହିତ ମଧୁଚନ୍ଦ୍ରିକା ଥିବାର ଅଭିଯୋଗ ହେଉଛି । ସ୍ୱଚ୍ଛ ସାଥିରେ ଅନିୟମିତତା, ମ୍ୟୁନିସିପାଲଟି ଅଫିସ୍ ମଧ୍ୟରୁ ୫୦ଟି ଫାଇଲ୍ ଚୋରି ହେବା, କଂକ୍ରିଟ ରାସ୍ତାଗୁଡିକ ନିମ୍ନମାନର ହେବା, ରେସନ୍‌କାର୍ଡ ଓ ଆବାସ ଯୋଜନାରେ ରେ ଘୋଟାଲା ହେବା ଇତ୍ୟାଦି ବିଭିନ୍ନ ଦାବି ନେଇ ଜଳେଶ୍ୱର ସଚେତନ ନାଗରିକ ମଂଚ ଓ ଜଳେଶ୍ୱର ବିକାଶ ପରିଷଦର ମନୋରଂଜନ ଦାସ, ଆଶିଷ କୁମାର ଗିରି, ରାଧାରାଣୀ ପାତ୍ର, କେଶବ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ଦାସ, ସନାତର ପାତ୍ର, ବାସନ୍ତି ପାଳ, ମାଧବି ପାତ୍ର ପ୍ରମୁଖ ବହୁ ବ୍ୟକ୍ତି ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସଂପର୍କରେ ପୌରଅଧିକାରୀ ଅଜୟ କୁମାର ମହାପାତ୍ରଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାରୁ ଜଳେଶ୍ୱର ମ୍ୟୁନିସିପାଲଟି ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ନେଇ ଗଠିତ ହୋଇଥିଲେ ମଧ୍ୟ ସମସ୍ତ ସ୍ଥାନରେ ସଫେଇ କାର୍ଯ୍ୟ ହେଉଛି । ଏଥିଲାଗି ୪ଟି ଗାଡି ନିୟୋଜିତ ହୋଇଛି । କୌଣସି ସ୍ଥାନରୁ ଅଭିଯୋଗ ଆସିଲେ ତାହା ସେ ନିଜେ ଏହାକୁ ସମାଧାନ କରୁଛନ୍ତି ବୋଲି କହିଛନ୍ତି ।

# ବାଲେଶ୍ୱରରେ ଇଦ୍-ଉଲ୍-ଜୋହା ପାଳିତ



ବାଲେଶ୍ୱର,୧୮ (ନି.ପ୍ର): ସଟ୍ ଡାଉନ୍ କଟକଣା ମଧ୍ୟରେ ସହର ସମେତ ସମଗ୍ର ବାଲେଶ୍ୱର ଜିଲ୍ଲାରେ ଶ୍ରଦ୍ଧାର ସହ ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଲ୍-ଜୁହା ଆଜି ପାଳିତ ହୋଇଯାଇଛି । ବାଲେଶ୍ୱର ସହରର ଇସଲାମ ଧାର୍ମାବଲମ୍ବୀ ସମ୍ପ୍ରଦାୟର ଲୋକେ ସକାଳେ ଘରେ ରହି ନମାଜ ପାଠ କରିଥିବା ବେଳେ କାଁ ଭାଁ ଲୋକେ ଦରଘା ମଇଦାନସ୍ଥିତ ରସୁଲ କଦମ୍‌ରେ ପହଞ୍ଚି ସାମାଜିକ ଦୂରତା ରକ୍ଷା ସହ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୂର୍ବବର୍ଷ ଭଳି କରୋନା କଟକଣା ଯୋଗୁଁ ଚଳିତ ବର୍ଷ ସାମୂହିକ ନମାଜ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପାରିନଥିଲା । ଏମିତିକି ପରସ୍ପରକୁ ଆଲିଙ୍ଗନ ସହ ଶୁଭେଚ୍ଛା ଜଣାଇବା ଇଦ୍ ପର୍ବର ମୁଖ୍ୟ କାର୍ଯ୍ୟକ୍ରମ ହୋଇଥିଲେ ବି କରୋନା ସଂକମଣ ପାଇଁ ସମସ୍ତେ ସେଥିରୁ ନିବୃତ ହୋଇଥିଲେ । ପ୍ରଶାସନର ନିୟମ ପାଳନ ପୂର୍ବକ ପ୍ରତ୍ୟେକ ମସଜିଦ୍‌ରେ ମୌଲବୀଙ୍କ ସମେତ ୫ ଜଣ ଲେଖାଏଁ ନମାଜ ପାଠ କରିଥିବା ଦେଖିବାକୁ ମିଳିଥିଲା । ଧର୍ମ ଅପେକ୍ଷା ମାନବ ଜୀବନ ରକ୍ଷାକୁ ଗୁରୁତ୍ୱ ଦେଇ ବାଲେଶ୍ୱରର ମୁସଲମାନ ଭାଇମାନେ ସରକାରଙ୍କ କୋଭିଡ୍ ନିୟମ ପାଳନ କରି ନିରାଡ଼ମ୍ବର ଭାବେ ଇଦ୍‌କୁ ପାଳନ କରିଥିବା ସେମାନେ କହିଛନ୍ତି । ତେବେ ଘରେ ରହି ମଧ୍ୟ ସେମାନେ ଆଲ୍ଲାଙ୍କ ନିର୍ଦ୍ଦେଶକୁ ମାନି ଏହି ପର୍ବକୁ ଶ୍ରଦ୍ଧାର ସହ ପାଳନ କରିପାରିଛନ୍ତି ବୋଲି ସେମାନେ ସୂଚନା ଦେଇଛନ୍ତି । ଅନ୍ୟବର୍ଷ ମାନଙ୍କରେ ଇଦ୍ ସମୟରେ ଲୋକାରଣ୍ୟ ହୋଇଯାଉଥିବା ମସଜିଦ୍‌ଗୁଡ଼ିକ କରୋନା ସଂକ୍ରମଣ ଆଶଙ୍କା ଓ ସରକାରୀ କଟକଣା ପାଇଁ ସମ୍ପୂର୍ଣ୍ଣ ଜନଶୂନ୍ୟ ରହିଥିଲା ।

## କଟକରୁ ପୁଣି ୪୩ କରୋନା ପଜିଟିଭ୍ ଚିହ୍ନଟ

କଟକ/ଭୁବନେଶ୍ୱର, ୦୧ ଅଗଷ୍ଟ - କଟକ ମହାନଗର ନିଗମ ଅଂଚଳରୁ ଶନିବାର ଆଉ ୪୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩୨ କ୍ୱାରେଂଟାଇନ୍ ଓ ୧୧ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । ସିଏମସିର ସୂଚନା ଅନୁଯାୟୀ ମାଲଗୋଦାମ ବେହେରା ସାହିରୁ ୧୪ ଜଣ, ପୁରୁଣା ରାଉସାପାଟଣାରୁ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ପୂର୍ବରୁ ମଧ୍ୟ ଏହି ଅଂଚଳରୁ ପଜିଟିଭ୍ ଠାବ ହୋଇଥିବାରୁ ଉଭୟ ଅଂଚଳକୁ କଂଟେନମେଂଟ୍ ଜୋନ୍ ଘୋଷଣା କରାଯାଇଛି । ସେହିପରି ୧୧ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ୨ ଜଣ କୋଭିଡ୍ ଯୋଦ୍ଧା ରହିଛନ୍ତି । ଏଥିସହିତ କଟକ ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୪୯କୁ ବୃଦ୍ଧି ପାଇଛି । ସେମାନଙ୍କ ମଧ୍ୟରୁ ୪୭୮ ଜଣ ସୁସ୍ଥ ହୋଇଥିବା ବେଳେ ୧୦ ଜଣଙ୍କର ମୃତ୍ୟୁ ଘଟିଛି ।

# ଗୋଟିଏ ଦିନରେ ଆଉ ୧୬୦୨ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୩୩୪୭୯କୁ ବୃଦ୍ଧି




ଭୁବନେଶ୍ୱର,୧୮ (ନି.ପ୍ର): ରାଜ୍ୟରେ ଆଉ ୧୬୦୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୩୩୪୭୯ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୬୦୨ ଜଣଙ୍କ ମଧ୍ୟରୁ ୯୯୩ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୬୦୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ୩୦୮ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୫ , ବାଲେଶ୍ୱର ଜିଲ୍ଲାରେ ୨୯ ଜଣ, ବରଗଡ ଜିଲ୍ଲାରେ ୧୩, ଭଦ୍ରକ ଜିଲ୍ଲାରେ ୨୦ ବଲାଙ୍ଗୀର ଜିଲ୍ଲାରେ ୩୮, ବୌଦ୍ଧ ଜିଲ୍ଲାରେ ୯ କଟକ ଜିଲ୍ଲାରେ ୫୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୪୯, ଗଜପତି ଜିଲ୍ଲାରେ ୧୦୮, ଜଗତସିଂହପୁର ଜିଲ୍ଲାରେ ୧୯, ଯାଜପୁର ଜିଲ୍ଲାରେ ୪୪. ଝାରସୁଗୁଡା ଜିଲ୍ଲାରେ ୭, କଳାହାଣ୍ଡି ଜିଲ୍ଲାରେ ୩୦. କନ୍ଧମାଳ ଜିଲ୍ଲାରେ ୪୫, କେନ୍ଦ୍ରାପଡା ଜିଲ୍ଲାରେ ୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୩୧, ଖୋର୍ଦ୍ଧା ଜିଲ୍ଲାରେ ୨୮୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୪୬ ଜଣ, ମାଲକାନଗିରି ଜିଲ୍ଲାରେ ୩୦ , ମୟୁରଭଂଜ ଜିଲ୍ଲାରେ୩୯, ନବରଙ୍ଗପୁରରେ ୯, ନୟାଗଡ ଜିଲ୍ଲାରେ ୩୩, ନୂଆପଡା ଜିଲ୍ଲାରେ ୫, ପୁରୀ ଜିଲ୍ଲାରେ ୫୦ , ରାୟଗଡା ଜିଲ୍ଲାରେ ୧୬୨, ସମ୍ବଲପୁର ଜିଲ୍ଲାରେ ୩୯, ସୋନପୁର ଜିଲ୍ଲାରେ ୬ ତଥା ସୁନ୍ଦରଗଡ ଜିଲ୍ଲାରେ ୬୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo